GOVERNMENT OF INDIA
NATIONAL LIBRARY, CALCUTTA

Or

Class No. 891.451

Book No. A515ka

N. L. 38.

MGIPC—S1—36 LNL/60—14-9-61—50,000.

# କୈବର୍ତ୍ତ ଗୀତା ।

କୈବର୍ତ୍ତ ଦାସରାଜାର ଜନ୍ମ କର୍ମ ବିଷୟରେ
ଶ୍ରୀ ହରି ଅର୍ଜ୍ଜୁନଙ୍କ କଥୋପକଥନ ।

୰ ପଣ୍ଡିତ ଗୋବର୍ଦ୍ଧନରଥଙ୍କ ଦ୍ୱାରା ସଂଗୃହୀତ ।
ଶ୍ରୀ ଲୋକନାଥ ରଥଙ୍କଦ୍ୱାରା
ଦ୍ୱିତୀୟବାର ପ୍ରକାଶିତ ।

**Printed by V. Kar,**
THE UTKAL SAHITYA PRESS,
**Cuttack.**
**1924.**

ମୂଲ୍ୟ ଛଅଣା ମାତ୍ର ।

# ଶ୍ରୀକୈବର୍ତ୍ତ ଗୀତା ।

## ପ୍ରଥମ ଅଧ୍ୟାୟ ।

ବନ୍ଦଇଁ ଶ୍ରୀ ଗଣପତି ଅମ୍ବିକାନନ୍ଦନ । ପାଶ ଯେ ଅଙ୍କୁଶ ବେନି କରେ ଶୋଭିବନ ॥
ପୃଥୁଳ ଜଠର ଶୋଭି ଗଜର ବଦନ । ଅମୃତମଣୋହି ପାଶେ ଦୋଷ ତୋର ମନ ॥
ସକଳ ଯଜ୍ଞ ଆରମ୍ଭେ ତୋହର ଯେ ପୂଜା । ଉତ୍ତରୀ ଦୋସର ହାର କଣ୍ଠେ ନାଗରାଜା ॥
ସିନ୍ଦୂରବରନ ତନୁ ଅତି ଶୋଭିବନ । ଧବଳବରନ ନାଥ ତୋହର ବଦନ ॥
ତୋହର ମହିମା ନାଥ ମୁଖେ କେବା କହି । ଧରଣୀ ମଧ୍ୟରେ ଅଛ ନରଦେହ ବହି । ୫ ॥
ମୋହରେ ସୁଦୟା କର ନମୋ ଗଣନାଥ । ଶ୍ରୀକୃଷ୍ଣ ଚରିତ ବର୍ଣ୍ଣି କରିବଇଁ ଗ୍ରନ୍ଥ ॥
ନମୁଁ ଦେବ ଲମ୍ବୋଦର ତୋର ଶ୍ରୀପଦ୍ମରେ । ତୋହର କୃପାରେ ଗ୍ରନ୍ଥ କରିବ ସହରେ ॥
ନମଇଁ ଯେ ଆଦିନାଥ ତୋହର ଚରଣ । ଦେବକୀନନ୍ଦନ ପ୍ରଭୁ ପରମକାରଣ ॥
ଜୟ ଜୟ ଜଗନ୍ନାଥ ଜୟ ଗଦାଧର । କଂସ କେଶୀ ନାଶିଣ ଯେ ପୃଥ୍ୱୀଭାର ହର ॥
ଆଦ୍ୟ ଅବତାରେ ହରି ମୀନରୂପ ଧରି । ପ୍ରଳୟ ଜଳରେ ଶଙ୍ଖାସୁରଙ୍କୁ ସଂହାରି । ୧୦ ।
ବେଦ ଉଦ୍ଧରିଣ ଆଣି ବିଧାତାଙ୍କୁ ଦେଲ । ଏ ତିନିଭୁବନେ ପ୍ରଭୁ ଧର୍ମ ଯେ ସ୍ଥାପିଲ ॥
ଦ୍ୱିତୀୟେ କୂରୁମରୂପ ହୋଇଲ ମୁରାରି । ମନ୍ଦର ବହିଲ ପୃଷ୍ଠେ ତୃଣ ପ୍ରାୟେ କରି ॥
ଅନନ୍ତବାସୁକ ରଜ୍ଜୁ ମେରୁ ଖୁଆ କରି । ସମୁଦ୍ର ମନ୍ଥିଲ ଦେବାସୁର କରେ ଧରି ।
ଅଇରାବତ ହସ୍ତୀ ଯେ ବେନିଗୋଟି ନାଥ । ସମୁଦ୍ର ଭିତରୁ ସେହୁ ହୋଇଲେକ ଜାତ ॥
ଉଚ୍ଚୈଃଶ୍ରବା ଦେଲ ପ୍ରଭୁ ଇନ୍ଦ୍ର ଯେ ରାଜାଙ୍କୁ । ଧରଣୀରେ ବୃଷ୍ଟି କରି ପାଳେ ପରଜାଙ୍କୁ ॥
ପୁଣିହିଁ ଜନ୍ମ ଲଭନ୍ତି ପାରିଜାତ ମାଳ । ପୁଣି ଉପୁଜିଲ ତହୁଁ ବିଷକାଳାନଳ । ୧୬
ସମୁଦ୍ରମନ୍ଥନେ ସେହୁ ହୋଇଲେକ ଜାତ । ନବରତ୍ନ ଭୁଲେ ଲକ୍ଷ୍ମୀ ଅମୃତ ସମୂତ ॥
ବାରୁଣୀ ଅବର ଜାତ ବିଷକାଳାନଳ । ସଂସାର ଦହନ ଏହୁ କରିବ ସକଳ ॥
ବ୍ରହ୍ମା ବୋଇଲେ ଶିବ ବିଷ ତୁମ୍ଭଙ୍କୁ ଯୋଗାଏ । ତୁମ୍ଭର ଗର୍ଭରେ ସର୍ବ ବିଷ ଭସ୍ମ ଯାଏ ॥
ବ୍ରହ୍ମାଙ୍କ ବଚନ ଶିବ ସନ୍ତୋଷ କଲେ । କାଳାନଳ ବିଷ ପ୍ରଭୁ ଶିବ ହସ୍ତେ ଦେଲେ ॥
ବିଷ ଯେ ଭକ୍ଷିଲେ ଶିବ ଗର୍ଭେ ଭସ୍ମ ହେଲା । ଅଲପମାତ୍ରକ ବିଷ କଣ୍ଠରେ ରହିଲା । ୨୧ ।

କଣ୍ଠେ ଲାଗି ବିଷଜ୍ୱାଳା କଲା ଯେ ଶରୀର । କଣ୍ଠଯାକ ନୀଳବର୍ଣ୍ଣ ଦିଶିଲା ତାଙ୍କର ॥
ତେଣୁକରି ନୀଳକଣ୍ଠ ନାମ ଯେ ବହିଲେ । ବିଷଜ୍ୱାଳା ତେଜରେ ସେ ଜଳରେ ବୁଡିଲେ
ଶୀଘ୍ରକୁ ଉଠିଲେ ମଥା ଭ୍ରମ ଯେ କରଇ । ତେଣୁକରି ଜଳ ଶିବ ଛାଡି ନ ପାରଇ ॥
ଜଳର ଭିତରେ ପୁଣି ଗୃହ ଯେ ବାନ୍ଧିଲେ । ସଂସାରର ଜନେ ତହିଁ ପୂଜାବିଧି କଲେ ॥
ଅହର୍ନିଶି ଜଳ ତାଙ୍କ ଶିରରେ ଢାଳଇ । ତେଣୁକରି ବିଷଜ୍ୱାଳା ନିବର୍ତ୍ତି ହୁଅଇ । ୨୫।
ଅନନ୍ତବାସୁକି ଅଙ୍ଗେ ମଦନର ଜ୍ୱାଳା । ବିନ୍ଦୁ ଉଛୁଳି ସମୁଦ୍ର କଲ୍ଲୋଳେ ପଡିଲା ॥
ବିନ୍ଦୁ ପଡ଼ନ୍ତେ ତହିଁରୁ ଉପୁଜି ଢଙ୍କାଲେ । ନାନାବିଧ ବର୍ଣ୍ଣେଣ ବୃକ୍ଷ ଉଠିଲେ ସେ ଜଳେ
ସପ୍ତଦ୍ୱୀପା ପୃଥିବୀରେ କାନନ ଘୋଟିଲା । ଅନନ୍ତବାସୁକି ରଜ୍ଜୁ ମେରୁ ଖୁଆ ହେଲା ॥
କୂର୍ମରୂପେ ମେରୁ ତୋଳି ଧଇଲ ପୃଷ୍ଠରେ । ସମୁଦ୍ରମନ୍ଥନ କଲ ଯେନ ଦେବାସୁରେ ।୩୦।
ନମଇଁ ଯେ କାଳରୂପୀ ଦେବ ଭଗବାନ । ଦନ୍ତ ଅଗ୍ରେ ପୃଥିବୀ ଧଇଲ ନାରାୟଣ ॥
ନମଇଁ ଯେ ନରସିଂହ ରୂପ ଭୟଙ୍କର । ନଖ ଅଗ୍ରେ ବିଦାରିଲ ହିରଣ୍ୟ ଶରୀର ॥
ପ୍ରହ୍ଲାଦ କୁମରଙ୍କୁ ସ୍ୱର୍ଗେ ଇନ୍ଦ୍ର କରି । ପୃଥିବୀ ଭାରଭର ହରି ଦେବଙ୍କୁ ଉଦ୍ଧରି ॥
ନମଇଁ ତ୍ରିପୁରବ୍ୟାପୀ ବାମନସ୍ୱରୂପୀ । ତିନପାଦ ଦାନେ ବଳି ପାତାଳକୁ ଚାପି ॥
ଇନ୍ଦ୍ର ମନ ହରଷ ଯେ ନିସ୍ତାରି ତ୍ରିଦଶ । ଅଶେଷ ବ୍ରହ୍ମାଣ୍ଡର ଯେ ଭାର କଲ ଶେଷ ॥
ନମଇଁ ଯେ ଭୃଗୁପତି ପର୍ଶୁରାମ ବୀର । ଏକବିଂଶ ବାର ଯେ କାଟିଲ କ୍ଷତ୍ରି ଶିର ।୩୫॥
ରୁଧିରେ ତର୍ପଣ କରି ଶତ୍ରୁ ଦର୍ପ ହରି । ଦୁଷ୍ଟଜନ ନିବାରଣ ସନ୍ଥଙ୍କୁ ଉଦ୍ଧରି ॥
ଦଶରଥ ଘରେ ରାମରୂପେ ଅବତାର । ଜାନକୀ ଛଳେ କାଟିଲ ଦଶଗ୍ରୀବ ଶିର ॥
ନମଇଁ ଅନନ୍ତ ହଳଧର ଅବତାର । ଘୋର ଦାନବ ସଂହାରି ପୃଥିବୀଭାର ହରି ॥
ନମଇଁ ଯେ ପ୍ରଭୁ ତୁମ୍ଭ ବୌଦ୍ଧ ଅବତାର । ଅଶେଷ ମଙ୍ଗଳ କରି ପ୍ରାଣିମାନଙ୍କର । ୪୦
ଜୟ ଜୟ ଜଗନ୍ନାଥ କଳ୍କିରୂପ ଧରି । ମ୍ଳେଚ୍ଛ ସଂହାରଣ କରି କରେ ଖଡ୍ଗ ଧରି
ଏ ବିଧିରେ ହୁଅ ପ୍ରଭୁ ଦଶଅବତାର । ଦୁଷ୍ଟଙ୍କୁ ନିବାରି ତ୍ରିଭୁବନ ଭାର ହର
ଧର୍ମ ସ୍ଥାପି ସନ୍ଥ ପାଳ ଦୁଷ୍ଟଙ୍କୁ ସଂହାର । ବୈବସ୍ୱତ ମନ୍ୱନ୍ତରେ ଦ୍ୱାପର ମଧ୍ୟ[illegible]
ଦ୍ୱାରକାଭୁବନେ ବଜେ କୃଷ୍ଣ ହଳଧର । ତ୍ରିଭୁବନନାଥ ତୁମ୍ଭେ[illegible]
ପାଣ୍ଡବଙ୍କ ପୁରେ ଯେ ମିଳିଲ ଭଗବାନ । ଦେଖିଣ ଧର୍ମଯୁଧିଷ୍ଠି[illegible]
ଶ୍ରୀକୃଷ୍ଣଙ୍କୁ ଦେଖି ପାର୍ଥ ନମସ୍କାର କଲେ । ନକୁଳ ସହଦେବ [illegible]
ଦେଖିଣ କଲେକ ମାନ୍ୟ ଯେ ଯାହା ଉଚିତ । ସଭା ମଧ୍ୟେ ବସାଇଣ[illegible]
ସମସ୍ତ କୁଶଳ ବୋଲି ଶ୍ରୀକୃଷ୍ଣ ବୋଇଲେ । ଶୁଣି ଧର୍ମଯୁଧିଷ୍ଠିର ସ[illegible]
ଶ୍ରୀକୃଷ୍ଣଙ୍କୁ ଗୃହିଣ ପୁଚ୍ଛନ୍ତି ଧର୍ମରାୟେ । ରାଜସୂୟ ଧର୍ମ ଯଜ୍ଞ କା[illegible]
ଲକ୍ଷେ ରାଜାଙ୍କୁ ମୁଁ କରିବଇଁ ନିମନ୍ତ୍ରଣ । ବ୍ରହ୍ମାଦି ଦେବତା ଅ[illegible]

ଦଣ୍ଡୀ ସନ୍ନ୍ୟାସୀ ଭିକ୍ଷୁକ ବୈଷ୍ଣବ ବ୍ରାହ୍ମଣ । ଭୋକ୍ତା ଶୋଷୀ ଦୁଃଖୀ ଆଦ ଅଭ୍ୟାଗତମାନ
ଯେତେକ ମିଳିବେ ଆସି ଯଜ୍ଞର ନିମନ୍ତେ । ନିଜେ ଦିଅ ନିଅ ଯେ କରିବ ଏ ସମସ୍ତେ ॥
ଏହି କଥା ବୁଝାଇ କହିବା ନାରାୟଣ । ଲକ୍ଷେ ରାଜା ଅଲଙ୍କାର ଅନ୍ନ ବସ୍ତ୍ରମାନ ॥
ଯେ ଯେମନ୍ତ ମେଲାଣି ତା କରିବ ତେମନ୍ତ । ମୋହରେ ଏ କଥାମାନ ନୋହିବ ଶ୍ରୀବନ୍ତ ॥
ତୁମ୍ଭେ ସର୍ବଅନ୍ତର୍ଯ୍ୟାମୀ ସର୍ବଭୂତେ ପୂର । ତୁମ୍ଭେ ସେ ଭଣ୍ଡାରେ ପ୍ରଭୁ ହେବ ଅଧିକାରୀ ॥
ତେବେ ସିନା ପତି ସେ ପାଇବେ ସମସର । ତୁମ୍ଭେ ସିନା ସର୍ବଠାରେ ଅଛ ଅଧିକାରୀ ।୫୬
ତୁମ୍ଭରେ ନୋହିଲେ କୃଷ୍ଣ କରୁଛି ନୋହିବ । କେ ଅବା ପାଇବ କେହୁ ଉପବାସେ ଯିବ ॥
କେ ଅବା ବିମୁଖେ ଯିବ ଅଭିଶାପ କରି । ସକଳ ଧରମ ସିନା ବୁଡିବ ମୋହର ॥
ଶୁଣିଣ ଶ୍ରୀକୃଷ୍ଣ ବିମ୍ବାଧରେ ମନ୍ଦେ ହସି । ଏ କଥାକୁ ଚିନ୍ତା କପାଁ କରୁ ପଣ୍ଡୁଶିଷି ॥
ସୁବର୍ଣ୍ଣ ଆସନେ ବସି ଜଗତି ଉପରେ । ଭଣ୍ଡାର ପରୀକ୍ଷପଣେ ଥିବ ଯେ ଛାମୁରେ ।୬୦।
ସର୍ବଘଟେ ସୂତ୍ରଧାରୀ ମୁହିଁ ସିନା ପୂର । ଯେ ଯେମନ୍ତ ତୋଷ ହେବେ ତେମନ୍ତ ମୁଁ କରି
ଶୁଣିଣ ଧର୍ମନନ୍ଦନ ସନ୍ତୋଷ ହୋଇଣ । ଯଜ୍ଞର ଉତ୍ସବ ବଧି ଚଳେକ ଭିଆଣ ॥
ଏଥୁଅନ୍ତେ ଘୃତ ନେଇ ଅଗ୍ନି ମୁଖେ ଦେଲେ । ଯଜ୍ଞବଧି ଦଶ ଦିନେ ସମ୍ପୂର୍ଣ୍ଣ ସେ କଲେ ॥
ଲକ୍ଷେକ ରାଜାଙ୍କୁ ଅନ୍ନ ବସ୍ତ୍ର ଅଲଙ୍କାର । ପାତ୍ର ମନ୍ତ୍ରୀ ଅମାତ୍ୟ ଯେ ପଦାତି ସକଳ ॥
ଦେବତା ବ୍ରାହ୍ମଣ ଦାସ ବୈଷ୍ଣବ ଅତିଥି । ବାନପ୍ରସ୍ଥ ଭାଟ ଯେ ଭିକାରୀ ଦୁଃଖୀ ସୁଖୀ ।୬୫।
ସମସ୍ତ ମେଲଣି କଲେ ଧର୍ମଙ୍କ ନନ୍ଦନ । କୈବର୍ତ୍ତ ଦାସ ରାଜାକୁ କହିକ ରାଇଣ ॥
ରତ୍ନ ବସ୍ତ୍ର ଅଲଙ୍କାର ଶାଢ଼ୀ ବଳା ଦେଇ । ଆଜ୍ଞା ଦେଲେ ଯାଅ ତୋ ରାଜ୍ୟକୁ ବେଗହୋଇ
ସବୁଦିନେ ଆମ୍ଭର ଯେ ଉପକାରୀ ଅଛୁ । ବେଳକାଳ ଜାଣିଣ ତୁ ଆମ୍ଭ ମନ ରଖୁ ॥
ଏମନ୍ତେଣ ଦାସରାଜା ମେଲାଣି ମାଗିଲା । ପାଦ୍ୟେ ପଡି ଉଭା ହୋଇ ଶିରେ କର ଦେଲା
ଆପଣାର ସୈନ୍ୟ ବଳ ଘେନି ବୋଇତରେ । ସିଂହଳ ଦେଶକୁ ରାଜା ଗଲା ଖରତରେ ॥
ଅର୍ଜୁନ ଯେ ଦେଖୁଥିଲେ ନୃପତି ଛାମୁର । ମନେ ବିଚାରିଲେ ଏହା କେମନ୍ତ ବେଭାର ॥
[illegible] ପିନ୍ଧିଥିଲେ ମହା ମହାରାଜ । କାହାକୁ ସମସ୍ୟା ନାହିଁ ଧର୍ମଙ୍କ ତନୁଜ ॥
[illegible] ଦେଖିଲଇଁ ମୁହିଁ । କାହା କୋଳେ ଦାସରାଜା ଜନମ ଯେ ହୋଇ
[illegible] ଶ୍ରୀହରି ଛାମୁର । ତେବେ ସିନା ଫିଟିବ ଏ ସନ୍ଦେହ ମୋହର ॥
ସମୁଦ୍ର [illegible] ସକଳେ ଘରେ ଗଲେ । ଶ୍ରୀକୃଷ୍ଣଙ୍କୁ ଅର୍ଜୁନ ଯେ ଏକାନ୍ତେ ପୁଚ୍ଛିଲେ ॥
ବାରୁଣୀ [illegible] ପ୍ରଭୁ ସର୍ବଅନ୍ତର୍ଯ୍ୟାମୀ । କଥାଏ ପୁଚ୍ଛିବି ଯେ ଶୁଣିମା ଦେବସ୍ୱାମୀ ॥
ବୃହନ୍ନା ବୋଲେ [illegible] ଏକ ଅଛଇ ସଂଶୟ । ତୁମ୍ଭେ ମହାପ୍ରଭୁ ତାହା ବିଚାରିଣ କହ ॥
ବୃହନ୍ନାର ବଚନେ [illegible] ପାର୍ଥ କହ ଯେ ଆମ୍ଭଙ୍କୁ । କେଉଁ କଥା ଉବାର ଯେ ହୋଇଛି ତୁମ୍ଭଙ୍କୁ
ହସ ଯେ ଭନ୍ତି [illegible] ପ୍ରଭୁ ଶୁଣ ସାବଧାନ । ତୁମ୍ଭ ପଦ୍ମପାଦ ତଳେ ରହୁ ମୋର ମନ ॥

ଯାହା ଯେତେବେଳେ ମୁହିଁ କରଇ ପ୍ରକାଶ । ସବୁ ମୋତେ ବୁଝାଇ କହୁଛ ପୀତବାସ ॥
ତେଣୁକରି ଭରସା ମୋ ଶ୍ରୀପଦ୍ମଚରଣ । ଭଣଇ ଅଚ୍ୟୁତ ଦାସ ରଖ ନାରାୟଣ ।୮୧।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ହରଅର୍ଜୁନ-
ସମ୍ବାଦେ କୈବର୍ତ୍ତଦାସରାଜା ଚରିତେ ନାମ ପ୍ରଥମୋଽଧ୍ୟାୟଃ ।

---

## ଦ୍ୱିତୀୟ ଅଧ୍ୟାୟ ।

### ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ଦାସରାଜା ଆଦ୍ୟ ପ୍ରାନ୍ତ କହସି ବୁଝାଇ ॥
କେମନ୍ତ ପ୍ରକାରେ ସେହୁ ହୋଇଲାକ ଜାତ । କୈବର୍ତ୍ତ ବୋଲିଣ ନାମ କେମନ୍ତେ ବିଖ୍ୟାତ ॥
କି କି କର୍ମ କରଇ ସେ କେବଣ ବିଗ୍ରହ । ଏହୁ କଥା ବୁଝାଇ କହିବା ଚକ୍ରଧର ॥
ସିଂହଳ ଦ୍ୱୀପରେ ସେ କେମନ୍ତେ ହେଲା ରାଜା । ଏଥିର ସନ୍ଦେଶ ମୋତେ କହ ଦେବରାଜା ॥
ତବ ମୁଖୁଁ ଶୁଣି ମୋ ସଂଶୟ ଦୂର ହେଉ । ତୁମ୍ଭର ଶ୍ରୀମୁଖ ବାକ୍ୟ ଯୁଗେ ଯୁଗେ ଥାଉ ॥

### ଶ୍ରୀ ଭଗବାନ ଉବାଚ ।

ଶୁଣିଣ ଶ୍ରୀକୃଷ୍ଣ ହସି ବୋଲନ୍ତି ବଚନ । ଅନେକ କଳ୍ପର କଥା ଶୁଣ ହୋ ଅର୍ଜୁନ ॥
ଏକସ୍ତରି ଗଣ୍ଡା ଯୁଗେ ଏକ ମନୁ ହୋଇ । ଚଉଦ କଳ୍ପ ମନୁରେ ବ୍ରହ୍ମକଳ୍ପ କହି ।୭।
ଅଠରସହସ୍ର ଯୁଗରେ ବ୍ରହ୍ମା ରାତ୍ର ଦିନ । ଦିବସେ ସର୍ଜଇ ରାତ୍ରେ କରଇ ଶୟନ ॥
ଚାରିସହସ୍ର ଯୁଗ ବ୍ରହ୍ମା ବ୍ରହ୍ମଲୋକେ ଶୋଇ । ଜୀବଜନ୍ତୁ ସ୍ଥାବର ପତଙ୍ଗ ନାଶ ଯାଇ ॥
ଆବର୍ତ୍ତକ ସମ୍ବର୍ତ୍ତକ ଦ୍ରୋଣ ଯେ ପୁଷ୍କର । ଚାରି ମେଘ ଘୋଟିଣ ଯେ ବରଷନ୍ତି ଜଳ ॥
ହସ୍ତିଶୁଣ୍ଡ ପ୍ରମାଣେ ଯେ କରେ ଘୋର ବୃଷ୍ଟି । ସମୁଦ୍ର ପୂରିଣ ଜଳ ଆକାଶକୁ ଉଠି ॥
ଭୂଲୋକ ଯେ ଭବଲୋକ ସ୍ୱର୍ଗଲୋକ ବଳ । ମହର୍ଲୋକ ଯାଏ ଗଲା ପ୍ରଳୟ ଉଚ୍ଛୁଳ ॥
ଚନ୍ଦ୍ର ସୂର୍ଯ୍ୟ ଇନ୍ଦ୍ର ଆଦି ଦଶଦିଗପାଳ । ସକଳେ ଜଳେ ବୁଡିଲେ ଶୁଣ ପଣ୍ଡୁବାଳ ॥
ଏ ସର୍ବ ପ୍ରଳୟେ ଗଲେ କଳ୍ପବଟ ଥାଇ । ମହାପ୍ରଳୟ ହୋଇଲେ ବଟ ନ ବୁଡ଼ଇ ॥
ଜଳ ଯେତେ ହୁଅଇ ବଟ ତେତେ ବଢ଼ଇ । ସେ ବଟରେ ବିଶ୍ରାମ କରଇ ମୁହିଁ ଯାଇଁ ।୧୫।
ଅର୍ଜୁନ ବୋଇଲେ ପ୍ରଭୁ ଶୁଣିବା ଶ୍ରୀବତ୍ସ । ଏମନ୍ତ ପ୍ରକାରେ ବଟ କେଉଁଠାରେ ଅଛୁ ॥

### ଶ୍ରୀ ଭଗବାନ ଉବାଚ ।

ଶ୍ରୀହରି ବୋଇଲେ ପାର୍ଥ ସାବଧାନେ ଶୁଣ । ସପ୍ତଦ୍ୱୀପ ମଧ୍ୟେ ଶ୍ରେଷ୍ଠ ଜମ୍ବୁଦ୍ୱୀପ ପୁଣ ॥
ମେରୁର ଦକ୍ଷିଣଭାଗେ ଭରତଖଣ୍ଡ ଖାର । ସିନ୍ଧୁର ଉତ୍ତର ଦିଗେ ନୀଳ ଗିରିବର ॥

ଶଙ୍ଖନାଭିମଣ୍ଡଳ ମଧ୍ୟରେ ତାର ମୂଳ । ପାଞ୍ଚ କୋଶ ମାତ୍ର କଳ୍ପତରୁର ବିସ୍ତାର ॥
ପ୍ରଳୟ ହୋଇଲେ ମୁଁ ବିଶ୍ରାମ କରେ ତହିଁ । ଜଳ ଅଗ୍ନି ପବନ ତହିଁକି ନ ଲାଗଇ ।୨୦।
ଆମ୍ଭେ ସେ ବଟର ମୂଳେ ବସି କଲୁଁ ସ୍ତୁତି । ଶୃଙ୍ଗ ଯେ ଗୋଟିଏ ଖସି ପଡ଼ିଲା ତତ୍କ୍ଷଣି ॥
ସେ ବଟପତ୍ରରେ ଆମ୍ଭେ ବଜେ ଚଢ଼ିଲୁଁ ଯାଇଁ । ସେ ପ୍ରଳୟଜଳେ ବଟପତ୍ର ଯେ ଭାସିଲା ॥
ପବନର ଘାତେ ସେ ଯେ ଉଚ୍ଛୋଳଇ ବାରି । ଟଳ ଟଳ ହୋଇ ଶୃଙ୍ଗେ ଲହରୀ ଯେ ମାରି ॥
ସେ ବଟପତ୍ରରେ ଆମ୍ଭେ ଯୋଗନିଦ୍ରା ଯାଇ । ଲହରୀ ଶୃଙ୍ଗରେ ବାଜି କମ୍ପେ ଆମ୍ଭ ଦେହା ॥
ଏମନ୍ତ ଦେଖିଣ ମନେ କଲୁଁ ଚିନ୍ତା ବିସ୍ତର । କେମନ୍ତ ପ୍ରକାରେ ବଟପତ୍ର ହେବ ସ୍ଥିର ॥
ଏମନ୍ତ ବୋଲିଣ କର୍ଣ୍ଣମୂଳ ଆଉଁସିଲୁଁ । ମଳ ଏକ ଉକୁଟିଲା ଜଳେ ପକାଇଲୁଁ ॥
ତତକ୍ଷଣେ ସେ ମଳରୁ ପୁରୁଷେ ଜନ୍ମିଲା । ସେ ଜଳେ ପହଁରି ବଟପତ୍ରକୁ ଧଇଲା ॥
ବଟର ପୂର୍ବଭାଗକୁ ଦେଲୁଁ ଆମ୍ଭେ ଚାହିଁ । ବଟଶୃଙ୍ଗ ଧରିଣ ପୁରୁଷେ ଅଛି ରହି ॥
ଆମ୍ଭେ ତାକୁ ପଚାରିଲୁଁ କି ନାମ ତୋହର । କେ ତୋହର ପିତା ମାତା କହ ମୋ ଛାମୁର ॥
ସେ ପୁରୁଷ ବୋଇଲା ହେ ଶୁଣିମା ଗୋସାଇଁ । କେ ମୋହର ମାତା ପିତା ମୁହିଁ ନ ଜାଣଇଁ ॥
ତୁମ୍ଭେ ଯେ ମୋହର ପିତା ବଜେ ବଟପତ୍ର । ତୁମ୍ଭଙ୍କୁ ମୁଁ ଦେଖିଲି କାହାର ନାହିଁ ଭେଟ ॥
ଶ୍ରୀହରି ବୋଇଲେ ପୂର୍ବେ ଆମ୍ଭର ବଚନ । କଇବର୍ତ୍ତ ଦାସରାଜା ହେଉ ତୋର ନାମ ॥
ପ୍ରଳୟଜଳରେ ଆମ୍ଭେ ଶୋଇ ନ ପାରିଲୁଁ । ତେଣୁକରି କର୍ଣ୍ଣମୂଳୁ ତୋତେ ଜାତ କଲୁଁ ॥
କର୍ଣ୍ଣମୂଳୁଁ ଜାତ ତୋର ଜାତି କଇବର୍ତ୍ତ । କଇବର୍ତ୍ତ ଦାସରାଜା ନାମ ତୋ ବିଖ୍ୟାତ ॥
ଆଜ୍ଞା ପରମାଣେ ଆସି ବସ ଶୃଙ୍ଗପର । କଣ୍ଡିଆର ଧର ବଟପତ୍ର ହେଉ ସ୍ଥିର । ୩୫ ।
କଇବର୍ତ୍ତ ଦାସ ବୋଲେ ଶୁଣିମା ଗୋସାଇଁ । ମୋର ବସିବାକୁ ଏଥି ଠାବ ଦିଶୁ ନାହିଁ ॥
ତୁମ୍ଭେ ତ ବଟପତ୍ରରେ ଶୟନ କରିଛ । କାହିଁ ବସି କଣ୍ଡିଆର ଧରିବ ଶ୍ରୀବତ୍ସ ॥
ମୁହିଁ ତ ଜଳରେ ଅଛି ଧରି ବଟଶୃଙ୍ଗ । କାହିଁ ବସି କଣ୍ଡିଆର ଧରିବ ଶ୍ରୀରଙ୍ଗ ॥
ତେଣୁକରି ତାହାକୁ ଯେ ବଟେ ଠାବ ଦେଇ । ବସିକରି ଏଥେ କଣ୍ଡିଆର ଧର କହି ॥
ଶୁଣି କଇବର୍ତ୍ତ ଯେ ବସିଲା ଶୃଙ୍ଗମୂଳ । କିଛି ତ ଏଥିରେ ନାହିଁ କାଠ କେରୁଆଳ ॥
କାହା ଘେନି କଣ୍ଡିଆର ଧରିବଇଁ ମୁହିଁ । କେମନ୍ତେ ନିଶ୍ଚଳ ହେବ କହ ଭବଗ୍ରାହୀ ॥
ଏହା ଶୁଣି ବେଣୁଦଣ୍ଡ ଦେଲୁଁ ଯେ ବଢ଼ାଇ । ବେଣୁଦଣ୍ଡ କଣ୍ଡିଆର ଧର ବେଗେ ଯାଇ ॥
ଆଜ୍ଞା ପରମାଣେ ବେଣୁଦଣ୍ଡ ବେଗ କରି । ଜଳେ ପକାଇଣ ଦଣ୍ଡ ଶୃଙ୍ଗମୂଳେ ଧରି ॥
ବେଣୁଦଣ୍ଡ ଦାସରାଜା ଶୃଙ୍ଗେ ଯେ ଧଇଲା । ଅଚ୍ୟୁତାନନ୍ଦ ଯେ ଏହା ଗୀତରେ ଗାଇଲା ॥

ଇତି ଶ୍ରୀ କୈବର୍ତ୍ତଗୀତାସୁ ଦୈବ୍ୟସିଦ୍ଧ୍ୟାଂ ପାରମହଂସସଂହିତାୟାଂ ହରିଅର୍ଜୁନ-
ସମ୍ବାଦେ କୈବର୍ତ୍ତଦାସରାଜାଜନ୍ମକଥନେ ବଟପତ୍ରସମ୍ବାଦେ ନାମ ଦ୍ୱିତୀୟୋଽଧ୍ୟାୟଃ ॥

———

## ତୃତୀୟ ଅଧ୍ୟାୟ ।

ଶ୍ରୀ ଭଗବାନ ଉବାଚ ।

ଶୁଣ ହୋ ଅର୍ଜୁନ ବଟପତ୍ରର ବସ୍ତୃର । ତେବେହେଁ ସେ ବଟପତ୍ର ନୋହିଲାକ ସ୍ଥିର ॥
ତାହା ଦେଖି ଆମ୍ଭେ ଯେ ବସ୍ତୃର କଲୁଁ ମନ । ଆଜ୍ଞାରେ ବଟରୁ ପତ୍ର ଖସିଲା ବହଳ ॥
ସେ ବଟର ପତ୍ର ଦେଲୁଁ କଇବର୍ତ୍ତ କର । ବେଣୁଦଣ୍ଡେ ପତ୍ର ବାନ୍ଧ ଧର କର୍ଣ୍ଣଧର ॥
ଦାସରାଜା ବୋଇଲା ଯେ ଶୁଣିମା ଗୋସାଇଁ । କ ଯୋଗେ ବାନ୍ଧିବ ଯେ ଦଉଡ଼ି ଏଥି ନାହିଁ ॥
ତାହା ଶୁଣି କନ୍ଧୁ କାଢି ସୁବର୍ଣ୍ଣପଇତା । ନବଗୁଣ ପଇତା ଯେ ଦେଇଥିଲେ ଧାତା ॥
ନବଗୁଣ ପଇତାଟି ତ୍ରିଗୁଣ ମୋହଲ । ଏହା ଦେଇ ବାନ୍ଧ ବଟପତ୍ର ହେବ ସ୍ଥିର ॥
ମୋତ ଆଜ୍ଞା ପାଇ ବେଣୁଦଣ୍ଡେ ଯେ ବାନ୍ଧିଲା । ପ୍ରଳୟଜଳେ ପକାଇ ମାଡ଼ି ଯେ ବସିଲା ॥
ସ୍ଥିର ହୋଇଲାକ ବଟପତ୍ର ଯେଣୁ ତହିଁ । ଅନନ୍ତରେ ଶୟନ ଯେ କଲୁଁ ଆମ୍ଭେ ରହି ॥
ଅର୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ତୁମ୍ଭେ ବଟପତ୍ରରେ ଯେ କାଳେ ଥିଲ ଶୋଇ
ତୁମ୍ଭ ଦେହରେ ପବନ ତରଙ୍ଗ ବାଜଣ । କଇବର୍ତ୍ତ ଜାତ ହେଲା ଶ୍ରୀଅଙ୍ଗରୁ ପୁଣ । ୧୦ ।
ପୂର୍ବେ ଯେ କହିଲ ବଟପତ୍ରେ ମୋର ବାସ । ଜଳ ପବନ ଅଗ୍ନି ର ଯାଇ ନାନା ନାଶ ॥
ଶ୍ରୀମୁଖରୁ ଶୁଣି ମୋ ସଂଶୟ ଦୂର ଯାଉ । ଏହି କଥା ବୁଝାଇ କହିବା ମହାବାହୁ ॥
ଶ୍ରୀହରି ବୋଇଲେ ଶୁଣ ଧନଞ୍ଜୟ ବୀର । ଏଥିର ପରମ ସନ୍ଧି କହୁଁ ହେ ଆଗର ॥
ମନୁପ୍ରଳେ କଳ୍ପପ୍ରଳେ ବ୍ରହ୍ମପ୍ରଳେ ଭିନ । ଅଦ୍ୟନ୍ତ କରି କହିବା ଶୁଣ ଫାଲଗୁନ ॥
ଏକସ୍ତରିଗଣ୍ଡା ଯୁଗେ ମନୁ ଏକ ହୋଇ । ମନୁପ୍ରଳେ ହେଲେ ଜୀବଜନ୍ତୁ ନାଶ ଯାଇ ॥
ରାଜ୍ୟଭଙ୍ଗ ହୋଇ କେ କାହାକୁ ନ ମାନନ୍ତି । ଦର୍ପିଷ୍ଟ ରାଜନମାନେ ପର ବୃତ୍ତି ନ୍ୟନ୍ତି ॥
ରାଜ୍ୟ ନଷ୍ଟ ହୁଅଇ ନ ଥିଲେ ଚକ୍ରବର୍ତ୍ତୀ । ରାଜ୍ୟରେ ଦୁର୍ଭିକ୍ଷ ହେଲେ ଖଣ୍ଡେ ଯେ ମାତନ୍ତି
ଚଉଦ ମନୁରେ ଏକ ପ୍ରଳେ ବୋଲି କହି । ବ୍ରହ୍ମାଙ୍କୁ ରାତ୍ରେ ଦିବସେ ଅଟଇଟି ସେହି ॥
ଚାରିସସ୍ର ଯୁଗରେ ବ୍ରହ୍ମାଙ୍କୁ ଦିନେ ହୋଇ । ରାତ୍ରେ ଏ ସଙ୍ଖ୍ୟାରେ ବ୍ରହ୍ମା କଳ୍ପେ କଳ୍ପେ ଶୋଇ । ୧୯ ।
ବ୍ରହ୍ମାର ଶୟନେ ଚାରି ମେଘ ଧରି ଘୋଟି । ମୂଷଳଧାର ପ୍ରମାଣେ କରେ ଘୋର ବୃଷ୍ଟି ॥
ବ୍ରହ୍ମାଣ୍ଡ ପୂରଣ ଜଳ ଆକାଶକୁ ଯାଇ । ଛପନ କୋଟି ଜୀବଜନ୍ତୁ ଯେ ନାଶ ଯାଇ ॥
ଭୂଲୋକ ଯେ ଭୁବଲୋକ ସ୍ୱର୍ଲୋକ ଭିନ । ମହର୍ଲୋକ ଯାଏ ଗଲା ପ୍ରଳୟର ପାଣି ॥
ଦଶଦିଗପାଳ ଚନ୍ଦ୍ର ସୂର୍ଯ୍ୟ ଯାଇ ନାଶ । ସପ୍ତରୁ ସପ୍ତାଂଶ ଅବତାର ଶେଷ ॥
ମନୁପ୍ରଳେ କଳ୍ପପ୍ରଳେ କହିଲୁଁ ଯେ ବେନି । ବ୍ରହ୍ମାଣ୍ଡ ପ୍ରଳୟ ଏବେ ଶୁଣ ଫାଲଗୁନି ॥
ବ୍ରହ୍ମପ୍ରଳୟ ହେଲେ ବ୍ରହ୍ମାଣ୍ଡ ନାଶ ଯାଇ । ପୃଥ୍ୱୀ ଆପ ତେଜ ବାୟୁ ଆକାଶ ନ ଥାଇ ॥

ସେ ସର୍ବ ପଶନ୍ତି ଅସି ମୋହର ଦେହରେ । ମହତତ୍ତ୍ୱ ପଶଇ ସେ ପ୍ରକୃତି ଦେହରେ ॥
ପ୍ରକୃତି ଯେ ବନ୍ଧ୍ୟପୁଷ୍ଠ ଆଦ୍ୟ ମହାମାୟୀ । ନିରାକାର କୋଲ କରି ନିଦ୍ରା ସେହୁ ଯାଇ ॥
ସେ ପ୍ରକୃତି କେତେ କାଲେ ହୋଇ ଅବସାନ । ଈଶ୍ୱରପୁରୁଷ ଯେବେ ଦେହେଁ ହୋଇ ଲୀନ ॥
ସେହୁ ନିରାକାର ରୂପରେଖ ନାହିଁ ତାର । ଅଣଅକ୍ଷର ଯେ ଶୂନ୍ୟମଣ୍ଡଳ ଆକାର ॥
ଊର୍ମି ଧୂମ୍ର ଜ୍ୟୋତି ଜ୍ୱାଲା ଚଉପାଶେ ଧରି । ଭିନ୍ନଭିନ୍ନମଣ୍ଡଳ ତାହାର ମଧ୍ୟେ ପୂରି ।୩୦।
ତାହାର ମଧ୍ୟରେ ଅଗ୍ନିମଣ୍ଡଳ ତୁ ଜାଣ । ସେ ମଣ୍ଡଳ ଏକାକ୍ଷର ଯେଣୁ ବୋଲି ଶୁଣ ॥
ସେ ଅକ୍ଷର ଗୋଟି କାହିଁ ମିଶଇ ଯେ ନାହିଁ । ସବୁରି ଶରୀରେ ଥାଇ ନାମ ଯେ ଭଣାଇ ॥
ସେ ଅଣାକାର ମଣ୍ଡଳ ନିରାକାର ଜାଣ । ରୂପରେଖ ନାହିଁ ତାର ଆପେ ନିରମାଣ ॥
ସେହି ଶରୀରଟି ମହା କଳ୍ପବଟ ହୋଇ । ମହାଶୂନ୍ୟ ମଧ୍ୟରେ ଯେ ତାର ବାସ କହି ॥
ବ୍ରହ୍ମା ବିଷ୍ଣୁ ଶିବ ତହିଁ ନ ପାବନ୍ତି ଭେଟ । ଚନ୍ଦ୍ର ସୂର୍ଯ୍ୟ ଆପ ବାୟୁ ଦେବଙ୍କୁ ଅଭେଟ ।୩୫।
ସେ ବୃକ୍ଷର ପ୍ରତିଛାୟା ପ୍ରକାଶ ମୋହର । ତେଣୁକରି ପ୍ରତିବିମ୍ବ ହୁଅଇ ପ୍ରଚୁର ॥
ସେ କରଣୁ ପ୍ରତିବିମ୍ବ ଉତ୍ପତ୍ତି ହୁଅଇ । ତହିଁରୁ କୀଟ ପତଙ୍ଗ ଆଦ୍ୟ ଜନ୍ମ ହୋଇ ॥
କେତେ ଲୁପ୍ତ ହୋଇ କେତେ ଦିଶୁ ପାଲଟଇ । ମୁକୁରରେ ଯେହ୍ନେ ପ୍ରତିବିମ୍ବ ଆଭାସଇ ॥
ଏହିମତି ମୋର ମାୟାସଂସାର ପ୍ରଚୁର । ଯାହା ଅନ୍ତ କରି ନ ପାରଇ ବେଦବର ॥
ଆହୁରି କଥାଏ ପାର୍ଥ ଦୃଷ୍ଟାନ୍ତର ଶୁଣ । ତୋହର ଦେହରେ ଥାଇ ଅଛୁଟିକ ପୁଣ ।୪୦।
ମାୟାଦେହ ଗଲେ ଥାଇ ଆକାଶେ ଲୁଚଇ । ସେହିମତି ମୋର ମାୟା ପ୍ରକାଶୁ ଅଛଇ ॥
ଜଳର ଉତରେ ଦିଶେ ଚନ୍ଦ୍ର ସୂର୍ଯ୍ୟ ଥାଇ । ମୁକୁରରେ ପ୍ରତିବିମ୍ବ ଯେହ୍ନେ ପ୍ରକାଶଇ ॥
ସର୍ବଠାରେ ପୂରି ମୁଁ ହୁଅଇ ପରକାଶ । ବ୍ରହ୍ମା ହରି ସୁର ଋଷି ନ ପାଆନ୍ତି ଲେଶ ॥
ଅର୍ଜୁନ ବୋଇଲେ ହରି ପାଇଲି କାରଣ । ଏବେ କହ କଇବର୍ତ୍ତ ଚରିତ ଯେମାନ ॥
ଶ୍ରୀମୁଖ ବଚନ ଶୁଣି ଲଭିବ କାରଣ । ଭଣଇ ଅଚ୍ୟୁତ ଦାସ ରଖ ନାରାୟଣ ।୪୫।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ କୈବର୍ତ୍ତଦାସରାଜାଚରିତେ ବ୍ରହ୍ମଜ୍ଞାନ
ଯୋଗଶାସ୍ତ୍ରକଥନଂ ହରିଅର୍ଜୁନସମ୍ବାଦେ ନାମ ତୃତୀୟୋଽଧ୍ୟାୟଃ ।

---

## ଚତୁର୍ଥ ଅଧ୍ୟାୟ ।

ଶ୍ରୀ ଭଗବାନ ଉବାଚ ।

ଅର୍ଜୁନ ବଚନ ଶୁଣି ବୋଲନ୍ତି ଶ୍ରୀହରି । ଗୃହସ୍ଥ ଯୁଗଯାଏ ଜଳରେ ବିହରି ।୧।
ଦାସ କୈବର୍ତ୍ତ ଯେ ଥିଲା କଣ୍ଡିଆର ଧରି । ଆଳସ୍ୟରେ ନିଦ୍ରା ସେହୁ ଗଲା ମହାବଳୀ ॥

ପ୍ରଳୟଜଳରେ ଯେ ମାଧବ ଚରୁଥିଲା । ଦାସର ସହିତେ କଣ୍ଡିଅରକୁ ଗିଳିଲା ॥
ପ୍ରଳୟଜଳରେ ବଟପତ୍ରେ ଯେ ଚଳଇ । ନିଦ୍ରା ଭଞ୍ଜଗଲା ଦାସରାଜା ପାଶେ ନାହିଁ ॥
ନିଦ୍ରାରୁ ଉଠିଣ ଯେ ଜଳକୁ ଦେଲୁଁ ଦୃଷ୍ଟି । ଯୋଗବଳେ ଜାଣିଲୁଁ ମାଧବ ଗଲା ଖାଇ ।୧୮।
ତତକ୍ଷଣେ ହେଲୁଁ ଆମ୍ଭେ ମୀନରୂପଧାରୀ । ଜଳ ମଧ୍ୟେ ବୁଡିଣ ସେ ମାଧବକୁ ଧରି ॥
ମୃତ୍ୟୁପୋଡ଼େ ମାରିଣ ଗାଲ ଚିରଲୁଁ ତାହାର । କୈବର୍ତ୍ତ ଦାସରାଜାକୁ କଲୁଁ ଯେ ବାହାର ॥
କଣ୍ଡିଅର ସହିତେ ସେ କୈବର୍ତ୍ତଙ୍କୁ ଆଣି । ଆଜ୍ଞା ଯେ କହିଲୁଁ ଆମ୍ଭେ ତାଙ୍କୁ ତତକ୍ଷଣି ॥
ତୋତେ ଯେ ଗିଳିଲା ମୀନ ତୋହର ବଇରୀ । ଏହାକୁ ମାରିବୁ ଜନ୍ମେ ଜନ୍ମେ ଅବତରି ॥
ତୋହର ସଗୋତ୍ର ଜାତି କୁଟୁମ୍ବ ଯେମାନ । ସମସ୍ତେ ଏ ଜୀବ ମାରି ପୋଷିବେ ଜୀବନ ।୧୯।
ଏ ଆମ୍ଭର ଆଜ୍ଞା କଳ୍ପେ କଳ୍ପେ ରହିଥାଉ । ଏତେକ କହିଣ ନିଦ୍ରା ଗଲୁଁ ଆମ୍ଭେ ତହୁଁ ॥
ମୃତ୍ୟୁସହସ୍ର ଯୁଗଯାଏ ଜଳରେ ଶୋଇଲୁଁ । ନିମିଷମାତ୍ରକ କଳ୍ପପ୍ରଳୟ ମଣିଲୁଁ ॥
ବ୍ରହ୍ମଲୋକେ ବ୍ରହ୍ମା ଯେ ଶୟନ କରିଥିଲା । ଉଠିଣ ଦୃଷ୍ଟିାନ୍ତେ ଜୀବଜନ୍ତୁ ନାଶ ଗଲା ॥
ତତ୍କ୍ଷଣେ ପ୍ରଳୟଜଳ କାରୁଣ୍ୟସିନ୍ଧୁରେ । ଶୀଘ୍ରେଣ ପହଁରି ଗଲା କ୍ଷଣକ ଭିତରେ ॥
ଏମନ୍ତେଣ କାରୁଣ୍ୟଜଳ ଲୀନ ଯେ ହୋଇଲା । ଦରିଆ ଭିତରେ ଶେଷଜଳ ଯେ ରହିଲା ॥
ବ୍ରହ୍ମମୟ ସୃଷ୍ଟି ବ୍ରହ୍ମା ସଂସାର ସର୍ଜିଲା । ଯେଉଁ ସ୍ଥାନେ ଯେଉଁ ବସ୍ତୁ ଘଟଣା ସେ କଲା ॥
ବଟପତ୍ରେ ବସି ତହୁଁ ବିଚାର ଯେ କଲୁଁ । ବୈକୁଣ୍ଠପୁରକୁ ବିଜେ କରିବା ବୋଇଲୁଁ ॥
କୈବର୍ତ୍ତଙ୍କୁ ବୋଇଲୁଁ ହେ ଦାସରାଜା ଶୁଣ । ଆମ୍ଭେ ଯାଉଅଛୁଁ ଏବେ ବୈକୁଣ୍ଠଭୁବନ ॥
ଦାସରାଜା ବୋଇଲା ଯେ ଶୁଣିମା ଗୋସାଇଁ । ମୁହିଁ ଏବେ କେଉଁଠାରେ ରହିବଇଁ ଯାଇ ॥
ଏ ମହାପ୍ରଳୟଜଳେ ସେବା କରିଥିଲି । ଏବେ ଯାଉଅଛ ତୁମ୍ଭେ ଅକାରଣେ ମେଲି ।୨୦।
କି କି କର୍ମ କରିବ ଯେ କେବଣ ଆଚାର । ଅଶେଷ ବ୍ରହ୍ମାଣ୍ଡେ ପ୍ରଭୁ ତୁମ୍ଭେ ଯେ ଠାକୁର ॥
ଦାସରାଜାଠାରୁ ପ୍ରଭୁ ଶୁଣି ଏ ବଚନ । ଦଣ୍ଡେ ସ୍ତମ୍ଭୀଭୂତ ରହି ହୋଇଲେ ମଉନ ॥
ମନେ ବିଚାରିଲେ ଯାହାକୁ ବଶ ଯେ କହୁଛି । ଆପଣା ଶ୍ରୀଅଙ୍ଗୁ ମୁହିଁ ଜାତ କରିଅଛି ॥
ରାଜୁତପଣ ଏହାକୁ ଯୋଗାଇ ଦିଅରେ । ଏହାକୁ କରିବା ରାଜା ସିଂହଳଦ୍ୱୀପରେ ॥
ଅନ୍ତର୍ଗତ ମଧ୍ୟରେ ଏମନ୍ତ ପାଞ୍ଚ କଲୁଁ । ସିଂହଳଦ୍ୱୀପକୁ ଯାଅ ବୋଲି ଆଜ୍ଞା ଦେଲୁଁ ॥
ଏହି ବଟଶୃଙ୍ଗ ଘେନି ବେଗ ହୋଇ ଯାଅ । ଆମ୍ଭ ଆଜ୍ଞା ପ୍ରମାଣେ ଯେ ତହିଁ ପୂଜା ପାଅ ॥
ଏମନ୍ତ ବୋଲିଣ ଦାସରାଜାଙ୍କୁ କହିଲୁଁ । ସିନ୍ଧୁର ଭିତରୁ ତୀରେ ଅସିବୁଁ ପାଞ୍ଚିଲୁଁ ॥
ପନ୍ତାଲପତ୍ରରେ ଯେ ଯେ ପାଦ ନ ରହଇ । ପନ୍ତାଲରେ ପାଦ ଯେ ପାତାଳେ ଭେଦ ଯାଇ
ମହାମାୟୀ ବଟପତ୍ର ଦିଅରେ ଅଟଇ । ନିରାକାର କୋଳ କରି ସିନ୍ଧୁରେ ସେ ଥାଇ॥
ଆଜ୍ଞା ଦେଲୁଁ ଅଣ୍ଟଗୋଟି ଭୂହି ବେଗେ ହୁଅ । ସିନ୍ଧୁର ଭିତରୁ ନେଇ ତୀରରେ ଲଗାଅ ।୨୧।
ଆଜ୍ଞାବଳେ ବଟପତ୍ର ଅଣ୍ଟ ପାଳିଛିଲା । ଶୃଙ୍ଗ ଯୋଜନଯାଏ ଯେ ପୃଷ୍ଠ ବିସ୍ତାରିଲା ॥

ଦାସରାଜା ସଙ୍ଗେ ଘେନ ବସିଲୁଁ ଅଶ୍ୱରେ । ଶୀଘ୍ରେଣ ଆସିଣ ଅଶ୍ୱ ମିଳିଲୁ କୂଳରେ ॥
ଚଇତ୍ରପୂର୍ଣ୍ଣିମା ଗୁରୁବାର ଯେ ଅଟଇ । ବାସେଲୀ ବୋଲିଣ ନାମ ଦେଲଇଁ ଯେ ମୁହିଁ
ଜନମଦନ ଯେ ତାର ନାହିଁ ଖୋଜିବାକୁ । ଦାସରାଜେ ଦେଲୁଁ ପୁଣି ସେ ମାଈ ଅଶ୍ୱକୁ ॥
ବିଶ୍ୱକର୍ମା ଗ୍ରଇଣ ଯେ ଆଜ୍ଞା ଦେଲୁଁ ତାଙ୍କୁ । କାଷ୍ଠରେ ନିର୍ମାଣି ନାବ ଦେବୁ ଯେ ଆମ୍ଭଙ୍କୁ ॥
ତତକ୍ଷଣେ ବିଶ୍ୱକର୍ମା ଆଣି ଦେଲା ନାବ । ବୋଇଲୁଁ ହେ ଦାସରାଜା ନାବେ ବସ ବେଗ
ଏହି ନାବେ ଯାଅ ତୁ ସିଂହଳଦ୍ୱୀପ ମହା । ଏ ଅଶ୍ୱ ଗୋଟିକ ନିଅ ନାବରେ ଚଢ଼ାଇ ॥
ମୋହର କର୍ଣ୍ଣମୂଳରୁ ଜାତ ଯେ ହୋଇଲୁ । ତେଣୁକରି ମୋର ଅର୍ଦ୍ଧଅଙ୍ଗ ବୋଲାଇଲୁ ॥
କର୍ଣ୍ଣମୂଳୁଁ ଜାତ ତୋର ଜାତି କଇବର୍ତ୍ତ । ଏ ଅଶ୍ୱକୁ ନିଅ ଏବେ ଚଢ଼ାଇ ବୋଇତ ॥
ଏ ବୋଇତ ଘେନ ଯାଅ ବଣିଜ କରିବୁ । ଏ ଅଶ୍ୱ ଗୋଟିକ ନେଇ ବାହନ କରିବୁ ॥
ଏମନ୍ତ ବୋଲିଣ ଦାସରାଜାକୁ କହିଲୁଁ । ସେ ବୋଇତ ଅଶ୍ୱ ତେନ ରାଜାକୁ ଯେ ଦେଲୁ

## ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ଉତ୍ତମ କଥାଏ ମୋର ମନେ ପଡ଼ିଗଲା ॥
କର୍ଣ୍ଣମୂଳୁଁ କୈବର୍ତ୍ତକୁ କରିଅଛ ଜାତ । ପୂର୍ବଯୁଗେ କେତେ ବର୍ଣ୍ଣ କାହୁଁ କଲ ଜାତ
ଏ କଥା ବିସ୍ତରି ମୋତେ କହିବ ଗୋସାଇଁ । ପୂର୍ବର ବାରତା ଏ ପାଶୋରି ଥିଲି ମୁହିଁ ॥
ଶ୍ରୀହରି ବୋଇଲେ ପାର୍ଥ ସାବଧାନେ ଶୁଣ । ନିରାକାରୁ ଆକାର ଯେ ପୂର୍ବକୁ ଭିଆଣ ।୪୯
ପୃଥ୍ୱୀ ଆପ ତେଜ ବାୟୁ ଆକାଶ ନ ଥିଲା । ନିଃଶବଦ ଘରୁ ଯେ ଓଁକାର ଧ୍ୱନି କଲା ॥
ଊର୍ମି ଧୂମ୍ର ଜ୍ୟୋତି ଜ୍ୱାଳା ହେଲା ଗୃହକଳା । ସୋମମଣ୍ଡଳକୁ ରଖି ମଧ୍ୟର ମଣ୍ଡଳା ॥
ରବିମଣ୍ଡଳକୁ ରଖି ତାହାର ମଧ୍ୟରେ । ମହାତେଜେ ଅନଳ ଯେ ଜ୍ୱଳଇ ସେଠାରେ
ତହିଁର ମଧ୍ୟରେ ମୁହିଁ ବସିଣ ଜନ୍ମିଲି । ଏକାକ୍ଷର ବୋଲିକରି ନାମ ଭଣାଇଲି ॥
ଏ ଓଁକାରମଣ୍ଡଳୁ ଯେ ଜନମ ହୋଇଲି । ସାମ ଋକ ଅଥର୍ବ ଯଜୁ ଶରୀରେ ବହିଲି ।୫୦।
ଊର୍ମି ସାମ ଧୂମ୍ର ଯଜୁ ଜ୍ୟୋତି ଋକ ହେଲା । ଜ୍ୱାଳାରୁ ଅଥର୍ବ ବେଦ ଏହି ଗୃହକଳା ॥
ଏମନ୍ତେ ସେ ଗୃହବେଦ ଚଉପାଶେ ସ୍ଥାପି । ମଧ୍ୟରେ ରହିଲି ମୁହିଁ ଅଗ୍ନି ରୂପେ ବ୍ୟାପି ॥
ମାନବ ଜନ୍ମର ଭେଦ ଶୁଣ ହେ ଅର୍ଜୁନ । ବ୍ରହ୍ମା ଜନମ ହେଲା ଅଧରୁ ମୋର ପୁଣ ॥
ମୁଖରୁ ଉତ୍ପତ୍ତି ହୋଇ କଣ୍ଠେ ବିଶ୍ରାମିଲା । କଣ୍ଠେ ବିଶ୍ରାମିଣ ସେ ବହୁତ ସ୍ତୁତି କଲା ॥
ଏକମୁଖ ହୋଇଥିଲା ଶୁଣ ହେ ଅର୍ଜୁନ । ଆଉ ଏକ ମୁଖ ତାର ଜନ୍ମିଲାକ ପୁଣ ।୫୧।
ବ୍ରହ୍ମାପଦ ନିମନ୍ତେ ବହୁତ ସ୍ତୁତି କଲା । ବେଳମୁଖ ତାହାର ଯେ ରକ୍ତବର୍ଣ୍ଣ ହେଲା ॥
କଣ୍ଠ ଆସିଣ ହୃଆରେ ବିଶ୍ରାମ ଯେ କଲା । ବ୍ରହ୍ମାପଦ ଲୋଭରେ ଅନେକ ସ୍ତବ କଲା ॥
ଦ୍ୱିମୁଖ ବହିଣ ଯେ ସେଠାରୁ ଖସିଲା । ନାଭିମଣ୍ଡଳରେ ମୋର ସମାଧି ସେ କଲା ॥

ନାଭିମଣ୍ଡଳରେ ରହି ସ୍ତବ ଉଚ୍ଚାରିଲା । ତ୍ରୟମୁଖ ହୋଇଥିଲା ଚତୁର୍ମୁଖ ହେଲା ॥
ଚାରିମୁଖେ ଚାରିବେଦ ଧରଣ ଜପଇ । ନାଭିମଣ୍ଡଳରୁ ମୋର ଜାତ ଯେ ହୁଅଇ ॥
ତେଣୁ କରି ଚତୁର୍ମୁଖ ଅଟଇ ବ୍ରହ୍ମାର । ଧରଣୀ ସର୍ଜନା କରି ପାଳଇ ସଂସାର ॥
କଣ୍ଠରୁ ଶଙ୍କର ମୋର ହୋଇଲେକ ଜାତ । ଧରଣୀ ଉପରେ ବୃତ୍ତି ହୋଇଲେ ତୃପତ ॥
ଶଙ୍କର ଅଙ୍ଗରୁ ଯେତେ ଜନମ ହୋଇଲେ । ଭବଲୋକ ଭୂବଲୋକ ମହର୍ଲୋକ ହେଲେ ॥
ଦେବ ଦେବୀ ହୋଇଣ ସେ ସଂସାରେ ବିଖ୍ୟାତ । ଦୁର୍ଗା ଯେ ଅମ୍ବିକା ନାରାୟଣୀ ଏହେ ସ୍ତ୍ରୀତ ॥
ସୁରମୁନି ଜନ୍ମ ହେଲେ ବ୍ରହ୍ମାର ଅଙ୍ଗରୁ । ସନ୍ନ୍ୟାସୀ ହୋଇଲେ ଜନ୍ମ ମୋର ମସ୍ତକରୁ ॥
ବକ୍ଷସ୍ଥଳୁ ବନବାସୀ ଜନମ ହୋଇଲେ । ହୃଦପଦ୍ମୁ ପୁଣି ବ୍ରହ୍ମଗୃହୀ ଜନମିଲେ ॥
ମୋହର ଭୁଜରୁ ଜାତ ହେଲେ କ୍ଷତ୍ରିଜାତି । ଉରୁରୁ ହୋଇଲେ ମୋର ବୈଶ୍ୟ ଉତପତ୍ତି
ଉରୁ ଭୁଜ ନାଭି ହୁହୁଁ ହୋଇଲେ ବାହାର । ଶୂଦ୍ର ଯେ ଚରଣ ଜାତ ସେବଇଁ ପଯୃର ॥
ସେବାକାର୍ଯ୍ୟପଣେ ସେହୁ ଥଇ ହବାଗତି । ଭଣ୍ଡାରପଣ୍ଡିତ ବୋଲି ଜଗତେ ବିଖ୍ୟାତ ॥
ବାରିକ ଭଣ୍ଡାରି ବୋଲି ହୋଇଲା ବିଖ୍ୟାତ । ପାଦପଦ୍ମ ପଖାଳି ମୋ କରଇ ପବଣ ।୮୦।
ନଅ ବର୍ଣ୍ଣରୁ ଯେ ଏ ଛତିଶ ବର୍ଣ୍ଣ ହେଲେ । ଯେ ଯାହାର ବୃତ୍ତି ଯେନ ଜାତି ଭଣାଇଲେ
ବ୍ରହ୍ମା ବେଦ ଉଚ୍ଚାରଣ ସୃଷ୍ଟିକି ସର୍ଜିଲା । ବୈଶ୍ୟ ଯେ ବଣିଆ ଭାବେ ଧନ ବଢ଼ାଇଲା ॥
କ୍ଷତ୍ରିୟ ଯେ କୃଷିକାର୍ଯ୍ୟ ଅଟଇ ବଧିରେ । ନାନା ଧନ୍ଦା କରି ସେହୁ ଗୃହକର୍ମ କରେ ॥
ବୃତ୍ତିକି ଯେହଣ ଜାତି ନାମ ଭଣାଇଲେ । ସେହି କର୍ମ ଯେନ କରି ସଂସାର ଚଳଲେ ॥
ହୀନକର୍ମେ ହୀନଜାତି ଟେକକର୍ମେ ଟେକ । ବେଦର ଯେମନ୍ତେ ପାର୍ଥ ନ ପାବନ୍ତି ଅନ୍ତ ॥
ବେଦରୁ ହୋଇଲା ସେ ଯେ ନାନା ଶାସ୍ତ୍ର ଗତି । ଏ ନବ ବର୍ଣ୍ଣରୁ ତେବେ ହୋଇଲେ ବିଖ୍ୟାତ
ଏ ନବ ବର୍ଣ୍ଣ ଯେ ପାର୍ଥ ସାରୋଦ୍ଧାର ଜାଣ । ଆଉ ଅନ୍ୟ ଅନ୍ୟେ ନଷ୍ଟକର୍ମେ ହେଲେ ପୁଣ
ନଷ୍ଟ ଭ୍ରଷ୍ଟ କର୍ମ ଯେବେ ସଂସାରେ ନିନ୍ଦିଲା । କାହା ଯେନ ବ୍ରହ୍ମା ଆଉ ସୃଷ୍ଟି ସରଜିଲା ॥
ବିଷୟାର ମାୟା ମୋର ଏହିମତି ଜାଣ । ମଦନମଦରେ କାର ନ ରହଇ ଜ୍ଞାନ ॥
ସମସ୍ତେ ଯେ ଏକଜାତି ଜ୍ଞାନବଳେ ହେଜ । ସଂସାର ଚଳିବା ପାଇଁ କରନ୍ତି ବାହର୍ଯ୍ୟ ।୮୨।
ଶ୍ରୀକୃଷ୍ଣ ବଚନେ ପାର୍ଥ ବୋଧ ଯେ ପାଇଲା । ଅଚ୍ୟୁତାନନ୍ଦ ଯେ ଏହା ଗ୍ରନ୍ଥ ଆରମ୍ଭିଲା ॥
ଶ୍ରୀକୃଷ୍ଣ ଅର୍ଜୁନ ବାଣୀ ଯେ ଶୁଣେ ଶ୍ରବଣ । କୋଟିଜନ୍ମ ପାପ ତାର ହୁଅଇ ମୋଚନ ॥
ଶ୍ରୀକୃଷ୍ଣ ସମ୍ବାଦ ଏହୁ ଜ୍ଞାନୀଙ୍କ ସମ୍ପତ୍ତି । ଶୁଣାଇ ଶୁଣଇ ଯେହୁ ଲଭଇ ମୁକତି ।୮୩।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ଦାସରାଜା
ଚରତେ ନବଜାତି ଜନ୍ମ କଥନେ ହରି ଅର୍ଜୁନ ସମ୍ବାଦେ ନାମ ଚତୁର୍ଥୋଽଧ୍ୟାୟଃ ॥

## ପଞ୍ଚମ ଅଧ୍ୟାୟ ।

### ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ଶୁଣ ପ୍ରଭୁ ଭଗବାନ । ଏବେ କହ କଇବର୍ତ୍ତ ଚରିତ ଯେମନ ।୧।
ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ ହୋ ଅର୍ଜ୍ଜୁନ । ଦାସରାଜାକୁ ଯେ ନାବ ଅଣ ଦେଲୁଁ ପୁଣ ॥
ବୋଇତ ଅଣ ଯେନ ସିଂହଳଦ୍ୱୀପ ଚଳ । ମୋହ ଆଜ୍ଞା ଥାଉ ଚନ୍ଦ୍ରସୂର୍ଯ୍ୟ ଥିବା କାଳ ॥
ବୋଇତ ବେଉସା କର ନ ହୋଇବ ଖଡ । ହସ୍ତୀ ଅଣ ପଦାତି ଖଟିବେ ତୋର କତ ॥
ପୂର୍ବେ ଯେ ରାଘବ ତୋତେ ଗେଲଇକ ଧର । ତାହାକୁ ମାଇଣ ଭୋଗ କର ବସୁନ୍ଧରୀ ॥
ତୋହର ବଇରୀ ତାକୁ ମାରିବୁ ଅବଶ୍ୟ । ଅମ୍ଭେ ଆଜ୍ଞା ଦେଉଅଛୁଁ କିଛି ନାହିଁ ଦୋଷ
ଦାସରାଜା ବୋଇଲା ଯେ ଶୁଣିବା ଗୋସାଇଁ । ହାନଜୀବ ମାଇଲେ ଯେ ପାପ ପାଇବଇଁ ॥
ମୋତେ ଯେ ମାଇଲା ତାକୁ ମୁହିଁ ନ ମାରିବ । ଜୀବ ଯେ ମାଇଲେ ମୁହିଁ ନର୍କରେ ପଡ଼ିବ ॥
ଏ ପାପକର୍ମକୁ ମୋତେ ନ କହ ଗୋସାଇଁ । ଆନ ଯେ ଜୀବିକା ମୋତେ ଦେବାକ ବିଚାର
ତ୍ରେତୟା ଯୁଗରେ ଯେ ଶ୍ରୀରାମ ଅବତାର । ରାବଣ ହରନେଲା ସୀତାଙ୍କୁ ତାହାଙ୍କର । ୩
ସୁଗ୍ରୀବର ତୁଲେ ରାମ ମଇତ୍ର ହୋଇଲେ । ମଇତ୍ର ଛଳେ ଶ୍ରୀରାମ ବାଳି ବଧ କଲେ ॥
ଅଦୋଷେ ମାଇଲେ ରାମ ବାଳି ନୃପବର । ତାହାର ନନ୍ଦନ ଜାରାଶବର ଯେ ବୀର ॥
ଯାଦବ ସଂହାରଣ ଓଁଶସ୍ତ ତଳେ ବସି । ସେ ତୁମ୍ଭଙ୍କୁ ବାଣ ଯେ ବିନ୍ଧିଲା ବ୍ରହ୍ମଗିରି ॥
ଶ୍ରୀକୃଷ୍ଣ ବୋଇଲେ ପାର୍ଥ ଶୁଣ ମୋର ବାଣୀ । ତାହା ତୋତେ ବୁଝାଇଁ ମୁଁ କହୁଅଛି ପୁଣି ॥
ମୋତେ ଯେ ଭକତି କରେ ତାକୁ ମୋର ଦୟା । ତାହାଠାରେ ନ ଥାଇ ମୋହର କିଛି ମାୟା ॥
ମୋର ଆଜ୍ଞା ନ ଲଙ୍ଘଇ ପାଷାଣର ଗାର । ମୋର ଆଜ୍ଞା ମେଣ୍ଟିବାକୁ ଗାରିମା କାହାର
ମୋହର ଆଜ୍ଞାରେ ଇନ୍ଦ୍ର ଦଶଦିଗପାଳ । ପୃଥ୍ୱୀ ନ ଲଙ୍ଘଇ ଯେ ସପତସିନ୍ଧୁଜଳ ॥
ଆମ୍ଭ ଆଜ୍ଞା ପ୍ରମାଣେ ଯେ ମେରୁ ମହୀଧର । ଅନନ୍ତ ବାସୁକି ପୃଥ୍ୱୀ ଧରିଅଛି ଶିର ॥
ଆମ୍ଭ ଆଜ୍ଞା ପରମାଣେ ପବନ ବହଇ । ଆମ୍ଭ ଆଜ୍ଞା ପ୍ରମାଣେ ରବି ଦିବା ହୋଇ ॥
ଆମ୍ଭର ଆଜ୍ଞାରେ ଯେ ସର୍ଜନା ବ୍ରହ୍ମାଣ୍ଡ । ଆମ୍ଭର ଆଜ୍ଞାରେ ଯେ ନ ଥାଇ ଯମଦଣ୍ଡ ।୧୦।
ଆମ୍ଭର ଆଜ୍ଞାରେ ବିଭୀଷଣ ଯେ ରାଜନ । ଲଙ୍କାରେ ବିଜୀବୀ ବର ଦେଲୁଁ ସାବଧାନ ॥
ମୋତେ ଯେ ଭଜଇ ତାକୁ ମୋର ପଦ ଦେଇ । ଭକତର ହିତେ ଯୁଗେ ଯୁଗେ ଦେହ ବହି ॥
ମୋର ଦେହ ନ ରଖଇ ମହୀମଣ୍ଡଳରେ । ଭକତ ସର୍ବଦା ଥାଇ କଳ୍ପ କଳ୍ପାନ୍ତରେ ॥
ଏତେକ କହିଣ ଦାସରାଜାକୁ ବୁଝାଇ । ଅଙ୍ଗାରୁ ସୁବର୍ଣ୍ଣ ଜାଲ କାଢ଼ି ଲଇଁ ମୁହିଁ ॥
ପ୍ରସନ୍ନ ହୋଇଣ ଦାସରାଜାକୁ ତା ଦେଲୁଁ । ଏ ଜାଲ ଘେରାଇ ମୀନ ମାରିବୁ ବୋଇଲୁଁ ॥
କିଛି ଦୋଷ ନାହିଁ ତୋର ମୋର ଆଜ୍ଞା ଯେନ । ଯୁଗେ ଯୁଗେ ରହିଥାଉ ଏ ମୋର ବଚନ ॥
ଶୁଣି ଦାସରାଜା ଯେ ବୋଇଲା ମହାବାହୁ । ତୁମ୍ଭର ସୁବର୍ଣ୍ଣଜାଲ ମୋତେ ଆଜ୍ଞା ନୋହୁ ॥

ଏତେକ ସୁବର୍ଣ୍ଣ ମୁହିଁ କାହୁଁ ଯେ ଆଣିବ । ସୁବର୍ଣ୍ଣର ଜାଲଗୋଟି ନିର୍ମାଣ କରିବ ।୨୮।
ଗୈର ଖଣ୍ଡ ମାରଣା ଏ ରାଜ୍ୟ ନେବେ ବହୁ । ଦୋଷାଧୂର ହାତେ ମୋତେ ବନ୍ଦୀ ଯେ କରାଇ ॥
ତୁମ୍ଭେ ମହାପ୍ରଭୁ ତୁମ୍ଭ ଆଜ୍ଞା କେ ମେଣ୍ଟିବ । ଅନନ୍ତରେ ଜାଲ ନିର୍ମା ମୋତେ ଆଜ୍ଞା ଦେବ ॥
ଶ୍ରୀହରି ବୋଇଲେ ତେବେ କର ଏହି ଭାବ । ମୀନହିଁ ମରବେ କେବେ ଜାଲ ନ ଛୁଡବ ॥
ଏତେ ବୋଲି ହସି ଦାସରାଜାଙ୍କୁ ଅନାଇ । ବୀଜ ମୁଠିଏକ ଦେଲୁ ତାର ହସ୍ତେ ନେଇ ॥
ଏ ବୀଜ ବୃକ୍ଷ ବକଳ ଯେବେ ସୁତା ଟାଣ । ସୁତା କାଟି ତହିଁରେ ହୋ ଦାସ ଜାଲ ବୁଣ ॥
ଅର୍ଜ୍ଜୁନ ବୋଇଲେ ପ୍ରଭୁ ଶୁଣିବା ଗୋସାଇଁ । କାହୁଁ ସେ ବୀଜ ଆଣିଲ ମୋତେ କହ ଯେଇ ॥

ଶ୍ରୀ ଭଗବାନ ଉବାଚ ।

ଶ୍ରୀହରି ବୋଇଲେ ପାର୍ଥ ସାବଧାନେ ଶୁଣ । ପୂର୍ବର ବାରତା ତୋତେ କହୁଅଛୁ ପୁଣ ॥
ପୂର୍ବେ ଶତେ ଯୁଗ ହିନ୍ଦୁ ମନ୍ଥନର କାଳେ । ଅନନ୍ତ ବାସୁକି ନାଗ ଛିଦିଲାକ ଜଳେ ।୩୬।
ସମୁଦ୍ର ମନ୍ଥନେ ମେରୁ ଖୁଆ ହୋଇଥିଲା । ମନ୍ଥନ ତାପେ ବାସୁକି ମଦନ ପୀଡିଲା ॥
ତତକ୍ଷଣେ ଉଚ୍ଛୁଳି ବିନ୍ଦୁ ତୀରରେ ଲାଗିଲା । ସେ ବୀଜ ମଧ୍ୟରୁ ବୃକ୍ଷ ଅଙ୍କୁର ଉଠିଲା ॥
ତୀରରେ ଲାଗନ୍ତେ ତହୁଁ ବୃକ୍ଷ ହେଲା ଜାତ । ତେଣୁକରି ଛଣପଟ ନାମ ତା ବିଖ୍ୟାତ ॥
ବୀଜ ଯେବେ ଦାସରାଜ ତହାଲେ ବୁଣିଲା । ବୁଣିଲା ମାତ୍ରକେ ବୃକ୍ଷ ବହଳ ଉଠିଲା ॥
ଅନ୍ତର କଥାଏ ପାର୍ଥ କହିବାକ ପୁଣି । ପାଟ ପଡନ୍ତରୁ ଶୁଦ୍ଧ ଛଣପଟ ଜାଣି ॥
ଛଣପଟ ସୂତ୍ର ଦ୍ୱିଜ ବ୍ରାହ୍ମଣ ଯେ ବ୍ରତ । ତେଣୁକରି ଶୁଦ୍ଧ ଶୁଣ ଦାସ କଇବର୍ତ୍ତ ॥
ଶୁଣ ଏବେ ଅର୍ଜ୍ଜୁନ ହୋ ସ୍ଥିର କର ମନ । ସେ ବୀଜ ଦେଇଣ ଦାସେ କହିଲୁଁ ଏସନ ॥
ତୋହର ଜୀବିକା ଏବେ ଦାସରାଜ ଶୁଣ । ଚୂଡ଼ା ଭଜା ମୁଢି ଯେ ଭଜଇ ବିକ ପୁଣ ॥
ଲିଆ ଯେ ଉଖୁଡ଼ା ପୁଣି ମିଠାଇ କରିବୁ । ଖଜା ଖୋସା ବାଉଳ ଯେ ବଜାରେ ବିକିବୁ
ପୁଷି ଯେ କାକର ପେଡ଼ା ଅନେକ ମିଶାଇ । ପଞ୍ଚବର୍ଣ୍ଣ କରଣ ବଜାରେ ବିକ ନେଇ ॥
ନାବ ଜାଲ ଚୂଡାହେଙ୍କି ଶାଳର ବେଉସା । ଏହି ବାଣିଜ୍ୟରେ ତୋର ପେଟ ହେବ ପୋଷା
ଆଗତଭବିଷ୍ୟ ଏବେ ଦାସରାଜା ଶୁଣ । କାଷ୍ଠ ଭିଆଇଣ କର ବାସେଲୀ ନିର୍ମାଣ ॥
ଏ ବାସେଲୀ ଇଷ୍ଟ ତୋର ବଂଶରେ ରହିବ । ଚଇତ୍ର ପୂର୍ଣ୍ଣିମାଦିନ ପୂଜା ଯେ ପାଇବ ॥
ଆଗତଭବିଷ୍ୟ ଏହୁ ମନେ ହେଜୁଥିବୁ । ଅଂଶରୂପେ ଭୋଗ ଦେଇ ଏହାଙ୍କୁ ପୂଜିବୁ ॥
ଦିନ ବାର କହୁଥାଇଁ ଦାସରାଜା ଶୁଣ । ଚଇତ୍ରପୂର୍ଣ୍ଣିମା ଇଷ୍ଟପୂଜାର ବିଧାନ ॥
ପୁରଯକ ଲିପିବୁ ଯେ ଚୂର୍ଣ୍ଣେ କର ତୋର । ଅରୁଆ ତଣ୍ଡୁଳ ବାଟି ପକାଇବୁ ଝୋଟି ॥
ସମସ୍ତ କୁଟୁମ୍ବ ଶୁକ୍ଳବସ୍ତ୍ର ଯେ ପିନ୍ଧିବ । ବିଧିମତେ ନବଭିନ ପାକ ଯେ କରିବ ॥
ବନ୍ଧୁ କୁଟୁମ୍ବ ସହିତେ ବରଣ କରିବ । ଅତିଥି ଅଭ୍ୟାଗତଙ୍କୁ ସୁସ୍ନେ ଭୁଞ୍ଜାଇବ ॥

ନୋଇତ ନାବ ପରଖା ରଙ୍ଗା ଜାଲ ଆଦି । ନାବରେ ବସାଇ ମୋତେ ପୂଜିବ ସମ୍ବାଦି ॥
ପୂଜାର ଦିବସ ଜାଣି ଚିତ୍ତ ମନେ ଘେନ । ଗୃହେ ଗୃହେ ଲେପ ଚୂର୍ଣ୍ଣ ବିଚିତ୍ର କରଣ ॥
କୁଳବଧୂମାନେ ଯେ ହୋଇଣ ଶୁଦ୍ଧମନ । ନବବସ୍ତ୍ର ଅଲଙ୍କାର ପିନ୍ଧି ସୁଯତନ ॥
ନାବ ଜାଲ ଧୋଇବ ଆପଣେ କରି ସ୍ନାନ । ନାବକୁ ବିଚିତ୍ର କରି କରିବ ମଣ୍ଡନ ॥
ସିନ୍ଦୂରେ ମଣ୍ଡିବ ମଙ୍ଗ ଜବା ପୁଷ୍ପହାର । ଗର୍ଭରେ ମଣ୍ଡପ ମଣ୍ଡି ବେଢ଼ାଇ ଚଉଲ ।୬୦।
ଚଉପାଶେ ଲମ୍ବାଇବ ପୁଷ୍ପ ତୋରଣମାନ । ଉଚରେ ଚନ୍ଦୁଆ ଟାଣି ବିଚିତ୍ର ବିଧାନ ॥
ମୋର ରୂପ ସିଂହାସନ ଉପରେ ବସାଇ । ଦିବ୍ୟବସ୍ତ୍ର ଅଲଙ୍କାର ସୁଗନ୍ଧେ ମଣ୍ଡାଇ ॥
ବିବିଧ ବର୍ଣ୍ଣେଣ ତାର ମୃଦଙ୍ଗ କାହାଳ । ମୋର ନାମ ଗାଇବ ଯେ ପଞ୍ଚମୁଖେ ବୋଲ ॥
ନାନାବିଧ ଶୀତଳ ଦ୍ରବ୍ୟ ଘଣ୍ଟ ଧୂପ ଦୀପ । ମୋର ନାମେ ପୂଜା ଯେ କରିବ ମନ୍ତ୍ରେ ଜପ
ନାବ ଅଙ୍ଗମଙ୍କେ ବିଶ୍ୱକର୍ମା ପୂଜା ସାରି । ଗନ୍ଧ ଯେ ଚନ୍ଦନ ନଇବେଦ୍ୟ ବିଧି କରି ॥
ନବତନ ବସ୍ତ୍ର ଅଙ୍ଗମଙ୍କେ ବେଢ଼ାଇବ । ବିଶ୍ୱକର୍ମା ମନ୍ତ୍ରେ ତହିଁ ପୂଜା ଯେ କରିବ ॥
ପଚ୍ଛମଙ୍କେ ବସାଇ ଜାଲକୁ ପୂଜା କରି । ନବତନ ବାସ ପୁଷ୍ପ ସୁଗନ୍ଧ ଗନ୍ଧବାରି ॥
ଅନନ୍ତବାସୁକି ମନ୍ତ୍ରେ ନୈବେଦ୍ୟ କରିବ । ନାନାବିଧ ଶୀତଳ ଦ୍ରବ୍ୟ ଧୂପଦୀପ ଦେବ ॥
ଏ ବିଧିରେ ପୂଜ ଦାସରାଜା ହାଦେ ଭୁଞ୍ଜ । ପଛେ ଦେବୁ ବଳୀ ଅର୍ଦ୍ଧ୍ୟପୂଜା ମହାମାୟୀ ॥
ମୋତେ ଯେ ପୂଜଇ ତାକୁ ବିପତ୍ତି ନ ଥାଇ । ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ ପାଇ ।୭୦
ଅନ୍ତକାଳେ କୃଷ୍ଣ ତାକୁ ହୁଅନ୍ତି ପ୍ରସନ୍ନ । ଅବଶ୍ୟ ଲଭଇ ସେହୁ ବୈକୁଣ୍ଠ ଭୁବନ ॥
ଶ୍ରୀକୃଷ୍ଣ ସମ୍ବାଦ ଯେହୁ କର୍ଣ୍ଣରେ ଶୁଣନ୍ତି । କୋଟି କଳ୍ପାନ୍ତର ସେହୁ ନିସ୍ତରଣ ଯାନ୍ତି ॥
ଶ୍ରବଣପଥରେ ପଶି ମୋହର ବଚନ । ଗୁରୁତର ପାପମାନ ହୁଅଇ ଛେଦନ ॥
ବିଷ୍ଣୁର ବଚନ ଯେହୁ ନ ଶୁଣନ୍ତି କର୍ଣ୍ଣ । ଜୀବନ୍ତା ନ ବୋଲି ତାକୁ ମୃତରେ ସମାନ
ଶୁଣାଇ ଶୁଣଇ ଯେହୁ ଲଭଇ କାରଣ । କହଇ ଅଚ୍ୟୁତ ଦାସ କର ଉଦ୍ଧାରଣ ।୭୫।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ କୈବର୍ତ୍ତ ଦାସରାଜା ଚରିତେ ଇଷ୍ଟପୂଜା ବିଧି ବର୍ଣ୍ଣନେ ହରିଅର୍ଜୁନ ସମ୍ବାଦେ ନାମ ପଞ୍ଚମୋଽଧ୍ୟାୟଃ ।

## ଷଷ୍ଠ ଅଧ୍ୟାୟ ।

ଶ୍ରୀ ଭଗବାନ ଉବାଚ ।

ଅନ୍ତର କଥାଏ ଏବେ ଦାସରାଜ! ଶୁଣ । ତୋହର ବନ୍ଧୁ ବାନ୍ଧବ କୁଟୁମ୍ବ ଯେ ପୁଣ ॥
କାଠର ଘୋଡ଼ାକୁ ସଜ କରିଣ ଯେ ପୁଣ । ଅଶୁଆରପଣେ ତହିଁ କରି ଆରୋହଣ ॥

ବାଣ ନିଶାଣ ଯେ ଛତ୍ରୀ ଚମ୍ବର ଉଡ଼ାଇ । ରାଜା ପରଜାଙ୍କ ଦ୍ୱାରେ ଅଶ୍ୱଙ୍କୁ ଫେରାଇ ॥
ଶାଢ଼ୀ ସ୍ୱନାବଳା ରାଜା ପାଟଠାରୁ ପାଇ । ଭ଼ମାଳ କରଣ ଗୀତ ଗାଇଣ ବୁଲାଇ ॥
ନାରୀଗଣ ମିଳି ଯେ ମଙ୍ଗଳଧ୍ୱନି କରି । କାଠଘୋଡ଼ା ବନ୍ଦାଇବେ ଅର୍ଘ୍ୟଥାଳି ଧରି ॥
ଅନ୍ତକାଳେ ମୋର ତହିଁ ହୋଇବ ପ୍ରବେଶ । ତାହାଙ୍କୁ ଦେଅଇ ମୋର ବୈକୁଣ୍ଠରେ ବାସ ।୬।
ତୋତେ ଅଜ୍ଞାଦେଲୁଁ ଯେ ସିଂହଳଦ୍ୱୀପେ ଯାଅ । ରାଜପଣେ ବସିଣ ଯେ ତହିଁ ପୂଜା ପାଅ ॥
ଶ୍ରୀହସ୍ତରେ ଶାଢ଼ୀ ଦାସରାଜାଙ୍କୁ ଯେ ଦେଇ । ଶାଢ଼ୀପାଇ ଦାସରାଜା ପାଦେ ପଡ଼ି ଶୋଇ ॥
ଭକ୍ତିଭରେ କର ଯୋଡ଼ି କଲା ବହୁ ସ୍ତୁତି । ଦେଖିଲୁଁ ତାହାର ଯେତେ ବିନୟ ଭକତି ॥
ଶୁଣିଲୁ କି ଅର୍ଜୁନ ହେ ଦାସରାଜା ବାଣୀ । ମନର ସଂଶୟ ତୋର ଛୁଟିଲା ତ ଜାଣି ।୧୦
ଏମନ୍ତ ପ୍ରକାରେ ଦାସରାଜା କଲୁ ହେଲା । ବୋଇତ ଅଶ୍ୱଙ୍କୁ ସେହୁ ଆମ୍ଭଠାରୁ ନେଲା ॥
ଶାଢ଼ୀ ବାନ୍ଧି ତା ରାଜ୍ୟରେ ରାଜପଦ ଦେଲି । ନାନା ଜୀବିକା ତାହାଙ୍କୁ ବଢାଇଣ ଦେଲି
ଆମ୍ଭର ସହିତେ ସେହୁ ବୋଇତେ ବସିଲା । ଅଶ୍ୱଙ୍କୁ ଘେନିଣ ସେ ସିଂହଳଦ୍ୱୀପେ ଗଲା ॥
ଅନ୍ତର୍ଦ୍ଧାନ ହୋଇ ଆମ୍ଭେ ଶୂନ୍ୟରେ ଗମନ । ଯାଇଣ ପ୍ରବେଶ ହେଲୁ ବୈକୁଣ୍ଠଭୁବନ ॥
ସେ ବୈକୁଣ୍ଠପତି ପାଦପଦ୍ମରେ ଶରଣ । ଭଣଇ ଅଚ୍ୟୁତ ଦାସ ରଖ ନାରାୟଣ ।୧୫।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ଯୋଗଶାସ୍ତ୍ରେ କୃଷ୍ଣ ଅର୍ଜୁନ ସମ୍ବାଦେ ଦାସରାଜା ସିଂହଳଦ୍ୱୀପ ଗମନ ନାବପୂଜା ବର୍ଣ୍ଣନେ ନାମ ଷଷ୍ଠୋଽଧ୍ୟାୟଃ ।

---

## ସପ୍ତମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଶ୍ରୀକୃଷ୍ଣ ବଦନ ଚାହିଁ ପୁଚ୍ଛଇ ଅର୍ଜୁନ । ଦାସରାଜା ଗଲା ଯେ ସିଂହଳଦ୍ୱୀପେ ପୁଣ ।୧
କେମନ୍ତ ପ୍ରକାରେ ସେହୁ ହୋଇଲାକ ରାଜା । ସୁଦୟା କରଣ କହିବାକ ଦେବରାଜା ॥
ଶ୍ରୀହରି ବୋଇଲେ ଯାହା କହିଲୁ ଅର୍ଜୁନ । ଦାସରାଜା ଗଲା ଯେ ସିଂହଳଦ୍ୱୀପ ସ୍ଥାନ ॥
ସେ ଦେଶର ରାଜା ଥିଲା ଅପୁତ୍ରିକ ହୋଇ । ରାଜା ନାଶ ଗଲାରୁ ସେ ଅରାଜକ ହୋଇ ॥
ହସ୍ତୀ ମଣ୍ଡି ପୂର୍ଣ୍ଣକୁମ୍ଭ ତାର ଶୁଣ୍ଡେ ଦେଇ । ଯା ଶିରେ ଢ଼ାଳିବ କୁମ୍ଭ ନିଶ୍ଚେ ରାଜା ହୋଇ ॥
କେହି ଜଣେ ହୋଇବାକୁ କ୍ଷମ ଯେ ନୋହିଲା । ରାଜାର ବିହୁନେ ରାଜ୍ୟେ ଗୋଳ ଉପୁଜିଲା ॥
ସମସ୍ତ ପାତ୍ର ମନ୍ତ୍ରୀ ଯେ କରନ୍ତି ବିଚାର । ହସ୍ତୀକି ମଣ୍ଡନ କରି ବୁଲାଅ ନଗର ॥
ପୁଷ୍ପ ଚନ୍ଦନରେ କରି ହସ୍ତୀକି ମଣ୍ଡନ । ତା ପଛେ ନେଇ ଗୃହୁଥା ସଜାଡ଼ି ଯତନ ॥

ଆଲମ୍ବ ବଲମ୍ବ ପାଶେ ଚାମ୍ବର ଉଡ଼ଇ । ପଞ୍ଚାଶ ଛତିଶ ବାଦ୍ୟ ଆଗରେ ବାଜଇ ॥
ହୁଳହୁଳ ଶବଦରେ ବ୍ରହ୍ମାଣ୍ଡ ପୂରିତ । ଏରୂପେ ହସ୍ତୀକି ମଣ୍ଡି ଆଣିଲେ ତ୍ୱରିତ ।୧୦।
ସୁବର୍ଣ୍ଣ କଳଶେ ଗଙ୍ଗାଜଳ ଯେ ଭରିଲେ । ପୁଷ୍ପହାର ଗୋଟିଏ କଳଶେ ବେଢ଼ାଇଲେ ॥
ତୀର୍ଥଜଳପୂର୍ଣ୍ଣକୁମ୍ଭ କରୀ ଶୁଣ୍ଡେ ଦେଲେ । ମଙ୍ଗଳଉତ୍ସବ ନାଦେ ହସ୍ତୀ ପେଁଷାଇଲେ ॥
ସୁବର୍ଣ୍ଣ କଳଶ ଘେନି ରାଜକୁଞ୍ଜର । ରାଜାର ନଗରୁ ସେ ଯେ ହୋଇଲା ବାହାର
ଏମନ୍ତ ପ୍ରକାରେ ହସ୍ତୀ ବୁଲାଇ ନଗରେ । ବୁଲିଣ ପ୍ରବେଶ ହେଲା ଦାସରାଜାଠାରେ ॥
ତୀର୍ଥଜଳପୂର୍ଣ୍ଣକୁମ୍ଭ ତାର ଶିରେ ଢାଳି । ପ୍ରୋହିତ କଲ୍ୟାଣ ପାଠ ମନ୍ତ୍ରୀ କରିଥିଲି ।୧୫
ରାଜାର ନିଯୋଗ ଯେ ଖଟିଲେ ପତିହାରୀ । ବେତ ଧରି ଖୁଣ୍ଟିଆ ଯେ ମଣିମା ଫୁକାରି ॥
ଅମାତ୍ୟ ହାତୀ ଯେ ମାହୁନ୍ତ ରଥୀଗଣ । ଚତୁରଙ୍ଗ ବଳ ବେଗେ ମିଳିଲେକ ପୁଣ ॥
ହସ୍ତୀରେ ବିଜୟ ରାଜଛତ୍ର ଧରାଇଣ । ଚାମର ମୟୂର ଛେଲ ଢାଳନ୍ତି ଅପଣ ॥
ଆଗରେ ନିଶାଣ ଶ୍ୱେତଛତ୍ର ଆଦିମାନ । ପରବାରୀ ଖଟିଛନ୍ତି ବିବିଧ ବର୍ଣ୍ଣେଣ ॥
ବେନି ପାରୁଶରେ ପଡ଼େ ଆଲଟ ଚାମର । ଉଡ଼ଇ ପାତାଙ୍ଗ ନେତ ଅତି ମନୋହର ॥
ଆଗରେ ବାଜଇ ସାରନ୍ଦୁର ଯେ କାହାଳୀ । ଢୋଲ ଦମା ଝମ୍କର ଶବଦ ଉଛୁଳ ।୨୧।
ପାଠନ୍ତି ଚାରଣ ଉଡ଼ଇ ଅପ୍ରମିତ । ଭାଟେ କଇବାର ଯେ ଗଣିକା ନୃତ୍ୟ ଗୀତ ॥
ଗ୍ରହପୁତେ ପଢ଼ନ୍ତି ମଙ୍ଗଳାଷ୍ଟକ ସ୍ତୋତ୍ର । ଦାସ ଯେ ବୈଷ୍ଣବ ତପୀ ସନ୍ନ୍ୟାସୀ ମହନ୍ତ ॥
ବିପ୍ରେ ବେଦ ଉଚ୍ଚାରନ୍ତି ସାମ ଯେ ଗାୟନ । ହୁଳହୁଳି ଦିଅନ୍ତି ନାରୀ ଶୁଭେ ଘନଘନ ॥
ଏମନ୍ତ ଶୁଭଯୋଗରେ ଦାସରାଜା ଯାଇ । ଜଗତୀ ଉପରେ ବିଜେ କଲା ନୃପସାଇଁ ॥
ପ୍ରୋହିତ ବ୍ରାହ୍ମଣ ମିଳି ଅଭିଷେକ କଲେ । ସୁବର୍ଣ୍ଣ ପଇତା ରାଜା କନ୍ଧେ ଲମ୍ବାଇଲେ ॥
ସାମବେଦ ପଠନେ ଯେ ଗୋତ୍ର ଉଚ୍ଚାରଣ । ଦାସରାଜା ବୋଲି ନାମ କଲେକ ବଖାଣ ॥

## ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ପ୍ରଭୁ ଆହୁର କଥାଏ । କେବଣ ରାଜାର ଝିଅ ପରଦାନ ହୋଏ ॥
ଶୁଣିଣ ଶ୍ରୀହରି ତହୁଁ ବୋଲନ୍ତି ବଚନ । ପଶ୍ଚିମ ଦେଶରେ ଗିରିରାଜା ବୋଲି ନାମ ॥
ଗିରିରାଜା ବୋଲିଣ ଯେ ମୋହର ଭକତ । ବିଷ୍ଣୁର ଅଂଶରେ ଜାତ ଅଟେ ନୃପନାଥ ॥
କେତେ ସମ୍ବତ୍ସର ସେହୁ ରାଜପଣ କଲା । ଦିଗ ବେହରଣେ ରାଜା ଦିନେକ ଚଳିଲା ॥
ମହାନଦୀ ନାମେଣ ଯେ ଏକ ଦିବ୍ୟ ନଈ । ପଶ୍ଚିମ ଦିଗରୁ ସେ ଯେ ଆସୁଅଛି ବହି ।୩୨
ସେ ନଦୀରେ ତୀରେ ରାଜା ପ୍ରବେଶ ହୋଇଲା । ଅତ୍ୟନ୍ତ ସୁନ୍ଦର ଅମ୍ବୁ ନୟନେ ଦେଖିଲା ॥
ସେ ନଦୀରେ ସର୍ବଲୋକେ କରୁଥାନ୍ତି ସ୍ନାନ । ଦେବଅଙ୍ଗ ଲାଗି ନଦୀ ଦେବତା ସମାନ ॥
ସ୍ୱଭାବେଣ ସ୍ତ୍ରୀସ୍ୱରୂପୀ ଅଟଇ ସେ ନଦୀ । ସପତ ପାତାଳ ଭେଦି ବହୁଥାଇ ଭେଦି ॥

ଦଇବ ଘଟଣା ଦେଖ ବିଧାତାର କୃତ୍ୟ । ଦେବୀରୂପ ବହୁ ନଦୀ ହେଲା ଉନମତ୍ତ ।୩୬
ରୂପଯଉବନ ତାର ବକାଶି ଦଶୁଛି । ଅଯୂଁଲା ପାତଣ ଗଭା ପୁଷ୍ପ ଯେ ଖଞ୍ଜିଛି ॥
ଲଲାଟେ ସିନ୍ଦୂର ବନ୍ଦୁ ଭୂଲତା କମାଣ । ଗଣ୍ଡ ଖଣ୍ଡେ ମକରୀ ତା ଖେଳୁଥାଇ ପୁଣ ॥
ତିଳପୁଷ୍ପ ଜିଣି ନାସେ ଖଞ୍ଜିତ ବସଣି । ବିମ୍ବଅଧରକୁ ଶୋଭା ପାଉଥାଇ ପୁଣି ॥
ମୁକୁତାର ମାଳ ଉରପରେ ଲମ୍ବିଥାଇ । ବାସ ପୁଚ୍ଛି ଉର ଶୋଭା ବରାଜ ଦଶଇ ।୪୦।
ବାହେ ବାହୁବନ୍ଧ କରେ ସୁବର୍ଣ୍ଣର ଚୂଡ଼ୀ । ଅମୂଲ୍ୟ ମୁଦ୍ରିକାମାନ ଅଙ୍ଗୁଳରେ ଜଡି ॥
ନୂପୁର ବାଜେଣୀ ବଳା ରୁଣଝୁଣ ହୋଇ । ମଦନମଦରେ ବାଳା କଟାକ୍ଷେ ଅନାଇ ॥
ସୁଗଠିତ ତନୁ ତା ଅପୂର୍ବ ଶୋଭାରାଶି । ବିବେକ ହାରବ ପୁଂସ ଗୃହେଁ ସେ ରୂପସୀ ॥
ଏମନ୍ତ ଭଙ୍ଗିରେ ସ୍ତ୍ରୀଶ ଉଭା ଯେ ହୋଇଲା । ଜଳଯାକ ଆପଣା ଶରୀରେ ସମ୍ବରିଲା ॥
ରାଜାକୁ ରମିବ ବୋଲି ମନେ ବିଚାରିଲା । ପାଦତଳ ରେଣୁ ସେ ଯେ ସୂକ୍ଷ୍ମ କରାଇଲା ॥
ସୂକ୍ଷ୍ମରେଣୁ ଉପରେ ଯୁବତୀ ଉଭା ହେଲା । ବଙ୍କ କରଣି ବଦନ ରାଜାକୁ ଗୃହିଁଲା ।୪୬।
ସତ୍ୟଯୁଗ କଥା ଏହୁଂ ଶୁଣ ହେ ଅର୍ଜୁନ । ସ୍ତ୍ରୀଙ୍କଠାରେ ରାଜାର ଯେ ପଡିଲା ନୟନ ॥
ମନେ ବିଚାରିଲା ମୋର ଅନେକତ ଦେଇ । ଏମନ୍ତ ସୁନ୍ଦରୀ ହୋଇ ଜଣେ ତହିଁ ନାହିଁ ॥
ନିବଇଁ ଏହାକୁ ନେଇ ମୋର ନବରକୁ । ଏହା ସଙ୍ଗେ ପ୍ରୀତି କରି ତୋଷିବି ଚିତ୍ତକୁ ॥
କାମାତୁରେ ଧୀରଇରେ ମନ ବଳାଇଲା । ରାଜା ଯାଇ ସେ କନ୍ୟାର ପାରୁଶେ ମିଳିଲା
ସହଜେ ନିର୍ଲଜ୍ଜ ସ୍ତ୍ରୀଣ କାମଲୋଭୀ ହୋଇ । ମନ୍ଦହାସେ ରାଜାକୁ ସେ ବଚନ କହଇ ॥
ଶୋଭାବନ୍ତ ଦେଖି ରାଜା ଆଲିଙ୍ଗନ କଲା ।ବିହ୍ୱଳଚିତ୍ତେ ଦୁହିଙ୍କର ଅଙ୍ଗସଙ୍ଗ ହେଲା ॥
ସେ ନଦୀ କାମିନୀ ସଙ୍ଗେ ରାଜା ପ୍ରୀତି କଲେ । ନାନାରସ କେଳି କରି ଦୁହେଁ ତୋଷ ହେଲେ
ରାଜା ଅଙ୍ଗସଙ୍ଗରୁ ସେ କନ୍ୟା ଗର୍ଭବାସ । ସେହିକ୍ଷଣି ଜନମ ହୋଇଲା ବାଳଶିଶ୍ୟ ॥
ମାୟୂନାରୀ ଗର୍ଭୁଁ ଯହୁଁ ଦୁହିତା ଜନ୍ମିଲା । ପୁଣି ସେହି ମହାନଦୀ ଜଳ ପାଲଟିଲା ।୫୫।
ଜଳମଧ୍ୟେ ଦୁହିତା ଯେ ଭାସିଣ ଉଠିଲା । ଗିରିରାଜା କୁମାରୀକ କୂଳକୁ ଆଣିଲା ॥
ମନେ ବିଚାରିଲା ସେ ଦୁହିତା ମୋର ନାହିଁ । ଏ ଦୁହିତା ଗୋଟିକ ଯେ ପ୍ରତିପାଳିବଇଁ ॥
ରାଜାପଣେ ପୃଥ୍ୱୀରେ ଅଟଇଁ ଗିରିରାଜ୍ଞ । ଗିରିମା ବୋଲିଣ ମୋର ଝିଅ ନାମ ହେଉ ॥
ଏମନ୍ତ ବିଚାରି ତାକୁ ଘେନଣ ରାଜନ । ପ୍ରବେଶ ହୋଇଲେ ଆସି ଆପଣା ଭୁବନ ॥
ରାଜା ଆଜ୍ଞା ଦେଲେ ବେଗେ ଦୁଧଆଳୀ ଆଣ । ଆଜ୍ଞା ପାଇ ତଗର ଯେ ଚଳିଲା ବହନ ॥
ଦୁଧଆଳୀ ନାମ ତାର କମଳା ଅଟଇ । ଧାତ୍ରୀର ମଧ୍ୟରେ ପୁଣ ଶ୍ରେଷ୍ଠ ଅଟେ ସେହି ॥
ତଗର ତତ୍କ୍ଷଣେ ଆଣି ରାଜାର ଛାମୁରେ । ରାଜା ଦୁହିତାକୁ ଦେଲେ ତାହାର କୋଳରେ
ସେ ଦୁଧଆଇର କୋଳେ ଗିରିମାକୁ ଦେଲେ । ଏ ଦୁହିତା ପ୍ରତିପାଳ ବୋଲିଣ ବୋଇଲେ
ଆପଣା କାର୍ଯ୍ୟକୁ ଜାତ କାହାକୁ ଦେବଇଁ । ଦୁହିତାକୁ ଘେନ ଧାଈ ନବରେ ଚଳଇ ॥

ପ୍ରବେଶିଲା ଯାଇ ସେହୁ ରାଣୀହଂସ ପୁରେ । ସକଳ ରାଣୀ ବସାଇ କହଇ ସହରେ ।୬୫।
ହଗବେହରଣ କଥା ରାଣୀ ଆଗେ କହି । ମହାନଦୀ ଗର୍ଭେ ଜାତ ଏ ଦୁହିତା ହୋଇ ॥
ଶୁଣିଣ ସମସ୍ତ ରାଣୀ ଆନନ୍ଦ ହୋଇଲେ । ଦୁହିତା ଗୋଟିକ ଅତି ଯତନରେ ପାଳଲେ ॥
ଏହିମତ କେତେ ସମ୍ବତ୍ସର ତହିଁ ଗଲା । ଗିରମାର ଯୁବାକାଳ ଆସି ପ୍ରବେଶିଲା ॥
ଦୁହିତାର ପାଇଁ ରାଜା ବର ଯେ ଖୋଜିଲା । ବଭା ଦେବାପାଇଁ ଦାସରାଜାକୁ ବରିଲା ॥
ସେ ଗିରିରାଜାର ଝିଅ ଗିରମା ତା ନାମ । ସର୍ବସୁଲକ୍ଷଣୀ ସେହୁ ପଦ୍ମିନୀ ଉତ୍ତମ ॥
ଗୋତ୍ର ଉଚ୍ଚାରଣ ବଭା ଦେଲା ଗିରିରାଜ । ଗୃହଶତ ଅଶ୍ୱ ଦୁଇଶତ ମତ୍ତଗଜ ।୭୧।
ଶତେକ ଯେ ପରିବାରୀ ରତ୍ନ ଅଲଙ୍କାର । ଶତେ ରଥ ଦେଲା ରାଜା ଧନର ଭଣ୍ଡାର ॥
ଦୁଧଧଇ କମଳାକୁ ରାଜା ବଦା କଲା । ସନ୍ତୋଷ କରାଇ ଗିରମାକୁ ସମର୍ପିଲା ॥
ଗୋରୁ ଯେ ମଇଁଷି ରାଜା ଦେଲା ଅପ୍ରମିତ । ଝିଅ ଦୋଲୀ ବାଜିଥା ଯେ ପାଟଖଣ୍ଡା ନେତ ॥
ଦାସରାଜା ସଙ୍ଗତେ ପାଖେଟି ରାଜା ଆସି । ଦୁହିତାକୁ ସମର୍ପିଲା ଆପଣା ରାଜ୍ୟ ପଶି ॥
ଦାସରାଜା ବଭା ବାଣୀ ସମ୍ପୂର୍ଣ୍ଣ ହୋଇଲା । ଅଚ୍ୟୁତ ଦାସ ଯେ ଏହା ଗୀତରେ ଗାଇଲା ।୭୬

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ଦାସରାଜା
ମଙ୍ଗଳକୃତ୍ୟଚରିତବର୍ଣ୍ଣନେ ହରିଅର୍ଜ୍ଜୁନସମ୍ବାଦେ ନାମ ସପ୍ତମୋଽଧ୍ୟାୟଃ ।

---

## ଅଷ୍ଟମ ଅଧ୍ୟାୟ ।

### ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ହେ ଶୁଣିମା ଲକ୍ଷ୍ମୀକାନ୍ତ । ସିଂହଳଦ୍ୱୀପର ନାମ କେମନ୍ତେ ବିଖ୍ୟାତ ॥
ଶୁଣିଲେ ସିନା ମନରେ ପ୍ରତେ ଯିବ ମୁହିଁ । ଏଥିର ଯେ ଆଦ ଅନ୍ତ କହସି ବୁଝାଇ ॥
ଶ୍ରୀହରି ବୋଇଲେ ଏ ଅନେକ ମନୁ କଥା । ସତ୍ୟଯୁଗ ରାଜନ ଯେ ତାହାର ବ୍ୟବସ୍ଥା ॥
ସ୍ୱାୟମ୍ଭୁବମନୁର ଯେ ପୁତ୍ର ପ୍ରିୟବ୍ରତ । ଅତି ପ୍ରିୟପଣେ ସେ ମୋ ଚରଣେ ଭକତ ॥
ଚକ୍ରବର୍ତ୍ତୀ ରାଜା ତାର ନବଖଣ୍ଡ ପୃଥ୍ୱୀ । ବାହୁବଳେ ସାଧି କଲା ସକଳ ନୃପତି ।୫।
ମୋର ପଦ୍ମପାଦରେ ତା ନିରନ୍ତରେ ଭକ୍ତି । ଅହର୍ନିଶି ମୋହଠାରେ ଦେଇଥାଇ ମତି ॥
ଏମନ୍ତ ଯୋଗେଣ ବ୍ରହ୍ମକଳ୍ପ ଯେ ହୋଇଲା । ସେ ରାଜାର କଥା ଆମ୍ଭ ମନରେ ପଡିଲା ॥
ସୁଶୀଳ ବିବେକ ସେ ଧାର୍ମିକ ତପୋବନ୍ତ । ଏ କେମନ୍ତେ ନାଶ ଯିବ ମୋହର ଭକତ ॥
ରାଜାର ସ୍ନାନକାଳରେ ଆମ୍ଭେ ବିଜେ କରି । ଜଳକୁମ୍ଭେ କ୍ଷୁଦ୍ରମୀନ ହୋଇଣ ବିହରି ॥
ସେ କୁମ୍ଭ ଜଳରେ ରାଜା କରନ୍ତେଣ ସ୍ନାନ । ରାଜା ଆଗେ ପଡିଲୁଁ ଯେ ଦେଖିଲା ନୟନ ॥
ବୋଇଲା ଏ ମୀନଗୋଟି କାହୁଁ ଯେ ଅଇଲା । ଯତ୍ନ କରି ରଜା ବେଗେ ହସ୍ତରେ ଘେନିଲା
ହସ୍ତେ ତୋଳି ଧରି ସେ ରାଜନ ମୋତେ ଗୃହିଁ । ଜଳକୁମ୍ଭ ଭିତରେ ତା ପୂରାଇଲା ନେଇ ॥

ତହିଁରେ ଯେ ମୋତେ ଠାବ ନୋହିଲାକ ପୁଣ । ତଉକା ଭିତରେ ମୋତେ ଛାଡ଼ିଲ ରାଜନ ॥
ତଉକା ଭିତରେ ଠାବ ନୋହିଲାକ ଯହୁଁ । ପୋଖରୀ ଭିତରେ ମୋତେ ଛାଡ଼ିଲା ସେ ତହୁଁ
ତହୁଁ ଥାନ ନୋହିଲା ନଦୀରେ ନେଇ ଥୋଇ । ନଦୀରେ ପୂରିଲା ଦେହ ତହିଁ ଠାବ ନୋହି ॥
ନଦୀରୁ ଉଦ୍ଧରି ପୁଣ ସମୁଦ୍ରେ ଛାଡ଼ିଲା । ସପତ ସମୁଦ୍ର ଯାକେ ମୋ ଦେହ ପୂରିଲା ॥
ଦେଖିଣ ଚକିତ ରାଜା ନ ସ୍ଫୁରଇ କଛି । ବୋଲଇ କେଉଁ ଦେବତା ମାୟା କରଅଛି ॥
ନିଶ୍ଚୟେ ଜାଣିଲା ଏ ଅଟଇ ନାରାୟଣ । ଅନେକ ସେ ସ୍ତୁତି କଲା ଅମ୍ଭର ଚରଣ ॥
ତାହାର ଭକତି ଦେଖି ପ୍ରସନ୍ନ ହୋଇଲୁଁ । ତୁ ଯେ ରାଜା ପୁର୍ବ୍ୟେବନ୍ତ ମୋତେ ସେବା କଲୁ
ତୋର ସାନକୁମ୍ଭରେ ମୁଁ ମୀନରୂପେ ଥାଇ । ଚିହ୍ନି ନ ପାରିଲୁ ମୋତେ ମନେ ଭ୍ରମ ହୋଇ
ଏବେ ତୋତେ କଥାଏ ମୁଁ କହଇଁ ଉତ୍ତର । କାଲି ଦିବସର ବେଳ ବେନି ଯେ ପ୍ରହର ॥
କଳ୍ପ ପ୍ରଳୟ ହୋଇବ ସେ ବେନି ପ୍ରହରେ । ତେଣୁ ତୋତେ କହିବାକୁ ଅଇଲୁଁ ସହରେ
କାଲି ଯେ ସୁବର୍ଣ୍ଣ ନାବ ଲାଗିବ ଏଠାଇଁ । ସ୍ୱକୁଟୁମ୍ବ ଘେନି ବହିଥିବୁ ଏହିଠାଇଁ ॥
ଦୁଇପ୍ରହର ବେଳେ ତୁ ନାବକୁ ହେଟିବୁ । ଆମ୍ଭ ଅଜ୍ଞା ପ୍ରମାଣେ ତୁ ନାବରେ ବସିବୁ ॥
ସେ ଜଳ ଉଚ୍ଛୁଳ ଯେ ଆକାଶ ବୁଡ଼ିଯିବ । ଚନ୍ଦ୍ର ସୂର୍ଯ୍ୟ ଆଦି ଦଶଦିଗପାଳ ସର୍ବ । ୨୫।
ନାବ ଯେ ଭାସିବ ତୋର ଅନୁଗଲ ହୋଇ । ନଙ୍ଗର ପକାଇ ବାନ୍ଧ ଦଉଡ଼ି ଲଗାଇ ॥
ମହାପ୍ରଳୟ ଜଳ ଗମ୍ଭୀର ସିନ୍ଧୁ ବାର । ପବନର ଘାତେ ପୁଣି ଉଠିବ ଲହରୀ ॥
ସ୍ଥଳ କୂଳ ନ ପାଇ ଆମ୍ଭଙ୍କୁ ମନେ ଧ୍ୟାନ । ତେତେବେଳେ ମୁହିଁ ତୋତେ ହୋଇବି ପ୍ରସନ୍ନ
ମୀନରୂପେ କାୟା ମୋର ଶତେକ ଯୋଜନ । ଗଭୀର ଜଳରେ ଭେଦଥିବ ହେ ରାଜନ ॥
ମୋହର ଶିରରୁ ବେନି ଶୃଙ୍ଗ ଯେ ହୋଇବ । ମୋଟ ବେନି ସସ୍ର ଦୀର୍ଘ ଦଶ ସସ୍ର ହେବ ॥
ଜଳ ଭେଦ ଦୁଇ ଲୋମ ଉପରେ ଭାସିବ । ସେ ଲୋମେ ବାନ୍ଧିବୁ ନାବ ନିଶ୍ଚଳେ ରହିବ
କ୍ଷୁଧା ତୃଷା ଜଳ ବାୟୁ ଅଗ୍ନି ଭୟ ନାହିଁ । ଶତସସ୍ର ଯୁଗଯାଏ ବସିଥିବୁ ତୁହି ॥
ପ୍ରଳୟ ଅନ୍ତରେ ଜଳ ଲୀନ ଯେବେଂ ହେବ । ଏ ବେନି ଶୃଙ୍ଗ ଯେ ମୋର ସେହିଠାରେ ଥିବ
ଏହିମତେ କଲପ ପ୍ରଳୟ ହୋଇଥିଲ । ପ୍ରଳୟ ଉତ୍ତାରେ ଶୃଙ୍ଗ ସେଠାରେ ରହିଲା ॥
ତେଣୁକରି ସିଂହଳ ଯେ ଦ୍ୱୀପ ନାମ କହି । ଆଗରୁ ମୁଁ ବର୍ଣ୍ଣିଣ ଭିଆଇ ଅଛଇ ।୨୬।
ଏମନ୍ତ ପ୍ରକାରେ ଯେ ସିଂହଳଦ୍ୱୀପ ହୋଇ । କହିଲୁଁ ଅର୍ଜୁନ ତୋତେ ଏ କଥା ବୁଝାଇ ॥
ସିଂହଳଦ୍ୱୀପର ଯେ ଅଟଇ ଆୟତନ । ଲକ୍ଷେ ଯୋଜନ ପୃଥିବୀ ଅଟେ ସେହୁ ସ୍ଥାନ ॥
ସେ ଦେଶରେ ନୃପତି ସେ ଦାସରାଜା ହୋଇ । ରାଜଅଂଶେ ଛତ୍ରୀ କେହି କର୍ଣ୍ଣି ନ ପାରଇ ॥
ଚଉପାଶେ ସମୁଦ୍ର ସେ ତହିଁର ମଧ୍ୟରେ । ରମ୍ୟକଦ୍ୱୀପ ଅଛଇ ତାହାର ଉତରେ ॥
କର୍ଣ୍ଣାଟ ଦେଶ ଯେ ପୁଣ ତାର ପଶ୍ଚିମକୁ । ହେଙ୍ଗୁଳାଟ ଦେଶ ଅଛୁ ତାର ଦକ୍ଷିଣକୁ ॥
ପୂର୍ବଦିଗେ ଜମ୍ବୁଦ୍ୱୀପ ହେଉ କର ଜାଣ । ଶ୍ରୀପୁରୁଷୋତ୍ତମ ନାମ ହୋଇବ ବଖାଣ ॥

ସିଂହଳଦ୍ୱୀପର କଥା ବୁଝିଲୁ କି ନାହିଁ । ମୀନରୂପେ ଲୋମ ମୋର ଶୃଙ୍ଗ ସେ ଅଟଇ ॥
ସେ ମୀନର ବେନି ଶୃଙ୍ଗ ଯେଉଁଠାରେ ରହିଲା । ତେଣୁ ସିଂହଳଦ୍ୱୀପ ତା ନାମ ବୋଲାଇଲା ॥
ସିଂହଳଦ୍ୱୀପର ନାମ ସଂସାରେ ବଖାଣ । ପଶିଲା ଅଚ୍ୟୁତ ଦାସ କୃଷ୍ଣରେ ଶରଣ ।୪୪।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ସିଂହଳଦ୍ୱୀପବର୍ଣ୍ଣନେ ହରିଅର୍ଜ୍ଜୁନସମ୍ବାଦେ ନାମ ଅଷ୍ଟମୋଽଧ୍ୟାୟଃ ।

## ନବମ ଅଧ୍ୟାୟ ।

ଶ୍ରୀ ଭଗବାନ ଉବାଚ ।

ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ ହେ ଅର୍ଜ୍ଜୁନ । ସିଂହଳଦ୍ୱୀପର କଥା କହିଲଇଁ ପୁଣ ।୧।
ଆହୁରି କଥାଏ ତୋତେ କହିବା ଅର୍ଜ୍ଜୁନ । ସେ ଦେଶରେ ଯେତେ ସ୍ତ୍ରୀମାନ ହୁଅନ୍ତି ଉତ୍ପନ୍ନ ॥
ସମସ୍ତେ ପଦ୍ମିନୀ ଅଂଶ ହୋଇ ଜନମନ୍ତି । ଅତ୍ୟନ୍ତ ସୁନ୍ଦରୀ ଶୋଭା ରୂପ ବର୍ଣ୍ଣ କାନ୍ତି ॥
ପୂର୍ଣ୍ଣଚନ୍ଦ୍ର ପ୍ରାୟେ ମୁଖ ଉତ୍ପଳନୟନୀ । ଚାହିଁଲେ ହରନ୍ତି ଜ୍ଞାନ ସୁର ସିଦ୍ଧମୁନି ॥
ଅର୍ଜ୍ଜୁନ ବୋଇଲେ ପ୍ରଭୁ ଶୁଣିମା ଶ୍ରୀହରି । ସିଂହଳଦ୍ୱୀପର କଥା ଏବେ ବୁଝି ପାରି ।୫।
କଇବର୍ତ୍ତ ଦାସରାଜା ବିଭା ଯେ ହୋଇଲା । ତାହାର ପୁତ୍ର ଦୁହିତା ହେଲା କି ନୋହିଲା ॥
ଅର୍ଜ୍ଜୁନଙ୍କୁ ଚାହିଁଣ କହନ୍ତି ନାରାୟଣ । ଦାସରାଜା ଚରିତ ଯେ ସାବଧାନେ ଶୁଣ ॥
ଗିରିମାଙ୍କୁ ଦାସରାଜା ବିଭା ଯେ ହୋଇଲା । କେତେଦିନେ ବନ୍ଦାପନା ବିଧି ତାର ଗଲା ॥
ଏହିମତ ଗଲା ପୁଣି କେତେ ସମ୍ବତ୍ସର । ଗିରିମା ତା ପାଟରାଣୀ ଥାଇ ଅନ୍ତଃପୁର ॥
ଏଥୁଅନନ୍ତରେ ଗଲା ବହୁ ସମ୍ବତ୍ସର । ପୁତ୍ର କି ଦୁହିତା ଜାତ ନୋହିଲା ରାଜାର ॥
ଏଣୁକରି ବିଭା ହେଲା ଅନେକତ ଦେଇ । ସମସ୍ତଙ୍କ ମଧ୍ୟେ ପାଟ ଗିରିମା ବୋଲାଇ ॥
ଏକଦିନେ ଦାସରାଜା ଥାଇ ଅନ୍ତଃପୁର । ଗିରିମା ସଙ୍ଗତେ ରାଜା କରଇ ବିଚାର ॥
ରାଜ୍ୟରେ ରାଜୁଡପଣ ଅଟଇ ମୋହର । ଜଗତି ଅଟ୍ଟାଳ ମେଢ଼ ମଣ୍ଡପ ଯେ ପୁର ॥
ରାଣୀ ମହାଦେଈ ଦାସୀ ଅଛନ୍ତି ମୋ ଯେତେ । ହାତୀ ରଥୀ ପଦାତି ଅଶ୍ୱ ଯେ ଅପ୍ରମିତେ ॥
ସମସ୍ତ ନିଷ୍ଫଳ ସିନା ଅଟଇ କର୍ମର । ପୁତ୍ର କି ଦୁହିତା ଜାତ ନୋହିଲା ଆମ୍ଭର ॥
ଏଣୁକରି ଶୁଣ ରାଣୀ ମୋହର ବଚନ । ଦ୍ୱିଜବର ଡକାଇ କରିବା ଯଜ୍ଞ ଦାନ ॥
ରାଜା କଥା ଶୁଣି ରାଣୀ ହୋଇଲା ସନ୍ତୋଷ । ଆର ଦିନ ବ୍ରାହ୍ମଣଙ୍କୁ ଡକାଇଣ ପାଶ ॥
ପାତ୍ର ମନ୍ତ୍ରୀ ଗୁରୁ ବଇଷ୍ଣବ ତପୀ ଜ୍ଞାନୀ । ସମସ୍ତଙ୍କୁ ବସାଇ ପୃଚ୍ଛନ୍ତି ନୃପମଣି ।୧୮।
ରାଜନ ବୋଇଲେ ତୁମ୍ଭେ ଶୁଣ ହେ ବ୍ରାହ୍ମଣ । କେଉଁ ପାପ ଅର୍ଜ୍ଜିଲି ମୁଁ ପୂର୍ବଜନ୍ମେ ପୁଣ ॥
ଏ ରାଜସମ୍ପଦ ମୋର ବ୍ୟର୍ଥ ଅଟଇ । ଯେଣୁକରି ପୁତ୍ର ଦୁହିତା ମୋ ହୋଇଲେ ନାହିଁ ॥

ତୁମ୍ଭେ ପୁରୋହିତ ଗୁରୁ କହ ଏଥି ବାଟ । କେମନ୍ତେ ମୋହର ହରିବ ଏ ପୁତ୍ରକଷ୍ଟ ॥
ଏ ମାୟାସଂସାରେ ଦେଖ ପୁତ୍ରଟି କାରଣ । ପିଣ୍ଡଦାନେ ପିତୃ ତୋଷେ କୁଳର ନନ୍ଦନ ॥
କୁଳର ନନ୍ଦନ ଯାହା ଘରେ ଜାତ ନୋହି । ସେ ଲୋକମାନଙ୍କ ମୁଖ ପ୍ରଭାତେ ନ ଚାହିଁ ॥
ଯେଉଁ ନାରୀ ଗର୍ଭେ ପୁତ୍ର ନୋହଇଟି ଜାତ । ବନ୍ଧ୍ୟା ବୋଲିକରି ତାକୁ ବୋଲନ୍ତି ଜଗତ ॥
ରଜସ୍ୱଳା ସ୍ନାନ ସାରି ଆସିବାର ବେଳେ । ସେ ନାରୀଙ୍କ ଅନ୍ୟ ନାରୀ ନ ଛୁଇଁବ ଛାଲେ ॥
ଯେବେ ତାକୁ ଛୁଇଁ ପୁଣି ସ୍ନାନ ନ କରଇ । ତାହାର ଦୋଷ ଅବଶ୍ୟ ଏହାରେ ଲାଗଇ ॥
ଆଗମ ପୁରାଣେ ମୁହିଁ ଶୁଣିଛି ଗୋସାଇଁ । ବେନି କୋଟି ପାପ କଲେ ଅପୁତ୍ରିକ ହୋଇ ॥
ତିନିକୋଟି ପାପ କଲେ ଦୁହିତା ନୁହଇ । ଚାରି କୋଟି ପାପ କଲେ ମଡ଼ଛୀ ହୁଅଇ ॥
ପାଞ୍ଚକୋଟି ପାପ କଲେ ସ୍ତ୍ରୀ ବନ୍ଧ୍ୟା ହୋଇ । ଛଡ଼ କୋଟି ପାପ କଲେ ପୁଷ୍ପ ନ ଫୁଟଇ ॥
ହିଞ୍ଜିଲୀ ବୋଲିଣ ତାକୁ ସଂସାରେ କହନ୍ତି । ଏ କଥା ସ୍ମରଣେ ମୋତେ ଲାଗିଲାକ ଭ୍ରାନ୍ତି ॥
ପ୍ରଭାତରେ ଅପୁତ୍ରିକ ବନ୍ଧ୍ୟାର ବଦନ । ନ ଚାହିଁବ ପୁଚ୍ଛି ତାରେ ନ ଭାଷି ବଚନ ॥
ଯେବେ ତାକୁ ଭାଷା କହି ଦେବଟି ଉତ୍ତର । ଷଡସ୍ନାନ କଲେ ପ୍ରାଣୀ ତେବେ ହୋଇ ପାର
ବନ୍ଧ୍ୟା ଅପୁତ୍ରିକଲୋକ ଚଣ୍ଡାଳରେ ସରି । ଶୁଭ ଅଶୁଭ କାର୍ଯ୍ୟରେ ତାହାଙ୍କୁ ନ ବରି ॥
ଅକସ୍ମାତେ ବରଣ ଯେ କରଇ ତାହାଙ୍କୁ । ପିତୃଲୋକେ ନ ଆସନ୍ତି ତାର ମନ୍ଦିରକୁ ॥
ଏହି କଥା ବିଚାରଣ ମୋତେ ଆଜ୍ଞା ଦିଅ । ଏ ଧନ ସମ୍ପଦ ମୋର ସବୁ ତୁମ୍ଭେ ନିଅ ॥
ରାଜାର ବଚନ ଶୁଣି ବୋଲନ୍ତି ପଣ୍ଡିତ । ପୁତ୍ର ଯେବେ ପାଇବୁ ତୁ କର ଯଜ୍ଞ ବ୍ରତ ॥
ଚାରିଦିଗରୁ ଯେ ଖୋଜି ଆଣିବୁ ବ୍ରାହ୍ମଣ । ଚତୁର୍ବେଦୀ ବ୍ରାହ୍ମଣଙ୍କୁ କରିବୁ ବରଣ ॥
ଏମାନଙ୍କୁ ମନ ତୋଷ କରି ଦେବୁ ଦାନ । ତିଳ କାଞ୍ଚନ ସହିତେ ମହିଷ ଯେ ପୁଣ ॥
ବ୍ରାହ୍ମଣ ବଇଷ୍ଣବେ ମିଷ୍ଟାନ୍ନ ଭୁଞ୍ଜାଇବୁ । ଯେ ଯାହା ମାଗିବ ତାହା ମନତୋଷେ ଦେବୁ
ମହାଦେବ ଶିରେ ଜଳ ଲକ୍ଷେ କୁମ୍ଭ ଢାଳ । ଲକ୍ଷେ ଚମ୍ପା ଦେବୁ ଲକ୍ଷେ ବେଲପତ୍ରି ତୋଳ
ଯଜ୍ଞ ଅନ୍ତେ ଅନ୍ନ ଯୋଗାଇବୁ ସବେ ରାଇ । ରାଜ୍ୟ ଦେଶ ଘୋଷ ବନ୍ଧୁ କୁଟୁମ୍ବ ବସାଇ ॥
ସନ୍ତୋଷେଣ ରାଜା ଯେନ୍ତୁ କରିବେ ଭୋଜନ । ମନୋବାଞ୍ଛା ପୂର୍ଣ୍ଣ ହେବ ପୁତ୍ର ହୋଇ ଜନ୍ମ ॥
ଯେମନ୍ତ ପ୍ରକାରେ କହିଲେ ସେ ଦ୍ୱିଜବର । ସେହି ପରକାରେ ସବୁ କଲା ନୃପବର ॥
ଏଥୁଅନ୍ତେ ହକରାଇ ପାଟମହାଦେଈ । ଯଜ୍ଞ ଚରୁଅନ୍ନ ମୁନି ରାଣୀ ହସ୍ତେ ଦେଇ ॥
ତତକ୍ଷଣେ ମହାଦେଈ କଲେ ତା ଭକ୍ଷଣ । କଲ୍ୟାଣ ବାଞ୍ଛି ଦେଲ ମୁନି ପୁତ୍ର ହେଉ ଜନ୍ମ ।୪୫
ଚରୁଅନ୍ନ ଭୁଞ୍ଜିଣ ଯେ ପାଟମହାଦେଈ । ମୁନିଙ୍କ ଚରଣେ ପୁଣି ପ୍ରଣାମ କରଇ ॥
ପଦରେଣୁ ହେନ ଶିରେ ଭକତରେ ଚଳିଲା । ତନୁ ଆଳସରେ ହୋଇ ଘନ ଘନ ହେଲା ॥
ଅରୁଚି କରଇ ଅନ୍ନ ପାଣି ନ ରୁଚଇ । କମଳା ଧାଈ ତା ପାଶେ ସଦା ଖଟିଥାଇ ॥
ଏହିମତ ରାଣୀ ଗର୍ଭ ହେଲା ଅଷ୍ଟମାସ । ଦିନୁଦିନ ଦେହ ଗରୁ ହୁଅଇ ଆଳସ ॥

O21/891.451/A515ka
Acc. No. 1781. dt: 17-12-57.

ଏହିରୂପେ ଦଶମାସ ସମ୍ପୂର୍ଣ୍ଣ ହୋଇଲା । ଛୁଆସ ଭିତରେ ରାଣୀ ପେଟ ବଥାଇଲା । ୬୩ ।
ଅସ୍ତବ୍ୟସ୍ତ ହୋଇ ରାଣୀ ପଲଙ୍କରେ ଶୋଇ । ଦେଖୁ ଦେଖୁ କୁମର ଯେ ଜନମ ହୁଅଇ ॥
ସୁବାସ ଜଳରେ ତାର ଅଙ୍ଗ ପଖାଳିଲେ । ଚନ୍ଦନକାଷ୍ଠରେ ସେ ଏନ୍ତୁଡ଼ ଲଗାଇଲେ ॥
ନାଭି ଛେଦନ କରି ଏନ୍ତୁଡ଼ ଲଗାଅନ୍ତି । ଧାଈ ମୁଦୁସୁଲୀମାନେ ପାଶେ ଜଗିଥାନ୍ତି ॥
ଖଟ ଦୋଲୀ ପାଟଭୁଜ ଆଣି ଯୋଗାଇଲେ । ଧାଈ ମୁଦୁସୁଲୀ ସର୍ବେ ଖଟଣୀ ରହିଲେ ॥
ବାଜଇ ଢୋଲ ଢମକ ମଙ୍ଗଳମହୁରି । ଆବର ଭେରୀ ମୃଦଙ୍ଗ ବାଦ୍ୟନାଦ କରି ॥
ଏଥୁଅନ୍ତେ ରାଜନ ଯେ ପ୍ରୋହିତେ ହକାରି । ପାଠ ଜଉତିଷ ରାଇ ଏସନ ପଚାରି । ୬୬ ॥
ଜନମ ହୋଇଲା ପୁତ୍ର କେମନ୍ତ ସେ ଯୋଗ । ଶୁଭାଶୁଭ ଫଳ ସବୁ କହ ଦଇବଜ୍ଞ ॥
କୋଷ୍ଠି କାଟି ଗ୍ରହପୁଞ୍ଜ ଲଗ୍ନ ବିଚାରଇ । ଧନିଷ୍ଠା ନକ୍ଷତ୍ର ଏ ମକର ରାଶି ହୋଇ ॥
ସର୍ବଶୁଭକ୍ଷଣେ ଯେଣୁ ସୁଲକ୍ଷଣବନ୍ତ । ଅମୃତଯୋଗରେ ପୁତ୍ର ହୋଇଅଛି ଜାତ ॥
ଧାର୍ମିକ ସୁଶୀଳ ଶୂର ନୃପକୁଳଚନ୍ଦ୍ର । ହୀରାର୍ଣ୍ଣବ ବୋଲି ନାମ ହେଲା ହେ ନରେନ୍ଦ୍ର ॥
ଅମୃତଯୋଗରେ ଜାତ ହୋଇଛି ନନ୍ଦନ । ରମ୍ୟକଦ୍ୱୀପରେ ଏହୁ ହୋଇବ ରାଜନ ॥
ଘଟିଛି ଏମନ୍ତ ଯୋଗ ପାଠ ଯେ ଲେଖିଲା । ଦୈବଜ୍ଞ ବୁଝାଇ ରାଜା ଛାମୁରେ କହିଲା ॥
ଶାଢ଼ୀ ସୁନାବଳା ଦଇବଜ୍ଞଙ୍କୁ ସେ ଦେଇ । ଅତି ଉଲ୍ଲାସରେ ଲେଖିଦେଲେ ରାଜ୍ୟଭୂଇଁ ॥
ହାଟ ପେଣ୍ଠ ଗ୍ରାମ ଜୁରି କରାଇ ରାଜନ । ଆନନ୍ଦରେ ପୂର୍ଣ୍ଣ ରାଣୀହଂସ ଯେ ଭୁବନ ॥
ଏହିମତ କେତେ ସମ୍ବତ୍ସର ଗତ ହେଲା । ଦ୍ୱିତୀୟ ରାଣୀର ପୁଣି ଗର୍ଭବାସ ହେଲା । ୬୯ ।
ଦଶମାସ ଯହୁଁ ତାର ସମ୍ପୂର୍ଣ୍ଣ ହୋଇଲା । ଅତି ଶୁଭଯୋଗେ ରାଣୀ ପ୍ରସବ ଯେ କଲା ॥
ଦ୍ୱିତୀୟ ରାଣୀର ଗର୍ଭୁଁ ପୁତ୍ର ଜନମିଲା । ଜ୍ୟୋତିଷ ଡକାଇ ରାଜା ରାଶି ଗଣାଇଲା ॥
ରୋହିଣୀ ବୃଷ ରାଶି ଯେ ହୋଇଲା ତାହାର । ନୀଳାର୍ଣ୍ଣବ ବୋଲି ନାମ ଅଟଇ ଏହାର ॥
ହେଙ୍ଗୁଲାଟ ଦ୍ୱୀପେ ଏ ହୋଇବ ନୃପବର । ଏହିମତେ ଦଇବଜ୍ଞ କହିଲା ଛାମୁର ॥
ପୁଣି ମନ ଦେଇ ଏବେ ଦାସରାଜା ଶୁଣ । ଆଗତ ଭବିଷ୍ୟ କଥା ଲେଖିଲୁଁକ ପୁଣ । ୭୦ ।
ତୃତୀୟ ଯେ ରାର୍ଯ୍ୟ ମତ୍ସ୍ୟ ଗର୍ଭରେ ରହିବ । ମତ୍ସ୍ୟବଳୀ ମତ୍ସ୍ୟରାଜ୍ୟେ ବେନି ଜନ୍ମ ହେବ ॥
ତୁମ୍ଭ ଅନ୍ତେ ସିଂହଳଦ୍ୱୀପରେ ସେହୁ ରାଜା । ଶୁଦ୍ଧେଣ ପାଳିବ ସେହୁ ଜନ ଯେ ପରଜା ॥
ଏସନକ ଦଇବଜ୍ଞ ରାଜାଙ୍କୁ କହିଲେ । ରାଜା ରାଣୀ ସର୍ବେ ଶୁଣି ହରଷ ହୋଇଲେ ॥
ଲକ୍ଷେ ଧନ ଭଣ୍ଡାରୁ ସେ ଦୈବଜ୍ଞଙ୍କୁ ଦେଇ । ମନ ସନ୍ତୋଷରେ ରାଜା ମେଲାଣି କରଇ ॥
ଏଥୁଅନନ୍ତରେ କେତେ ଦିନ ଭୋଗ ଗଲା । ପିତୃଶ୍ରାଦ୍ଧ ଦିନ ଆସି ଯୋଗେଣ ଘଟିଲା ॥
ପ୍ରୋହିତ ବ୍ରାହ୍ମଣ ରାଇ ନୃପତି ପୁଚ୍ଛଇ । କେମନ୍ତ ପ୍ରକାରେ ପିତୃଶ୍ରାଦ୍ଧ ମୋର ହୋଇ ॥
ତୁମ୍ଭେ ଯେ ପଣ୍ଡିତ ଗୁରୁ କହ ଏଥି ଭେଦ । କେମନ୍ତେଣ ମୁହିଁ ଯେ ଦେବଇଁ ପିତୃଶ୍ରାଦ୍ଧ ॥
ରାଜନ ମୁଖକୁ ଚାହିଁ କହନ୍ତି ପଣ୍ଡିତେ । ରାଜଧାନୀ ପିତୃଶ୍ରାଦ୍ଧ କର ହେ ଯୁକତେ ॥

ରାଜଅଂଶେ ଛଡ଼ୀଲୁଲେ ତୁମ୍ଭ ଆଚରଣ । ମୃଗ ମାର ଆଣ ଯାଇ ଶିକାର କରଣ ॥
ବରାହ ହରଣ ରାଜା ଏମାନ ମାରଣ । ରାଜଧାମୀ କର୍ମ ଏଥେ ପିତୃ ତୋଷ ପୁଣ ॥
କ୍ଷତ୍ରିଅଂଶେ ରାଜା ତୋତେ ବଧାତା ସର୍ଜିଛୁ । ଶିକାରର ଦୋଷ ତୋରେ ନ ଲାଗିବ କିଛୁ ॥
ପଣ୍ଡିତଙ୍କ ବାକ୍ୟ ଶୁଣି ରାଜନ ବୋଲଇ । ମୃଗ ନ ମାରଲେ ପିତୃଶ୍ରାଦ୍ଧ କେହେ ହୋଇ ॥
ଏହା କହି ରାଜନ ସାହାଣେ ହକାରଲେ । ଅଶ୍ୱ ସଜ କର ବେଗେ ଆଣ ଆଜ୍ଞା ଦେଲେ ॥
କ୍ଷଣକରେ ସାହାଣି ପଦାତି ବଳ ଦେଲା । ଧନୁକମାଣ ଘେନଣ ରାଜା ବଜେ କଲା ॥
ଅଶ୍ୱଚଢ଼ି ମହାନଦୀ ପାର ହୋଇ ଗଲେ । ଘୋର ଅରଣ୍ୟରେ ଯାଇ ପ୍ରବେଶ ହେଇଲେ
ଶ୍ରୀକୃଷ୍ଣ ଅର୍ଜୁନ କଥାମୃତେ ଯାର ମନ । କୋଟି କୋଟି ପାପ ତାର ହୁଅଇ ଦହନ ॥
ଜ୍ୱଳନ୍ତା ଅନଳେ ଯେହ୍ନେ ତୃଣ ପୋଡଯାଇ । ସେହ୍ନମତ ଅଙ୍ଗୁ ତାର ପାପ ଧ୍ୱଂସ ହୋଇ ॥
ରାଧାକୃଷ୍ଣ ଚରଣ ଶରଣଟି ମୋହର । ଭଣଇ ଅଚ୍ୟୁତ ଦାସ ଦୋଷ କ୍ଷମା କର ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ଦାସରାଜା
- ମୃଗୟାଗମନଚରତେ ଶ୍ରୀହରିଅର୍ଜୁନସମ୍ବାଦେ ନାମ ନବମୋଽଧ୍ୟାୟଃ ।

———

## ଦଶମ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ତୁମ୍ଭେ ଶୁଣ ନନ୍ଦବଳା । ଦାସରାଜା ଅଶ୍ୱ ଘେନ ମୃଗୟାକୁ ଗଲା ।୧।
କେମନ୍ତ ପ୍ରକାରେ ତହିଁ କିକାର କରଇ । ଏହି କଥା ମହାପ୍ରଭୁ କହିବ ବୁଝାଇ ॥

ଶ୍ରୀ ଭଗବାନ ଉବାଚ ।

ଶ୍ରୀହରି ବୋଇଲେ ଶୁଣ ପଣ୍ଡୁର ନନ୍ଦନ । ଦାସରାଜା ମୃଗୟାକୁ ଗଲା ଯେ ବହନ ॥
ମୃଗୟା ଭୂମିରେ ରାଜା ପ୍ରବେଶ ହୁଅନ୍ତେ । ମୃଗ ମୃଗୁଣୀକି ତହିଁ ଦେଖିଲା ତୁରତେ ॥
ମୃଗ ମୃଗୁଣୀ ଯେ ଦୁହେଁ ଉନମତ୍ତ ହୋଇ । ଦୁହେଁ କାମଉନ୍ମାଦରେ କ୍ରୀଡ଼ନ୍ତି ସେଠାଇଁ ॥
ଏସନ ଭାବ ତାଙ୍କର ଦେଖିଣ ରାଜନ । ତତକ୍ଷଣେ ରାଜା ଅଙ୍ଗେ ପୀଡିଲା ମଦନ ॥
ରାଜାର ଅଙ୍ଗରୁ ବୀର୍ଯ୍ୟ ଖସିଣ ପଡ଼ନ୍ତେ । ଶିଆଳପତ୍ର ଠୋଲାରେ ଧଇଲା ତୁରତେ ॥
ଧରିଣ ମନରେ ପୁଣ କରଇ ବିଗ୍ଭର । ଭୂମିରେ ପଡଲେ ଏହା ପାପ ହେବ ମୋର ॥
ମାତୃହରଣର ଦୋଷ ଲାଗିବ ଯେ ମୋତେ । ଏମନ୍ତ ବିଚାରି ସେ ରହିଲା ସ୍ତମ୍ଭୀଭୂତେ ॥
ପୁଣିହିଁ ତାହାର ଚତ୍ତେ ହୋଇଲାକ ଜ୍ଞାନ । ରାଣୀଠାକୁ ଦେଲେ ମୁହିଁ ଲଭିବ କାରଣ ॥
ଏ ବୀର୍ଯ୍ୟକୁ ରାଣୀ ଯେବେ ଗର୍ଭକୁ କ୍ଷେପିବ । ତତକ୍ଷଣେ ରାଣୀ ମୋର ଗର୍ଭବାସ ହେବ ॥
ଏମନ୍ତ ବୋଲିଣ ଏକ ଚଲକୁ ଡାକଲା । ଚଲ ଆସି ରାଜା ଆଗେ ପ୍ରବେଶ ହୋଇଲା ॥
ବଦରର ପତ୍ର ପୁଣି ଆଣିଲା ରାଜନ । ଜମିଲ କଣ୍ଠାରେ ସେ ଯେ ଲେଖିଲା ବଦନ ॥

ସତ୍ୟଯୁଗ କଥା ଏହୁ ଶୁଣ ହେ ଅର୍ଜ୍ଜୁନ । ଲେଖା ସଙ୍ଗେ ବୀର୍ଯ୍ୟ ଦେଲେ ଚଲ ହସ୍ତେ ପୁଣ
ଭାଷାରେ ଲେଖିଲେ ରାଣୀ ଶୁଣ ମୋ ବଚନ । ଚଲ ହସ୍ତେ ଯେଉଁ ଦ୍ରବ୍ୟ ଦେଇଅଛ ଘେନ ॥
ମନ ଚତ୍ତୁ କର ତୁମ୍ଭେ ଏହାକୁ ଭକ୍ଷିବ । ଭକ୍ଷିବ ମାତ୍ରକେ ରାଣୀ ଗର୍ଭବସ ହେବ ॥
ଭୂମିରେ ପଡିଲେ ବୀର୍ଯ୍ୟ ଦୋଷ ତହିଁ ହୋଇ । ତେଣୁକରି ତୁମ୍ଭଠାକୁ ଦେଇ ପଠିଥାଇ ॥
ମନୋବାଞ୍ଛା କର ଏ ଅକ୍ଷୟ ବୀଜ ସାର । ଭକ୍ଷିବା ମାତ୍ରକେ ଗର୍ଭ ହୋଇବ ତୁମ୍ଭର ॥
ଏମନ୍ତ ଲେଖିଣ ପତ୍ର ଚଲ ହସ୍ତେ ଦେଲେ । ପାଟମହାଦେଈ ହସ୍ତେ ଦେବୁ ତୁ ବୋଇଲେ
ଲେଖା ଘେନ ଚଲପକ୍ଷୀ ତହୁଁ ଚଳିଗଲା । ମହାନଦୀ ମଧ୍ୟରେ ସେ ଉଡି ଯାଉଥିଲା ।୨୦।
ଏମନ୍ତ ସମୟେ ଦେଖ ବିଧାତା ଭିଆଣ । ଅନ୍ୟ ଏକ ଚଲ ଆସି ଧଇଲାକ ପୁଣ ॥
ମାଛ କି ମାଂସ ଏ କିସ ନେଉଅଛୁ ତୁହି । ତୋହର ହସ୍ତରେ ମୁହିଁ ଥରେକ ଦେଖଇଁ ॥
ନଖଘାତେ ଠୋଲା ଗୋଟି ଚିର ହୋଇଗଲା । ବେନି ଖଣ୍ଡ ହୋଇ ବୀଜ ଜଳରେ ପଡ଼ିଲା ॥
କନକା ରୋହିମାଛ ସେ ଜଳେ ଚରୁଥିଲା । ଅଧାର ପରାୟେ ମଣି ସେ ବୀଜ ଗିଳିଲା ॥
ତତକ୍ଷଣେ ସେ ମୀନ ହୋଇଲା ଗର୍ଭବାସ । ମତ୍ସ୍ୟଗଣ ସଙ୍ଗେ ଚରେ ରଜନୀ ଦିବସ ।୨୫।
ଗର୍ଭ ଭାର ହେଲା ମୀନ ନ ପାରଇ ଚଳି । ଗମ୍ଭୀର ଜଳରେ ସେ ରହିଲା ଭୂମି ଧରି ॥
ସତ୍ୟ ପାଳି ଚଲ ଯାଇ ରାଣୀକି କହିଲା । ବନ୍ଦଣା ପତ୍ରର ଲେଖା ରାଣୀ ହସ୍ତେ ଦେଲା ॥
ଲେଖା ପଢ଼ି ରାଣୀ ମନେ ହରଷ ହୁଅଇ । ଯେଉଁ ଦ୍ରବ୍ୟ ଦେଲେ ରାଜା କସ କଲୁ ତୁହି
ରାଣୀ ଆଗେ ସବୁ ସମାଚାର ଜଣାଇଲା । କହିଣ ସେ ଚଲପକ୍ଷୀ ବେଗେ ଉଡିଗଲା ॥
ତେଣେ ହେ ଅର୍ଜ୍ଜୁନ ରାଜା ମୃଗୟାକୁ ଗଲା । ମୃଗ ଶମ୍ବର ବରାହ ଶିକାର ସେ କଲା ॥
ତାହା ଘେନ ନଗରେ ହୋଇଲେ ପରବେଶ । ବିଧିମତେ ପିତୃଶ୍ରାଦ୍ଧ ସାରି ହେଲେ ତୋଷ ॥
ବ୍ରାହ୍ମଣ ପୁରୋହିତଙ୍କୁ ମେଲାଣି କରାଇ । ରାଣୀ ଅନ୍ତଃପୁରକୁ ସେ ବିଜେ ନରସାଇଁ ॥
ହରଷ ହୋଇଣ ସେ ରାଣୀକି ପଚାରଇ । ଚଲ ହସ୍ତେ ଯେଉଁ ଦ୍ରବ୍ୟ ଦେଲି ପଠିଆଇ ॥
ସେ ଦ୍ରବ୍ୟକୁ କିସ କଲୁ କହ ଗୋ ସତ୍ୟରେ । ପାଟମହାଦେଈ କହେ ରାଜା ସାକ୍ଷାତରେ ॥
ତୁମ୍ଭେ ଦେଇଥିବା ପତ୍ର ଦେଖ ନୃପମଣି । ଚଲ ଦେଇଗଲା ପୁଣି କହିଣ ଏ ବାଣୀ ।୩୫।
ରାଜା ଦେବା ପଦାର୍ଥ ମୁଁ ଘେନ ତଡ଼ବଡ । ମହାନଦୀ ମଧ୍ୟରେ ସେ ଆସୁଥିଲି ଉଡି ॥
ହାତେ ମୋର ପତ୍ରଠୋଲା ଦୂରୁଁ ଦେଖିକରି । ଆଉ ଏକ ଚଲ ଆସି ନେଲା ଝାମ୍ପମାରି ॥
ପତ୍ର ଚିରି ସେ ପଦାର୍ଥ ବେନି ଖଣ୍ଡ ହୋଇ । ମହାନଦୀ ଜଳରେ ସେ ପଡିଲାକ ଯାଇ ॥
ରୋହିମାଛ ଗୋଟିଏ ସେ ଜଳେ ଚରୁଥିଲା । ଆହାର ବିଚାରି ତାହା ତତକ୍ଷଣେ ଗିଳିଲା ॥
ଏହା କହି ପତ୍ର ଦେଇ ଚଲ ଉଡିଗଲା । ତୁମ୍ଭ ଦେଇଥିବା ଦ୍ରବ୍ୟ କାହିଁ ମୋ ଦେଖିଲା
ରାଣୀଠାରୁ ଶୁଣି ରାଜା ବିଷାଦେ ରହିଲା । ଏହିମତି ପୁଣି କେତେ ଦିନ ବହି ଗଲା ।୪୦।
ଦଶମାସ ଦଶଦିନ ମତ୍ସ୍ୟ ଗର୍ଭ ହେଲା । ବନାସୀ ଘେ ପରେ ଦିନେ କନକା ପଡ଼ିଲା ॥

ରାଜଯୋଗ୍ୟ ମତ୍ସ୍ୟ ସନ୍ଧୁଁ ଶବର ଦେଖିଲା । ରାଜା ପାଶେ ନେଇ ଭେଟ ଦେବଇଁ ବୋଇଲା
ଏମନ୍ତ ବିଚାରି ରାଜା ପାଶେ କଲା ନେଇ । ଦେଖିଣ ନୃପତି ବଡ଼ ସନ୍ତୋଷ ହୁଅଇ ॥
ଆଜ୍ଞା ଦେଲେ ସୁପକାର ଏହା ନିଅ ଘର । ବେଗକରି ଏ ମାଛକୁ ମଶୋହିକ କର ॥
ସେ ମୀନ କାଟନ୍ତେ ନେଇ ରୋଷାଇଶାଳରେ । ମାଛ ପେଟେ ବାଳକେ ଡାକନ୍ତି ଉଚ୍ଚସ୍ୱରେ
ବିଚାରି କରଣ ବେଳ ସଳଖରୁ କାଟ । ଆମ୍ଭେ ବେନି ବାଳକ ଯେ ଅଛୁଁ ମାଛ ପେଟ ॥
ଶୁଣିଣ ଚକିତ ଯେ ହୋଇଲେ ସର୍ବ ଜନ । ବେଳ ସଳଖରୁ ମୀନ କାଟିଲେ ବହନ ॥
ଦେଖିଲେ ମାଛ ପେଟେ ମନୁଷ୍ୟ ଦୁଇଗୋଟି । ସୂର୍ଯ୍ୟର କିରଣ ପ୍ରାପ୍ତେ ତେଜ ସେ ପ୍ରକଟି ॥
ଗୋଟିଏ ଅଣ୍ଡିରା ତହିଁ ଗୋଟିଏ ଯେ ମାଈ । ଦେଖିଲେ ମାଛ ପେଟୁଁ ମନୁଷ୍ୟ ଜନ୍ମ ହୋଇ
ରାଜା ଆଗେ ତତକ୍ଷଣେ ଜଣାଇଲେ ଯାଇ । ମାଛ ପେଟୁଁ ମନୁଷ୍ୟ ବାଳକ ଜନ୍ମ ହୋଇ ॥
ଝିଅ ପୁଅ ଦୁଇଗୋଟି ହୋଇଲେକ ଜାତ । ଅବଧାନ କରଣ ହେ ଦେଖ ନରନାଥ ॥
ତାହା ଶୁଣିକରି ରାଜା ସଭାରୁ ଉଠିଲେ । ଖନାଶାଳ ଦ୍ୱାରେ ଯାଇ ପ୍ରବେଶ ହୋଇଲେ
ଦେଖିଲେ ରାଜା ବାଳୁତ ଦୁହିତା ନନ୍ଦନ । ଦଶଚନ୍ଦ୍ର ସେ ବେନି ଅତ୍ୟନ୍ତ ଶୋଭବନ ॥
ମନେ ବିଚାରିଲା ପୁତ୍ର ଦୁହିତା ଏ ଦୁଇ । ଏ ବେନି ବାଳକ ମୁଁ ଯେ ପ୍ରତିପାଳିବଇଁ ॥
ମୃଗୟାର କଥା ରାଜା ରାଣୀ ଆଗେ କହି । ଯେଉଁ ବୀଜ ଦେଇଥିଲି ତଲ ହସ୍ତେ ମୁହିଁ ॥
ସେହି ବୀଜ ଯେନ ଚିଲ ଉଡି ଅସୁଥିଲା । ଅନ୍ୟ ଚିଲ ଦେଖନ୍ତେ ତା କନ୍ଦଳ ହୋଇଲା
ପତ୍ରଠୋଲା ତଳ ବୀଜ ବେନିଖଣ୍ଡ ହେଲା । ମହାନଦୀ ଜଳେ ଯାଇ ସେ ବୀଜ ପଡିଲା ॥
ସେ ଜଳ ଭିତରେ ରୋହିମାଛ ଚରୁଥିଲା । ଆହାର ବିଚାରି ସେହି ବୀଜକୁ ଗିଳିଲା ॥
ଚିଲ ଅଧିକରି ତୁମ୍ଭ ହସ୍ତେ ପତ୍ର ଦେଇ । ଯେଉଁ ସମାଚାର ସେ ତୁମ୍ଭଙ୍କୁ ଗଲା କହି ॥
ସେହି ବୀଜ ବେନିଖଣ୍ଡେ ଏ ବେନି ବାଳକ । ଜନକା ରୋହି ଗର୍ଭେ ରହିଲେ ଏସନକ ॥
ଶୁଣି ପାଟରାଣୀ ମନେ ସନ୍ତୋଷ ହୋଇଲା । ସୁପକାର କଥା ରାଣୀ ମନରେ ପଶିଲା ॥
ଦୁଇ କଥା ମନ ମଧ୍ୟେ କରିଲା ଏକହି । ସତ ବୋଲିକରି ସେହୁ ବିଚାରିଲା ଚିତ୍ତ ॥
ଧାଈ ମୁଦୁସୁଲୀଙ୍କି ଯେ ଦେଲେ ବେନି ବାଳେ । ତତକ୍ଷଣେ ଅଙ୍ଗ ପଖାଳିଲେ ବାସଜଳେ ॥
ଅଗର ଚନ୍ଦନକାଷ୍ଠେ ଏନ୍ଦୁଡ଼ି ଜାଳିଲେ । କୁମର କୁମାରୀଙ୍କର ନାଭି ଛେଦ କଲେ ॥
ଖଟ ଦୋଳୀ ବାଙ୍କିଆ ଯେ ଶେଯ ପାଟଭୂଲ । ଢୋଲ ଟମକ ଯେ ବାଜେ ମଙ୍ଗଳମହୁରି ॥
ଏଥୁଅନ୍ତେ ରାଜା ପାତ୍ର ମନ୍ତ୍ରୀ ହକାରିଲା । ଦୈବଜ୍ଞ ଡକାଇ ଭଲ ମନ୍ଦ ଯେ ବୁଝିଲା ॥
କେମନ୍ତ ଯୋଗରେ ପୁତ୍ର ହୋଇଛୁ ଜନମ । ଭଲ ମନ୍ଦ କ ହୋଇଲା କହ ହେ ବହନ ॥
କୋଷ୍ଠି ସ୍ଥାପି ଗ୍ରହ ଲଗାଇଣ ଶୁଭ କହି । ସର୍ବଶୁଭ ମଙ୍ଗଳ ହୋଇଲା ତୁମ୍ଭଙ୍କୁହିଁ ॥
ମଘା ନକ୍ଷତ୍ରକୁ ସିଂହରାଶି ଯେ ହୋଇଲା । ତୁମ୍ଭର କୁମର ରାଜା ହୋଇବ ଲେଖିଲା ॥
ମାତୃରେ ପିତୃରେ ହାଦେ ଦୋଷ ନାହିଁ କିଛୁ । ସର୍ବଶୁଭ ଲକ୍ଷଣ ଏହାର ହୋଇଅଛୁ ॥

ମତ୍ସ୍ୟର ଗର୍ଭରୁ ଜନ୍ମ ହୋଇଲାକ ଯହୁଁ । ମତ୍ସ୍ୟରାଜ୍ୟ ବୋଲି ନାମ ବୋଲାଇଲା ତହୁଁ ॥
ଏହାର ସଙ୍ଗତେ ଯେ ଦୁହିତା ଉତପନ୍ନ । ତେଣୁକରି ନାମ ତାର ଅଟେ ମତ୍ସ୍ୟବତୀ ॥
ବଡ଼ ଶୁଭଯୋଗେ ଏହୁ ହୋଇଲା ଦୁଲଣୀ । ଚକ୍ରବର୍ତ୍ତୀ ରାଜାର ଏ ହେବ ପାଟରାଣୀ ॥
ଏହିମତ ଦଇବଜ୍ଞ କହିଲା ଶ୍ୱମୁର । ଶୁଣି କରି ସନ୍ତୋଷ ହୋଇଲେ ନୃପବର । ୭୫ ।
ମତ୍ସ୍ୟବତୀ ମତ୍ସ୍ୟରାଜ୍ୟ ହୋଇଲେ ଜନମ । ରାଜା ରାଣୀ ସମସ୍ତଙ୍କ ହରଷିତ ମନ ॥
ଶାଢ଼ୀ ସୁନାବଲା ଯେ ଯେ ଦୈବଜ୍ଞଙ୍କୁ ଦେଇ । ଗୋରୁ ମଇଁଷି ଆବର ଭୂମିଦାନ ଦେଇ ॥
ହାଟ ଭୁଠ ଗ୍ରାମ ଜୁର କରାଇ ବାଜନ । ମୀନ ପେଟୁଁ ମନୁଷ୍ୟ ପାଇଲା ବୋଲି ପୁଣ ॥
ମୋତେ ଶୁଭ ହେଲା ବୋଲି ଆନନ୍ଦିତ ମନ । ବ୍ରାହ୍ମଣେ ଡ଼କାଇ ରାଜା ଦେଲା ବସ୍ତ୍ର ଦାନ ॥
ଗଜ ଅଶ୍ୱ ଗୋରୁ ଯେ ମଇଁଷି ଦାନ ଦେଲା । ଅନ୍ନ ବସ୍ତ୍ର ତିଲକାଞ୍ଚନ ସେ ଭୂମି ଦେଲା । ୮୦ ।
ଏଥିଅନ୍ତେ ଧାଈ ଯେ ପୁତ୍ରଙ୍କୁ ପ୍ରତିପାଳ । ଦିନକୁଦିନ ପୋଷ୍ୟେ ବଢନ୍ତି ମହାବଳୀ ॥
ମତ୍ସ୍ୟରାଜ୍ୟ ଜନ୍ମ ହୋଇ ଶୁଦ୍ଧେଣ ବଢିଲା । ଅଚ୍ୟୁତ ଦାସ ଯେ ଏହା ଗୀତରେ ଭଣିଲା ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ଦାସରାଜାତନତେ
ମତ୍ସ୍ୟରାଜ୍ୟମତ୍ସ୍ୟବତୀଜନ୍ମକଥନେ ହରିଅର୍ଜ୍ଜୁନସମ୍ବାଦେ ନାମ ଦଶମୋଽଧ୍ୟାୟଃ ।

---

## ଏକାଦଶ ଅଧ୍ୟାୟ ।

### ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ଶୁଣ ପ୍ରଭୁ ଜଗନ୍ନାଥ । ଦାସରାଜା ବଂଶ କେଢେ ହୋଇଲା ବିଖ୍ୟାତ ॥
ଏ କଥା ବିସ୍ତରି ମୋତେ କହିବ ଗୋସାଇଁ । କେମନ୍ତେ ବିଖ୍ୟାତ ହେଲା ରାଜପୁତ୍ର ହୋଇ ॥
ଶ୍ରୀହରି ବୋଇଲେ ଯାହା ପୁଚ୍ଛାକଲୁ ବୀର । ଶୁଣ ଏବେ ବଂଶ ଯେଣେ ବଢିଲେ ତାହାର ॥
ହାରି ମାଲା ମତ୍ସ୍ୟରାଜ୍ୟ ତନପୁତ୍ର ହେଲେ । ଅନେକତ ପୁତ୍ର ମହାଦେଇ ଜାତ କଲେ ॥
ଗିରମା ତହୁଁ ଯେ ପୁଣି କୁମର ଜନ୍ମିଲା । ଦାସ ଧୀବର ବୋଲି ଯେ ନାମ ତାର ହେଲା ॥
ଏମନ୍ତେଣ ଦାସରାଜା ବଂଶ ଯେ ବଢିଲେ । ସପ୍ତଦ୍ୱୀପା ପୃଥିବୀରେ ବିଖ୍ୟାତ ହୋଇଲେ ॥
ରାଜାମାନଙ୍କର ଝିଅ ପୁତ୍ରେ ବିଭା କରି । ଦୁହିତା ପ୍ରଦାନ କଲା ରାଜପୁତ୍ରେ ବରି ॥
ଏହିରୂପେ କୈବର୍ତ୍ତିର ବଂଶ ଯେ ବଢିଲେ । ନଥାଲୀ କୈବର୍ତ୍ତ ବୋଲି ନାମ ଭଣାଇଲେ ॥
ଅର୍ଜ୍ଜୁନ ବୋଇଲେ ପ୍ରଭୁ ପାଇଲି ପତ୍ରତେ । ଏବେ କହ ଛଣପଟ ଜାଲ କେଉଁମତେ ॥
ଶ୍ରୀହରି ବୋଇଲେ ତାହା ଶୁଣ ତୁ ଅର୍ଜ୍ଜୁନ । ଛଣପଟ ଜାଲର ମୁଁ କହଇ ବିଧାନ । ୯୦ ।
ସିଆଁ କାଠି ସଡଙ୍ଗ ଯେ ବିଶ୍ୱକର୍ମା ଦେଲେ । ଚକତାଳୁରରେ ସୂତା ଈଶ୍ୱର କାଟିଲେ ॥
ପାର୍ବତୀ ସୂତା କଷାଇ ଜାଲ ସେ ବୁଣିଲେ । ଭୂତ ପ୍ରେତ ଡାଏଣୀ ଯେ ମହାଭୟ କଲେ ॥
ସେ ଜାଲ ଫାଶକୁ ଦେଖି ଭୂତ ପ୍ରେତଗଣେ । ଗ୍ରାମରୁ ପଳାଇ ଯାଇ ରହିଲେ ଅରଣ୍ୟେ ॥

ଗୁଣ୍ଡି ଖେପାଜାଲ ବୁଣି ଭର ଯେ ବୁଣିଲେ । ପାହାଡ଼ୁଆ ଗଣ୍ଡିମାଲ ଦାନ୍ତୁଆଣ୍ଟ କଲେ ॥
ଦୋଅଣ୍ଡ ବୁଣିଣ ସେହୁ କଲେକ ଜାଲୋଇ । ମୁଣ୍ଡଭଉଁରିଆ ବୁଣ ଲୁହାଗୁଣା ଦେଇ । ୧୯ ।
ପର୍ଙ୍ଗି ଜାଲ ବୁଣେ ଯେ ଯେ ବୁଣିଲେ ପେଲଣା । ଘରଜାଲେ ଶୋଭାପାନ୍ଦ ଚଲେ ଲୁହାଗୁଣା ॥
ଏମାନ ଦାସରାଜାକୁ ଶିଖାଇଣ ଦେଲେ । ଦଲ ସଇନ ଘେନିଣ ପାଶ ପକାଇଲେ ॥
ଏମନ୍ତେ ଈଶ୍ୱର ମାଛ ମାର ଶିଖାଇଲେ । ନ ଅସିବା ଜୀବକା ପାବାଂଶ କହିଦେଲେ ॥
ରାଜଆସନରେ ବସି ସର୍ବଅଧିକାରୀ । କ୍ଷତ୍ରିୟ ଧରମ ରାଜା ବଗୃଚଣା କରି ॥
ନବ ଜାଲ ଚୂଡ଼ା ଚିଙ୍କି କ୍ଷତ୍ରିୟ ବଶ୍ଟର । କନ୍ଧରେ ପଇତା ହସ୍ତେ ଧନୁ ତୀକ୍ଷ୍ଣଶର ।୨୦।
ଏହିରୂପେ କୈବର୍ତ୍ତର ବଂଶ ଯେ ବଢିଲା । ନାନାବିଧ ବଣିଜମାନ ଆଣି ଉଆଇଲା ॥
କେହୁ ବା ଗୃଷ ଚଷିଣ ବଲଦ ବାହିଲା । ଗୃଷୀ କଇବର୍ତ୍ତ ବୋଲି ନାମ ଭଣାଇଲା ॥
ରଥ ଗଜ ଅଶ୍ୱ ଯେ ପଦାତିବଲ ଗୋଟି । ଦାସରାଜା ପାଶେ ଏହିମାନେ ଥାନ୍ତି ଖଟି ॥
ଏମନ୍ତେ କୈବର୍ତ୍ତ ଦାସରାଜାର ପ୍ରଧାନ । ଜାତି ଗୋତ୍ର ବନ୍ଧୁ ଯେ ବହୁତ ଉତପନ୍ନ ॥
କେହି ବା ବୋଇତ ଚଢି ବଣିଜରେ ଯାଇ । ବୋଇତିଆଲ ବୋଲିଣ ନାମ ସେ ଭଣାଇ ॥
କେହୁ ଅବା ଜାଲ ବାହି ମାଛ ସେ ମାଇଲେ । ଜାଲିଆ କେଉଟ ବୋଲି ନାମ ଭଣାଇଲେ ॥
କେହୁ ଅବା ଘାଟ ତୀର ଆବୋରି ରହନ୍ତି । ନାଉରିଆ ବୋଲି ନାମ ସଂସାରେ ବୋଲାନ୍ତି ॥
କେ ଅବା ନାବ ଘେନିଣ ବଣିଜ କରଇ । କେ ଅବା ମଲଙ୍ଗ ନାବ ପଲଖା ଚଲାଇ ॥
କେହୁ ବା ଚୂଡ଼ା କୁଟିଣ ବେପାର ଯେ କଲେ । ଚୂଡ଼ାକୁଟା କଇବର୍ତ୍ତ ସେହୁ ବୋଲାଇଲେ ॥
ଲିଆ ମୁଡି ଉଖୁଡ଼ା ସେ ବଜାରେ ବିକଲେ । ଲିଆଲୀ କୈବର୍ତ୍ତ ବୋଲି ନାମ ଭଣାଇଲେ ॥
ପୁରୀ ଯେ କାକରା ଗୁଡ଼ ବେଉସା କରନ୍ତି । ଗୁଡ଼ିଆସାହୁ ବୋଲିଣ ସଂସାରେ ବୋଲାନ୍ତି ॥
ନାବ ଲିଆ ଚୂଡ଼ା ଏ ଯେ ଶ୍ରେଷ୍ଠ ତିନ କର୍ମ । ମାଛ ମାରିବାର କର୍ମ ସବୁଠାରୁ ହୀନ ॥
ଦୋକାନ ଜୀବକା ସେ ଯେ କଇବର୍ତ୍ତ କଲେ । ମଦ୍ୟ ମାଂସ ଜୀବକାରେ ଧୀବର ବଢ଼ିଲେ ॥
ମଦ୍ୟ ମାଂସ ଖାଇ ସେ କୁଟୁମ୍ବ ପ୍ରତିପାଳ । ବର୍ଣ୍ଣଶଙ୍କର ପର୍ଯ୍ୟନ୍ତେ କରନ୍ତି ତମାଳ ॥
ଗୀତ ଗାଇ ଘୁମୁରା ଧରିଣ ସେ ବଜାଇ । ମାନ୍ୟ ଗଉରବ ସେ କାହୁଁହିଁ ନ ଜାଣଇ ।୨୧।
ପ୍ରସନ୍ନ ହୋଇ ଦାସକୁ କହିଦେଲୁ ସବୁ । ମଦ୍ୟପାନ କଲେ ତୁହି ନର୍କରେ ପଡିବୁ ॥
ଅଭକ୍ଷ ଭକ୍ଷଣେ ତୁହି ନୋହିବୁଟି ଭ୍ରମ । ଉତ୍ତମକୁଳେ ଜନମି କଲେ ହୀନକର୍ମ ॥
ଆଗମପୁରାଣେ ଏହା ପଣ୍ଡିତେ କହନ୍ତି । ନଷ୍ଟେ ସେହୁ ପ୍ରାଣୀର ହୁଅଇ ନର୍କଗତି ॥
ସୁଖ ବଶ୍ଟର ଯେ ନାନା ଜୀବ କରେ ହତ । ନାନା ଜାତି ସଙ୍ଗତରେ ମଦ୍ୟପାନେ ରତ ॥
ଶୂକର କୁକ୍କୁଟ ସହସ୍ର ପୋଡି ପାକେ ଭର । ମଦ୍ୟପାନ ଅନ୍ତେ ସେ ତାହାକୁ ଭୋଗ କର ॥
ଖୁଡ଼େଇ ଜେଠାଇ ମାଇଁ ମାଉସୀ ଦୁହିତା । ଭଉଣୀ ଭଣିଜୀ ତାର ଯେତେକ ମାନିତା ॥
ନ ମାନନ୍ତି ଏମାନ ସେ ଧର୍ମ ନ ବିଚାର । ମତ୍ତଭରେ ମହାପାପେ ଯାନ୍ତି ନର୍କପୁରୀ ॥

ଯେମାନେ ବୃଷଳୀପତି ମାତା ନ ମାନନ୍ତି । ମାତା ଗର୍ଭ ଜନ୍ମି ତାଙ୍କୁ ବଡ଼ମନା ଚନ୍ତି ॥
ପାପ ପୁଣ୍ୟ ଭଲ ମନ୍ଦ କିଛି ନ ଜାଣନ୍ତି । ଏସନେ ଧୀବର ବଂଶ ସଂସାରେ ବଢ଼ନ୍ତି ॥
ଦେବୀର ଖପରେ ତାଙ୍କୁ ଯମ ଦଏ ବାସ । ଏହିମତ ଧୀବର ଯେ ହେଉଛନ୍ତି ନାଶ ॥
ଏ କଥାକୁ ଦାସରାଜା ବୁଝି ସୁଚରିତରେ । କେବେ ନ ଭ୍ରମିବୁ ତୁହି ଏ ପାପ କଥାରେ ॥
କଇବର୍ତ୍ତ ଦାସରାଜା ସୁବୁଦ୍ଧି ତୁ ଜାଣ । ଧୀବର ଶିଉଳ କୁଳବଧ ମଦ୍ୟପାନ ॥
ଶିଉଳ କେଉଟ ସେହୁ ବୋଲନ୍ତି ସଂସାରେ । ଦାସୀର କୁମର ସେ ଯେ ଜନ୍ମ କୁକର୍ମରେ ॥
ମୀନ ସନ୍ତୋଷରେ ସେହୁ ମଦ୍ୟପାନ କଲେ । ଶିଉଳ କେଉଟ ନାମ ସଂସାରେ ବହିଲେ ॥
ଅର୍ଜ୍ଜୁନ ବୋଇଲେ ପ୍ରଭୁ ଶୁଣିମା ଅନନ୍ତ । ଧୀବର ଶିଉଳ କପାଁ କଲେ ଏତେ କୃତ୍ୟ ॥
କଇବର୍ତ୍ତ ବୀର୍ଯ୍ୟରୁ ସେ ଉତ୍ପନ୍ନ ହୋଇଲେ । କପାଁ ହୀନକର୍ମ କଲେ କହ ପ୍ରଭୁ ଭଲେ ॥
ଏଥିର ମରମ କଥା କହିବ ଗୋସାଇଁ । କପାଁ ଏଡ଼େ କର୍ମ କଲେ କଇବର୍ତ୍ତ ହୋଇ ॥
ଶ୍ରୀହରି ବୋଇଲେ ବାବୁ ଶୁଣ ତୁ ଅର୍ଜ୍ଜୁନ । ଦାସରାଜା ଜନମିଲା ଆମ୍ଭ ତହୁଁ ପୁଣ ॥
ରାଜାପଣେ ଶାଢ଼ୀ ତାଙ୍କୁ ଦେଇଅଛୁ ମୁହିଁ । ସିଂହଳଦ୍ୱୀପର ସେହୁ ଅଧିପତି ହୋଇ ॥
ଗିରମାଙ୍କୁ ଦାସରାଜା ବିଭା ଯେ ହୋଇଲା । ଗିରି ଦୁହିତାଇ ଯେ କମଳା ଆସିଥିଲା ।୬୫।
ଦାସୀଠାରୁ ନୃପତିର ହୋଇଲା କୁମର । ତେଣୁ ସେ ଧୀବର ବୋଲି ହୋଇଲା ପ୍ରଚାର
ଧାଙ୍ଗୀର କୁଳରୁ ରାଜା ବିଭା କରାଇଲେ । ତାହାର ଅଂଶୁ ଧୀବର ବହୁତ ବଢିଲେ ॥
ଧାଙ୍ଗୀକୁଳ ରଜ ସେହୁ ଦାସରାଜା ବୀଜ । ସଂଯୋଗ ହୋଇଲା ତହିଁ ତମ ସତ ରଜ ॥
ଦୁଇ କୁଳ ରଜ ବୀଜ ଏକତ୍ର ହୋଇଲା । କେଉଟଥା ହୋଇଣ ଯେ ନାମ ପାଇଥିଲା ॥
ତରିଭୁଠ ଆବୋର ସେ କୁଟୁମ୍ବ ପୋଷଇ । ତରାଇ କେଉଟ ବୋଲି ନାମ ତା ବୋଲାଇ
ଅକୁଳ ଅଗୋଚର ହୋଇ ବଢିଲେ ବିଶାଳ । ତେଣୁ ନାମ ବୋଲାଇଲା ଶିଉଳ ଧୀବର ॥
ଜାଲ ବୁଣି ମାଛ ମାରି କୁଟୁମ୍ବ ପୋଷିଲେ । ମଦିରାପାନରେ ସେହୁ ଦିନ ବିତାଇଲେ ॥
ଏମନ୍ତେ ଅଜ୍ଞାନମାର୍ଗେ ବହୁତ ବଢିଲେ । ସୁରାପାନ କରଣ ସେ ନୀଚମାର୍ଗେ ଗଲେ ॥
ଧୀବର ଶିଉଳି କଥା ହୋଇଲା ସମ୍ପୂର୍ଣ୍ଣ । ଭଣଇ ଅଚ୍ୟୁତାନନ୍ଦ କୃଷ୍ଣରେ ଶରଣ ।୭୪।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ କୈବର୍ତ୍ତ-
ଦାସରାଜାଚରିତେ ଦାସଧୀବରକଥନେ ନାମ ଏକାଦଶୋଽଧ୍ୟାୟଃ ।

---

## ଦ୍ୱାଦଶ ଅଧ୍ୟାୟ ।

### ଅର୍ଜ୍ଜୁନ ଉବାଚ ।

ଶ୍ରୀହରିଙ୍କି ଗୃହିଁ ପୁଣ ଅର୍ଜ୍ଜୁନ ପୁଚ୍ଛିଲେ । ଯେଉଁ ମତ୍ସ୍ୟଠାରୁ ବେନି ବାଳକ ଜନ୍ମିଲେ॥
ପୂର୍ବେ କେଉଁ ପାପରୁ ସେ ହେଲା ଗର୍ଭବାସ । ଏହି କଥା ବୁଝାଇ କହିବା ପୀତବାସ ॥

ଶ୍ରୀହରି ବୋଇଲେ ତୁମ୍ଭେ ଶୁଣ ବୀର ପାର୍ଥ । ଏଥିର ପରମସନ୍ଧି କହିବା ଯଥାର୍ଥ ॥
ସ୍ୱାୟମ୍ଭୁବମନୁ ବୋଲି ସ୍ୱର୍ଗର ବାରତା । ସ୍ୱର୍ଗ ଅସ୍ଥାନରେ ବସି ସେ ଇନ୍ଦ୍ରଦେବତା ॥
ବ୍ରହ୍ମା ଆଦି ଦେବତାଏ ସୁଧର୍ମାସଭାରେ । ନୃତ୍ୟ ଗୀତ ରସେ ଛନ୍ତି ଗନ୍ଧର୍ବେ ସେଠାରେ ॥
ତାଳ ପଖାଉଜ ବାଜେ ମୃଦଙ୍ଗ ଝଙ୍କାର । ପଞ୍ଚମବସନ୍ତ ରାଗେ ଆଳାପ ସୁସ୍ୱର ॥
ମେନକା ସୁନ୍ଦରୀ ସେ ଯେ ସ୍ୱର୍ଗ ଅପସରୀ । ନୃତ୍ୟରଙ୍ଗେ ପ୍ରବେଶିଲା ଦିବ୍ୟବେଶ ଧରି ॥
ତାଣ୍ଡବନୃତ୍ୟରେ ସର୍ବ ଅପସରୀବୃନ୍ଦ । ସୁଲଳିତ ନୃତ୍ୟଗୀତେ ସମସ୍ତେ ଆନନ୍ଦ ॥
ପାଦଘାତେ ରୁଣଝୁଣ ବାଜଇ ନୂପୁର । ନୃତ୍ୟରଙ୍ଗେ ମୋହିଲା ସେ ଦେବପୁରନ୍ଦର ॥
ନୃତ୍ୟ କରୁ କରୁ ସେ ଅନଙ୍ଗ ଉନ୍ମାଦରେ । ରଜ ତା ସ୍ଖଳିତ ହୋଇ ପଡ଼ିଲା ଭୂମିରେ ।
ବେଦପତି ବୋଇଲେ ମେନକା ମୁଖ ଚାହିଁ । ରଜସ୍ୱଲା ହୋଇ ତୁ ଅଇଲୁ ସଭା ତହିଁ ॥
ଏଥିକୁ ଶାପ ତୁ ଘେନ ମେନକା ସୁନ୍ଦରୀ । ମାଛର ପେଟରେ ଜନ୍ମ ହୁଅ ଯା ପାମରୀ ॥
ତା ଶୁଣି ମେନକା ବ୍ରହ୍ମା ପାଦତଳେ ପଡ଼ି । ଉଠିଣ ଉଭା ହୋଇଲା କରପଦ୍ମ ଯୋଡ଼ି ॥
ଶୁଣ ବେଦପତି ମୋର ଦୋଷ ନାହିଁ କିଛି । ନୃତ୍ୟରଙ୍ଗ କରନ୍ତେ ପଡ଼ିଲା ରଜ ଖସି ॥
ଏଥିକୁ ଶାପ ଦିହିଲ ମୋତେ ବେଦପତି । ଆଜ୍ଞା ଦେବା ହେଉ କେବେ ପାଇବି ମୁକତି ॥
ଶୁଣି କହି ବେଦପତି ବୋଲନ୍ତି ବଚନ । ମୋ ଦେଲାର ଶାପ ଅଉ ନୋହିବ ଯେ ଆନ ॥
କଳ୍ପ ପ୍ରଳୟରେ ମୁହିଁ ବ୍ରହ୍ମଲୋକେ ଶୋଇ । ସହସ୍ର ଯୁଗଯାଏ ତହିଁ ନିଦ୍ରା ଯାଇ ॥
ସୃଷ୍ଟିଖାନି ଛପନକୋଟି ଯେ ଜୀବଜନ୍ତୁ । ଦଶଦିଗପାଳ ଚନ୍ଦ୍ର ସୂର୍ଯ୍ୟ ଆଦି ମୃତ୍ୟୁ ॥
ଚଉଦ୍ଦଶ ମନୁ ସପ୍ତଋଷି ଆଦି କରି । ଚଉଦ୍ଦଶ ଅବତାର ଶ୍ରୀହରି ସଂହରି ॥
ଭୂର୍ଲୋକ ଯେ ଭୁବର୍ଲୋକ ସ୍ୱର୍ଲୋକ ତିନି । ମହର୍ଲୋକ ଯାଏ ଜଳ ଉଛୁଳିଲା ପୁଣି ।
ତେତେବେଳେ ଶ୍ରୀକୃଷ୍ଣ ଯେ ବଟପତ୍ରେ ଶୋଇ । ଲକ୍ଷ୍ମୀଙ୍କ ଧାତେ ବଟପତ୍ରେ କମ୍ପୁଥାଇ ॥
ତାହା ଦେଖି କୃଷ୍ଣ କର୍ଣ୍ଣମୂଳୁଁ କରି ଜାତ । କଇବର୍ତ୍ତ ଦାସ ବୋଲି ସଂସାରେ ବିଖ୍ୟାତ ॥
ସେ ବଟପତ୍ରରେ ବସି କର୍ଣ୍ଣଆର ଧରି । ସ୍ଥିର ହୋଇନ୍ତେ ବଟ ସେ ଶଯ୍ୟାବ ପୁଣି କରି ॥
ତାହାଙ୍କୁ ସିଂହଳଦ୍ୱୀପେ କରିବେ ସେ ରାଜା । ମୃଗୟା ବିନୋଦେ ଯେ ବଜାଇ ଦାସରାଜା ॥
ମୃଗଣୀ ଉନ୍ମାଦ ଦେଖି ବିନ୍ଦୁ ତା ଖସିବ । ଶିଆଳପତ୍ରରେ ତାହା ଟେକି ହସ୍ତେ ଦେବ ॥
ଅନ୍ୟ ଚିଲ ଦେଖି ଆସି ତା ସଙ୍ଗେ ଯୁଝିବ । ବେନିଖଣ୍ଡ ହୋଇ ବୀଜ ଜଳରେ ପଡ଼ିବ ॥
ମତ୍ସ୍ୟଗର୍ଭେ ଜନ୍ମ ହେବୁ ନାମ ତୋ କନକା । ସେ ନଦୀ ଜଳରେ ତୁହି ଚରୁଥିବୁ ଏକା । ୭
ଅଧାର ବୀର୍ଯ୍ୟର ବୀଜ କରିବୁ ତୁ ଗ୍ରାସ । ତତକ୍ଷଣେ ହୋଇବ ତୋହର ଗର୍ଭବାସ ॥
ମୀନଗଣ ସଙ୍ଗେ ତୁ ଗମ୍ଭୀରଜଳେ ଥିବୁ । ଶବର ବଣ୍ଟିକିଣ୍ଡା ଲାଗିଲେ ମରିବୁ ॥
ତୋହର ଗର୍ଭରେ ପୁତ୍ର ଦୁହିତା ଯେ ହୋଇ । ଦାସରାଜା ନେଇ ତାଙ୍କୁ ପ୍ରତିପାଳିବଇ ।
ପୁତ୍ର ଯେ ତାହାର ରାଜ୍ୟେ ହୋଇବଇ ରାଜା । ଦୁହିତା ଗର୍ଭରେ ପରାଶରଙ୍କ ତନୁଜ ॥

ତୋର ସ୍ତ୍ରୀ ଗର୍ଭେ ବ୍ୟାସମୁନି ହେବେ ଜାତ । ତେବେ ସେ ତୋହର ଶାପ ହୋଇବ ମୁକତ ॥
ଏହିମତ କେତେ ସମ୍ବତ୍ସର ତହିଁ ଗଲା । ସେ ମେନକା ସୁନ୍ଦରୀ ଯେ ପ୍ରାଣତ୍ୟାଗ ହେଲା ॥
ସୁମତି ବୋଲଇ ଯେ ଏକଇ ମୋହ ମାଛ । ବଡ ଭାଗ୍ୟବତୀ ମୋରେ ଭକ୍ତି ତାର ସ୍ୱଚ୍ଛ ॥
ସେହି ସମୟରେ ସେ ହୋଇଛି ଋତୁବତୀ । ମେନକା ଯାଇ ତାହାର ଗର୍ଭେ ହେଲା ସ୍ଥିତି ॥
ଏହିମତ ଦଶମାସ ସମ୍ପୂର୍ଣ୍ଣ ହୋଇଲା । ସୁମତି ମୋହମାଛ ଯେ ଶୁଭେ ପ୍ରସବିଲା ।୩୬।
ଜନ୍ମ ହୋଇ ମେନକା କନକା ତାର ନାମ । କେତେଦିନ ରଜସ୍ୱଲା ହୋଇଲା ସେ ମୀନ ॥
ଯେଉଁ ପଥେ ଚଳ ବୀଜ ଧେନ ଆସୁଥାଇ । ସେହି ପଥ ସଳଖେ କନକା ଚରୁଥାଇ ॥
ଏମନ୍ତ ସମୟେ ଚଳ ବୀଜ ଆଣୁଥିଲା । ମହାନଦୀ ମଧ୍ୟେ ଆସି ପ୍ରବେଶ ହୋଇଲା ॥
ଦୁଇ ଚଳ ଯୁଦ୍ଧେ ବୀଜ ପଡିଲା ସେ ଜଳେ । ସେ ବୀଜକୁ ଗିଳିଲା ଯେ କନକା ତତ୍କାଳେ ॥
ଗର୍ଭବାସ ଦଶମାସ ସମ୍ପୂର୍ଣ୍ଣ ହୋଇଲା । ଶବର ବହିଣ ଥୋପେ ପ୍ରାଣ ବିସର୍ଜିଲା ॥
ସେ ମେନକା ଅପସରୀ ଗଲା ସ୍ୱର୍ଗପୁର । ଶୁଣିଲୁ କି ଅର୍ଜୁନ ହେ ଯେ ପ୍ରଶ୍ନ ତୋହର ॥

ଅର୍ଜୁନ ଉବାଚ ।

ଶୁଣିଣ ଅର୍ଜୁନ ବେନି କର ଯୋଡି ପୁଣ । ବୋଲଇ ଶ୍ରୀହରି ତୁମ୍ଭେ ସାବଧାନେ ଶୁଣ ॥
ବେଦବ୍ୟାସ ଜନ୍ମ ମୋତେ କହ ନାରାୟଣ । କେମନ୍ତ ପ୍ରକାରେ ପରାଶର ବୀର୍ଯ୍ୟେ ଜନ୍ମ ॥
ପରାଶର ହୋଇଛନ୍ତି କାହାଠାରୁ ଜାତ । ଏହି କଥା ବୁଝାଇ କହିବା ଲକ୍ଷ୍ମୀକାନ୍ତ ॥
ଶ୍ରୀହରି ବୋଇଲେ ପାର୍ଥ ପଚାରିଲୁ ଯାହା । ସାବଧାନ ହୋଇ ଶୁଣ ସୁଭଦ୍ରାର ନାହା ॥
ବ୍ରହ୍ମାର ନନ୍ଦନ ଯେ ବଶିଷ୍ଠ ମହାଋଷି । ବଶିଷ୍ଠଙ୍କ ପୁତ୍ର ନାମ ଶକ୍ତି ମୁନି ଋଷି ॥
ଶକ୍ତି ମୁନି ଶିଷ୍ୟ ପରାଶର ବୋଲି କହି । ବ୍ରହ୍ମାଙ୍କର ଅଣନାତି ଅଟନ୍ତି ସେହି ॥
ଏକଦିନ ପରାଶର ସିଂହଳଦ୍ୱୀପରେ । ପ୍ରବେଶ ହୋଇଲେ ରାଜା ମଥୁନବରରେ ॥
ଦେଖିଲେ ନାନା ବୃକ୍ଷରେ ପୁଷ୍ପ ବିକଶିତ । ଅବସନ୍ତେ କୋକିଳ ରାବଇ ଘନ ଘନ ॥
ସୁଶୀତଳ ଜଳ ପୁଷ୍କରଣୀ ପଦ୍ମାକର । ପଞ୍ଚଶର ଦ୍ୱୀପଦଣ୍ଡୀ ମଧ୍ୟରେ ସୁନ୍ଦର ।୫୬।
ଦାସରାଜାଦୁହିତା ଯେ ସଖୀଗଣ ସଙ୍ଗେ । ସମବୟସୀ ବାଳାଏ ବିହରନ୍ତି ରଙ୍ଗେ ॥
ଦେଖି ପରାଶର ଋଷି ବିହ୍ୱଳିତ ମନ । କୁମାରୀକି ଦେଖି ଅଙ୍ଗେ ଧାଇଲା ମଦନ ॥
ଦାସରାଜାଦୁହିତାକୁ ପଚାରନ୍ତି ଋଷି । କାହାର ନନ୍ଦନୀ ତୁ ଗୋ ଅଟୁ ଶୁଭ୍ରକେଶୀ ॥
ଋଷିଙ୍କ ବଚନ ଶୁଣି ବୋଲେ ରାଜଜେମା । ଦାସରାଜାଦୁହିତା ମୁଁ ମତ୍ସ୍ୟବତୀନାମା ॥
ନିତ ପ୍ରତି ଏ ବନରେ ଖେଳୁଥାଇଁ ବସି । ଜଳକେଳି ନାବକେଳି କରୁଁ ଅହର୍ନିଶି ॥
ଦାସରାଜାଙ୍କଠାରୁ ଶୁଣି ଏ ବଚନ । ସ୍ୱଭାବେ ପଦ୍ମିନୀ କନ୍ୟା ରମ୍ଭା ନୋହେ ସମ
ପାଟଳର ବିମ୍ବ ପ୍ରାୟେ ଅଧର ସୁନ୍ଦର । ମଦନେ ପୀଡିଲା ତନୁ ଦେଖିଣ ଋଷିର ॥
ବୋଇଲେ ତୁ ରାଜଜେମା ନ କରଣ ଭୟେ । ଆମ୍ଭ ସଙ୍ଗେ ମିତ୍ର କର କହିବା କଥାଏ ॥

---

ମତ୍ସ୍ୟବତୀ ବୋଇଲା ମୁଁ କି ସତ୍ୟ କରିବି । ତୁମ୍ଭେ ମହାମୁନି ମୁଁ ଯେ କିସ ଦ୍ରବ୍ୟ ଦେବି ॥
ସ୍ୱଭାବେ ବାଳୁତ ମୁହିଁ ନ ଜାଣଇ କିଛି । ସତ୍ୟ କରାଇବ ତୁମ୍ଭେ କିବା ମନେ ଇଛି ॥
ତୁମ୍ଭେତ ସର୍ବଜ୍ଞ ମୁନି ଗୃହବେଦଜ୍ଞାତା । କି କଥାରେ ସତ୍ୟ ମୁଁ କରିବ ବ୍ରହ୍ମବେତ୍ତା ॥
ପରାଶର ବୋଲେ ଶୁଣ ରାଜାର କୁମାରୀ । ଅତ୍ୟନ୍ତ ଶୁଭଯୋଗ ଯେ ଘଟିଛି ମୋହରି ॥
କେତେ ସମୟରେ ମୁହିଁ ଏ ଯୋଗ ପାଇଛି । ଦଇବପୁରୁଷ ଯେ ତୁମ୍ଭଙ୍କୁ ଭେଟାଇଛି ॥
ଏସନକ ଶୁଭଯୋଗ ଆଉ ନ ମିଳିବ । ଆମ୍ଭ ବୀର୍ଯ୍ୟେ ଏହିକ୍ଷଣି କୁମର ଜନ୍ମିବ ॥
ଗର୍ଭରୁ ପଡ଼ଣି ସେ ଯେ ନବଯୁବା ହେବ । ଜନମ ହୋଇଣ ଗୃହବେଦ ସେ କହିବ ॥
ଏହା ଶୁଣି ମତ୍ସ୍ୟବତୀ ଅଚମ୍ଭିତ ହେଲା । କଥା ବଡ଼ବାର ପାଇଁ ସନମତ କଲା ॥
ବୋଇଲାତ ଦଶମାସେ ପୁତ୍ର ହୋଏ ଜାତ । ଏହିକ୍ଷଣି ପୁତ୍ର ହେବ ଏ କଥା କେମନ୍ତ ॥
ଏହିରୂପେ ମନ ମଧ୍ୟେ ଭାଳେ ମତ୍ସ୍ୟବତୀ । ପରାଶର ମହାମୁନି ଗୃହେ ଯେ ଭାଷନ୍ତି ॥
ତୋତେ ଦେଖି ପଞ୍ଚଶର ବିନ୍ଧଇ ମଦନ । କାମ କେଳିଦାନେ ରଖ ଏ ମୋର ଜୀବନ ॥
ମତ୍ସ୍ୟବତୀ ଋଷିଙ୍କି ଯେ ବୋଲଇ ଏସନ । ତୁମ୍ଭେ ସତ୍ୟ କର ମୁନି କରୁଛ ଜାଣୀଣ ॥
ଅବିବାହାକାଳୁ ମୋର କୁମର ହୋଇବ । କେଉଁକାଳେ କେଉଁଯୁଗେ ମୋତେ ସେ ପୋଷିବ ॥
ବିପତ୍ତିରେ ଯେତେବେଳେ ଭାବିବି ପୁତ୍ରକୁ । ସେତେବେଳେ ସେହୁ ମୋର ଆସିବ ପାଶକୁ ॥
ଅବିବାହାକାଳେ ମୋତେ ପୁତ୍ର କିସ ହେବ । ତୁମ୍ଭ ପାଦପଦ୍ମରେ ସେ ସେବା କରୁଥିବ ॥
ବିପତ୍ତିକାଳରେ ମୁହିଁ ସ୍ମରିବି ଯେବେ । କ୍ଷଣେମାତ୍ର ଅନୁଗ୍ରହେ ଦେଖାଇବ ତେବେ ॥
ପୁତ୍ରକୁ ଦେଖିଲେ ମନେ ଆନନ୍ଦ ହୋଇବ । ଦୁଃଖସଙ୍କଟରେ ଥିଲେ ତହିଁରୁ ତରିବ ॥
ଏତେ ବୋଲି ଜଳ ପୁଷ୍ପ ହସ୍ତରେ ଧଇଲା । ଋଷିଙ୍କର କଥାରେ ସେ ସନମତ କଲା ॥
ମତ୍ସ୍ୟବତୀ ସତ୍ୟ କଲା ଋଷି ଯେ ଦେଖିଲେ । ଏହି ବର ଅସ୍ତୁ ହେଉ ବୋଲି ଆଜ୍ଞା ଦେଲେ ॥
ଯେଉଁ କଥା ମୁଖରେ ଭାଷିଲୁ ମତ୍ସ୍ୟବତୀ । ସେହି କଥା ତୋତେ ଯେ ହୋଇବ ପରାପତି ॥
ମତ୍ସ୍ୟବତୀ ବୋଇଲା ମୁଁ ନ ଜାଣଇ କିଛି । ବାଳୁତ ମତିରେ ଖେଳ ହେଳ କାଟୁଅଛି ॥
ଋଷି ବୋଇଲେ ତୁ ଶୁଣ ରାଜାର କୁମାରୀ । ଆମ୍ଭ ଆଜ୍ଞା ପରମାଣେ ହୁଅ ଯୁବାସ୍ତିରୀ ॥
ମହାଋଷିଙ୍କର ବାକ୍ୟ ଅନ୍ୟଥା ନୋହିଲା । ତତକ୍ଷଣେ ମତ୍ସ୍ୟବତୀ ଯୁବାରୂପ ହେଲା ॥
ସ୍ତନମାନ ବିକାଶିଲା ଉରେ ସୁଗଠନ । ତାହା ଦେଖି କରି ହେଲା ସଙ୍କୁଚିତ ମନ ॥
ମତ୍ସ୍ୟବତୀ ବୋଇଲା ମୋ ସଖୀଗଣେ ଛନ୍ତି । ତାହାଙ୍କୁ ଛାଡ଼ି କେମନ୍ତେ ରହିବ ଯେ ଏଥି ॥
ପରାଶର ବୋଇଲେ ଗୋ କେହି ନ ଦେଖିବ । ଆମ୍ଭ ଆଜ୍ଞା ପ୍ରମାଣେ କୁହୁଡ଼ି ଘୋଟିଯିବ ॥
ପରାଶର ଋଷି ଏହା କହିଲେକ ଯହୁଁ । ଘୋଟିଲା କୁହୁଡ଼ି ଆସି କଥା କହୁଁ କହୁଁ ॥
ତତ୍ପରେ ଘୋଟିଗଲା ପ୍ରଳୟ ଅନ୍ଧାର । ତହୁଁ ମତ୍ସ୍ୟବତୀକି କହନ୍ତି ମୁନିବର । ୮୭ ।
ଆସ ରାଜଜେମା ଏହି ନାବରେ ବସିବା । ନାବ ଚଳାଇଣ ଦ୍ୱୀପଦଣ୍ଡୀ ଠାକୁ ଯିବା ॥

ଶୁଣିକରି ମତ୍ସ୍ୟବତୀ କଲା ସୀଉକାର । ବେନିଜନେ ନାବେ ବସି ଚଳିଲେ ସତ୍ୱର ॥
ଦ୍ୱୀପଦଣ୍ଡୀଠାରେ ନାବ ଲଗାଇଲେ ନେଇ । ନାବରୁ ଓହ୍ଲାଇ ଦ୍ୱୀପଦଣ୍ଡୀ ପରେ ଯାଇ ॥
ଦ୍ୱୀପଦଣ୍ଡୀ ଉପରକୁ କେହି ନ ଦଶିଲେ । ରାଜକେମା ସଙ୍ଗେ ମୁନି ଅଙ୍ଗସଙ୍ଗ କଲେ ॥
ଗର୍ଭଗତେ ବ୍ରହ୍ମବୀଜ ହୁଅନ୍ତେ ପ୍ରବେଶ । ସେହିକ୍ଷଣି ଜନମ ହୋଇଲେ ବେଦବ୍ୟାସ ॥
ସେ ବେଦବ୍ୟାସର ପାଦେ ଶରଣ ମୋହର । ଭଣଇ ଅଚ୍ୟୁତ ଦାସ ବାରେ ରକ୍ଷାକର ।୯୩

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ବେଦବ୍ୟାସଜନ୍ମକଥନେ ହରିଅର୍ଜୁନସମ୍ବାଦେ
ନାମ ଦ୍ୱାଦଶୋଽଧ୍ୟାୟଃ ॥

---

## ତ୍ରୟୋଦଶ ଅଧ୍ୟାୟ ।

### ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ବେଦବ୍ୟାସ ଜନ୍ମ ହେଲେ ମତ୍ସ୍ୟବତୀ ଠାଇଁ ॥
ଜନମ ହୋଇଣ ସେ କେମନ୍ତ କସ କଲେ । ଏ କଥା ବୁଝାଇ ମୋତେ କହ ପ୍ରଭୁ ଭଲେ
ଶ୍ରୀହରି ବୋଇଲେ ପାର୍ଥ ଶୁଣ ସାବଧାନ । ବେଦବ୍ୟାସ ଚରିତ ଯେ ବଡ଼ଇ ଆଖ୍ୟାନ ॥
ଜନ୍ମ ହୋଇ ନବଯୁବା ହୋଇଲା କୁମର । ଗାୟତ୍ରୀ କହିଲେ ମନ୍ତ୍ରଦୀକ୍ଷା ତା କର୍ଣ୍ଣର ॥
ମନୁରାଜା ନାରାୟଣ ଗୋପାଳ ଯେ ମନ୍ତ୍ର । ଚଉରାଶି ମନ୍ତ୍ରତନ୍ତ୍ର ବୁଝିଇଲେ ତନ୍ତ୍ର ॥
ଚାରିବେଦ ଛଡ଼ଶାସ୍ତ୍ର ବ୍ୟାକରଣ ଆଦି । ଅଷ୍ଟାଦଶ ପୁରାଣ ବଖାଣ କଲେ ଛନ୍ଦି ॥
ସାତକାଣ୍ଡ ରାମାୟଣ ଅଷ୍ଟାଦଶ ପର୍ବ । ମହାଭାରତ ଚରିତ ଛନ୍ଦିଣ ସରବ ॥
ଭାଗବତ ହରିବଂଶ ଭବିଷ୍ୟ ପୁରାଣ । ତତକ୍ଷଣେ ବ୍ୟାସମୁନି କଲେକ ଗ୍ରନ୍ଥନ ॥
ଷାଠିଏ ସହସ୍ର ଗ୍ରନ୍ଥ କଲେ ଉଚ୍ଚାରଣ । ଦେଖି ମତ୍ସ୍ୟବତୀ କଲା କାତରେ ଜଣାଣ ॥
ଅବିବାହିକାଳେ ମୁହିଁ ତୋତେ କଲି ଜାତ । ଚତୁର୍ବେଦ ମୁଖୁଁ ତୋର ହୋଇଲା ଉଦିତ
ତେଣୁ ବେଦବ୍ୟାସ ନାମ ହେଉ ଯେ ତୋହର । କଥ ଏ କହୁଛି ପୁତ୍ର ଯେମନ୍ତ ମୋହର ॥
ଯେତେବେଳେ ପୁତ୍ର ମୁହିଁ ତୋତେ ସୁମରିବ । ଯାତ ଗମ୍ଭୀରରେ ଥିଲେ ତୋ ମୁଖ ଦେଖିବ
ଏତେ ବୋଲି ମତ୍ସ୍ୟବତୀ ଯୋଡ଼ିଲା ଯେ କର । ହେଉ ବୋଲି ବେଦବ୍ୟାସ ଲେଉଟିଲେ ପଯ୍ୟର
ମାତାଙ୍କ ଚରଣେ ବ୍ୟାସ ନମସ୍କାର କଲେ । ପିତା ସଙ୍ଗେ ଯାଅ ବୋଲି ମାତା ଆଜ୍ଞା ଦେଲେ
ଏଥୁଅନ୍ତେ କୁହୁଡ଼ି ଯେ ଛାଡ଼ିଗଲା ହେଲେ । ପରାଶର ମତ୍ସ୍ୟବତୀ ଆସିଲେ ଏକୂଳେ ॥
ମତ୍ସ୍ୟବତୀ ବୋଲେ ମୁନି କଲ ବଡ଼ମଣ । ଘରେ ଯାଇ କାହା ମୁଖ ଚାହିଁବି ମୁଁ ପୁଣ ॥
ତୁମ୍ଭେ ଯେଣେ ଯିବ ମୁନି ମୁହିଁ ତେଣେ ଯିବ । ତୁମ୍ଭର ଚରଣେ ମୁହିଁ ସେବା କରୁଥିବ ॥
ପରାଶର ବୋଇଲେ ଯେ ଶୁଣ ମତ୍ସ୍ୟବତୀ । ପୂର୍ବେ ଯେ ବାଳୁତ ଥିଲୁ ହୁଅ ସେହିମତ ॥

ଋଷିଙ୍କର ବଚନ ଯେ ନୋହିଲା ମେଷଣ । ନବଯୁବା ବାଳୁତ ସେ ହେଲା ତତକ୍ଷଣ ॥
ଋଷି ବୋଇଲେ ତୁ ମତ୍ସ୍ୟବତୀ କନ୍ୟା ସତ୍ୟ । ସତ୍ୟବତୀ ବୋଲି ନାମ ହେଉ ତୋ ବିଖ୍ୟାତ
ନାବେ ଆସି ତନ‌ଜଣ କୂଳେ ଉଭା ହୋଇ । ମତ୍ସ୍ୟବତୀ ସଖିଗଣ ମିଳିଗଲେ ତହିଁ ॥
ଋଷିଙ୍କି ଦେଖିଣ ସର୍ବେ ନମସ୍କାର କଲେ । ବ୍ୟାସଙ୍କୁ ଘେନିଣ ଋଷି ଆଶ୍ରମେ ଚଳିଲେ ॥
ସଖୀଗଣ ପୋଛର ମତ୍ସ୍ୟବତୀଙ୍କ ପଗ୍ରର । କାହିଁ ଯାଇଥିଲେ ଋଷି କହ ତଥ୍ୟ କର ॥
ମତ୍ସ୍ୟବତୀ ବୋଲେ ସଖି ଶୁଣ ମୋ ଉତ୍ତରେ । ମୁନି ଯାଇଥିଲେ ଦ୍ୱୀପଦର୍ଶି ଦେଖିବାରେ ॥
ସ୍ନାନ ତର୍ପଣାଦି ସନ୍ଧ୍ୟା ସେଠାରେ ସାରିଲେ । ନିର୍ମଳ ସ୍ଥାନ ଦେଖିଣ ମୁହୂର୍ତ୍ତେ ରହିଲେ ॥
ଶୁଣି କରି ସଖୀମାନେ ହୋଇଲେ ହରଷ । ଯେ ଯାହା ମନ୍ଦିରେ ଯାଇ ହେଲେ ପରବେଶ
ଶୁଣିଲୁ କି ଅର୍ଜୁନ ହେ ବ୍ୟାସମୁନି କଥା । ଶୁଣି କ୍ଷୟ କର ତୋ ଜନ୍ମର ପାପବ୍ୟଥା ॥
ଗୀତା ସାରସ୍ୱତ ଗ୍ରନ୍ଥ ଏହା ଯେ ଶୁଣନ୍ତି । ଶ୍ରୀକୃଷ୍ଣର ପାଦପଦ୍ମ କ୍ଷଣେ ନ ଛାଡ଼ନ୍ତି ॥
ଧେନୁ ପଛେ ବତ୍ସା ଯେଉଁ ଧାମେ କ୍ଷୀରଲୋଭେ । ଭକତ ସଙ୍ଗରେ ମୁହିଁ ଥାଇ ସେହିଭାବେ ॥
ସେ ମୋତେ ଚାହିଁଲେ ପାର୍ଥ ମୁହିଁ ତାଙ୍କୁ ଜାଣି । ଶ୍ରୀମୁଖ ବଚନ ତୋତେ କହିଦେଲୁଁ ଆଣି ॥
ଯେଉଁ ଶାସ୍ତ୍ରେ ମୋର ନାମ ନ ଥାଇଟି ଜାଣ । ସେ ଶାସ୍ତ୍ରର ପାଶେ ଭୁହି ନ ଦେବୁଟି କର୍ଣ୍ଣ ॥
ଏହି ଭକ୍ତିଭାବେ ପରାଶର ଜାତ ହେଲେ । କେତେ ସମୟର ବୀର୍ଯ୍ୟବନ୍ତରେ ବଢ଼ିଲେ ॥
ସେ ମୁନିର ଅଙ୍ଗେ ଭକ୍ତି ଅଗ୍ନି ରୂପ ଧରି । ରକ୍ତରେ କରଣ ଚର୍ମାଗତରେ ବାହାରି ॥
ତେଣୁ ସେ ଅକ୍ଷୟ ବୀଜ ସାର ହେ ଅର୍ଜୁନ । ଗର୍ଭରେ ପଡ଼ିଲେ ପୁତ୍ର ସେହିକ୍ଷଣେ ଜନ୍ମ ॥
ସେହି ବେଦବ୍ୟାସଙ୍କର ଚରଣେ ଶରଣ । ଭଣଇ ଅଚ୍ୟୁତ ଦାସ କରି ହେ କାରଣ ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ବେଦବ୍ୟାସ-
ଜନ୍ମକଥନେ ହରିଅର୍ଜୁନସମ୍ବାଦେ ନାମ ତ୍ରୟୋଦଶୋଽଧ୍ୟାୟଃ ।

---

## ଚତୁର୍ଦ୍ଦଶ ଅଧ୍ୟାୟ ।

### ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ପ୍ରଭୁ ଅଦ୍ଭୁତ କଥାଏ । ସେ ସତ୍ୟବତୀ ଯେ ବଭା ହେଲା କେଉଁଠାଏଁ
ଏହା ମୋତେ ବୁଝାଇ କହିବ ନାରାୟଣ । ହୃଦୟ ସଂଶୟ ଯିବ ଶୁଣିବ ଶ୍ରବଣ ॥
ଅର୍ଜୁନ ବଚନେ ସେ ବୋଲନ୍ତି ଗିରିଧାରୀ । ଶୁଣ ଭୁ ପଣ୍ଡୁର ସୁତ ଚିତ୍ତ ସ୍ଥିର କରି ॥
ଏକଦିନେ ସତ୍ୟବତୀ ସଖୀଗଣ ସଙ୍ଗେ । ମଧୁବନେ ଖେଳଇ ସେ ନାନା କ୍ରୀଡ଼ାରଙ୍ଗେ
ଶାନ୍ତନୁ ରାଜା ସୋମବଂଶୀ ଚକ୍ରବର୍ତ୍ତୀ । ମୃଗୟା ବିନୋଦେ ଯାଇଁ ଦେଖିଲେ ଝଟିତି ॥
ଅତ୍ୟନ୍ତ ସୁନ୍ଦରୀ ସେ ସୁଭାଗୀ ମନୋହାରୀ । ସୁଲକ୍ଷଣୀ ପଦ୍ମିନୀ ସେ ଦେବ ଅପସରୀ ॥
ଦାସରାଜକେମା ସେ ଯେ ମଧୁବନେ ପଶି । ସଖୀଗଣ ହେନ ପୁଷ୍ପ ତୋଳେ ଶୁଭ୍ରକେଶୀ ॥

ରାଜା ଦେଖିଂ ମନେ ମନେ କରଇ ଭାଳେଣି । କାହାର ନନ୍ଦନୀ ଏହୁ କି ଜାତି ଏ ପୁଣି ॥
ନଗ୍ରନାରୀମାନଙ୍କୁ ଯେ ରାଜା ପଚାରିଲେ । କାହାର ଦୁହିତା ପୁଷ୍ପ ତୋଳଇ ବୋଇଲେ ॥
ଶୁଣିଣ ନଗ୍ରନାରୀଏ ବୋଲନ୍ତି ହେ ନୃପ । ଦାସରାଜାର ନନ୍ଦନୀ ଅଟେ ଏ ସ୍ୱରୂପ ।୧୦।
ସଖୀଗଣ ଘେନି ମଧୁବନରେ ଖେଳଇ । ଦେଖି ପରାଶର ସତ୍ୟବତୀ ନାମ ଦେଇ ॥
କଇବର୍ତ୍ତ ଘରେ ସେ ଯେ ହୋଇଛି ଜନମ । ଦାସରାଜା ଦୁହିତା ତା ସତ୍ୟବତୀ ନାମ ॥
ଶୁଣିଣ ରାଜନ ଦାସରାଜାଙ୍କୁ ହକାରି । ଦାସରାଜା ଶୁଣିଣ ଗମନ ବେଗେ କରି ॥
ଆସିଣ ନୃପତି ପାଶେ ଉଭା ସେ ହୋଇଲା । ବେନିକର ଯୋଡ଼ିଣ ସେ ରାଜାଙ୍କୁ ପୁଚ୍ଛିଲା ॥
କି ନିମନ୍ତେ ଆଜ୍ଞା ମୋତେ ହେଲା ଚକ୍ରବର୍ତ୍ତୀ । ଅବଧାନ ହେଉ ମୁଁ ଶୁଣିବି କର୍ଣ୍ଣ ପାତି ॥
ଶୁଣିଣ ରାଜନ ହସି ବୋଲନ୍ତି ବଚନ । ତୋହର ଦୁହିତା ଅଛି ଆମ୍ଭ ଯୋଗ୍ୟମାନ ।
ଏ କନ୍ୟାକୁ ରାଜନ ଆମ୍ଭଙ୍କୁ ଦିଅ ବଭା । ଆମ୍ଭର ବଳଲା ଶ୍ରଦ୍ଧା ଦେଖି ତାର ଶୋଭା ।
ଦାସରାଜା ବୋଇଲା ହେ ଶୁଣିମା ରାଜନ । ଛାମୁରେ ଜଣାଏ ଯାହା ହେଉ ଅବଧାନ ॥
ଗଙ୍ଗାର ନନ୍ଦନ ସେ ଯେ ଭୀଷ୍ମ ମହାରଥୀ । ଯାଙ୍କୁ ବଳ ତିନିପୁରେ ନାହାନ୍ତି ସରି ॥
ଆପଣ ଚକ୍ରବର୍ତ୍ତୀ ସେ ଅଟେ ମହାରଥୀ । ତୁମ୍ଭ ସଙ୍ଗେ ସରି ହେବା କାହିଁ ମୋ ଶକତି ॥
ମୋହର ସମାନେ ରାଜା ଗୋଟିଏ ଆଣିଣ । ତାହାଙ୍କୁ ଦୁହିତା ମୋର ଦେବାର ପ୍ରମାଣ ॥
ତାହାର ଦୁହିତା ମୋର ହେବ ପାଟରାଣୀ । ପୁତ୍ର ଜନ୍ମ ହେଲେ ରାଜ୍ୟ ହୋଇବ କାରେଣି ॥
ତୁମ୍ଭଙ୍କୁ ଯେ ଝିଅ ଦେଲେ ଦୁଃଖ ସେ ପାଇବ । ସପତ୍ନୀ ପୁତ୍ର କାହୁଁ ରାଜ୍ୟେ ରାଜା ହେବ ॥
ଏମନ୍ତ ବୋଲିଣ ରାଜା କନ୍ୟାକ ଯେ ନାସ୍ତି । ଶାନ୍ତନୁନ୍ତୁ ମନ ମଧ୍ୟେ କଷ୍ଟ ସେ ଭାବନ୍ତି ॥
ଖେଦମନେ ହସ୍ତିନାରେ ପରବେଶ ହେଲେ । ରାଜସିଂହାସନ ଛାଡ଼ି ଭିତରେ ପଶିଲେ ।୧୫।
ପାତ୍ର ମନ୍ତ୍ରୀ ଅମାତ୍ୟ ବାହାରେ ରହିଲେ । ଭିତରଥା ପହଣ୍ଡି ମଣାଇ ଘେନିଗଲେ ॥
ସ୍ନାନ ଦେବାର୍ଚ୍ଚନ ଆଦି ମଣୋହି ନ କରି । ପଲଙ୍କେ ଶୟନ କଲେ ମନେ ଖେଦ ଭରି ॥
ଶୁଣି ଭୀଷ୍ମ ମହାରଥୀ ବଳସ୍ତୃ ତଡ଼ିଭି । ରାଜାଙ୍କ ଚରଣେ ଯାଇ ପ୍ରଣାମ କରନ୍ତି ॥
ଚରଣ ତଳେ ବସିଣ ଶୁପନ୍ତି ପୟର । କୋମଳ କରି ଜଣାନ୍ତି ବଚନ ମଧୁର ॥
କପାଁ ସ୍ନାନ ହେବାର୍ଚ୍ଚନ ମଣୋହି ନ କରି । କସ ଅପମାନ ମୋତେ କହ ପେତି କରି ।୨୦।
ଶତ୍ରୁ ଭୟେ ରାଜ୍ୟେ କି ପଡ଼ିଲା ପରମାଦ । ମୋର କି ଅପରାଧ ହେଲା ତୁମ୍ଭ ପଦୁପାଦ ॥
ଶୁଣିଣ ରାଜନ ବୋଲେ ଭୀଷ୍ମରାୟେ ଶୁଣ । କାଲି ଯାଇଥିଲୁଁ ଆମ୍ଭେ ମୃଗୟାରେ ପୁଣ ॥
ମୃଗୟା ଅର୍ଥରେ ଯେ ସିଂହଳଦ୍ୱୀପ ଯାଇ । ରାଜା ମଧୁବନରେ ପ୍ରବେଶ ହୋଇଲଇଁ ॥
ତାହାର ଦୁହିତା ଏକ ସତ୍ୟବତୀ ନାମେ । ସଖୀଗଣ ସଙ୍ଗେ ଘେନି ପୁଷ୍ପ ତୋଳି ଭ୍ରମେ ॥
ସ୍ୱର୍ଗ ଅପସରୀ ସେ ପଦ୍ମିନୀ ଦିବ୍ୟକାନ୍ତି । ମତ୍ତପିକଭାଷୀ ରାଜହଂସ ଜିଣି ଗତି ।୨୫॥
ମୁନିମନମୋହିନୀ ସୁନ୍ଦରୀ ରମ୍ଭାଧରୀ । ଚନ୍ଦ୍ରମାଙ୍କୁ ବଳି ଶୋଭା ଶ୍ରୀମୁଖ ମାଧୁରୀ

ସିନ୍ଧୁ କଚ୍ଛ ପର୍ଶ କଚ୍ଛଭାଗ ତାର ହୋଇ । ସାତକୁମ୍ଭଜଣା କୁଚଭାର ଶୋଭା ପାଇ ॥
ତାକୁ ଦେଖି ଅବଶ ମୁଁ ହେଲି ମହାରଥି । କନ୍ୟାର ପିତାକୁ ଡ଼କାଇଲୁଁ ଆମ୍ଭ କତ ॥
ଆଜ୍ଞା ଦେଲୁଁ ଦାସରାଜା ଶୁଣ ମୋ ବଚନ । ତୁମ୍ଭର ଏ କନ୍ୟା ମୋତେ କର ପରଦାନ ॥
ଶୁଣି ଦାସରାଜା ତହୁଁ ବୋଇଲା ଏସନ । ତୁମ୍ଭଙ୍କୁ ଦେବାରେ ମୋର ନ ଯୋଗାଏ ମନ ॥
ସପତଣୀ ବୋଲି ଜନେ ଭାଙ୍ଗିବେ ଗାରିମା । ଦୁଃଖ ପାଇବ ସିନା ମୋ ସତ୍ୟବତୀ ଜେମା ॥
ଏମନ୍ତ ବୋଲିଣ ଯହୁଁ ନ କଲା ସମ୍ମତ । ଅଭିମାନେ ଅଇଲୁଁ ଯେ ଶୁଣ ଚିତ୍ରରଥି ॥
ସେ ବୋଇଲା_ମୋ ସଦୃଶେ ରାଜାକୁ ବରିବ । ଏ ମୋର ସତ୍ୟବତୀକ ବଭା ତାକୁ ଦେବ ॥
ତାର ଘରେ ଝିଅ ମୋର ହେବ ପାଟରାଣୀ । ତାର ପୁତ୍ର ରାଜ୍ୟରେ ହୋଇବ ନୃପମଣି ॥
ଭୀଷ୍ମ ମହାରଥୀ ଶୁଣି ବୋଲନ୍ତି ବଚନ । ଏ କଥାରେ ମାନ ମନେ ନ ଧର ରାଜନ ॥
କାଲି ଯେ ପ୍ରଭାତକାଳେ କନ୍ୟା ଦେବି ଆଣି । ବଭା ହୁଅ ସତ୍ୟବତୀ କନ୍ୟା ନୃପମଣି ॥
କହୁଣ ସ୍ନାନ ମଣୋହି ରାଜନେ କରାଇ । ଆପଣାର ପୁରେ ଭୀଷ୍ମ ମିଳିଲେକ ଯାଇ ॥
ଆରଦିନ ପ୍ରଭାତରେ ଭୀଷ୍ମ ମହାବଳୀ । ସଜ ହୋଇକରି ସେ ସିଂହଳଦ୍ୱୀପେ ଚଳି ॥
ଭୀଷ୍ମଙ୍କୁ ଦେଖିଣ ଦାସରାଜା ଛତ୍ରଧର । କି ନିମନ୍ତେ ବିଜେ କଲ କହ ମୋ ଆଗର ॥
ଭୀଷ୍ମ ବୋଇଲେ ହେ ତୁମ୍ଭେ ଶୁଣ ଦାସରାଜା । ତୋହର ଅଛଇ ସତ୍ୟବତୀ ଯେ ତନୁଜା ॥
ରାଜନ ଯେ ମାଗିବାରେ ନାସ୍ତି କଲୁ ତାଙ୍କୁ । ତେଣୁକରି ଅଇଲୁଁ ଯେ ତୁମ୍ଭର ପାଶକୁ ॥
କନ୍ୟା ଘେନି ଆସ ରାଜା ବେଗ ହୋଇ ଯିବା । ତାହାଙ୍କୁ ତୋ ସତ୍ୟବତୀ କରି ଆସ ବଭା ॥
ଶୁଣିକରି ଦାସରାଜା ଯୋଡ଼ି କର ବେନି । ଶୁଣ ଅହେ ଭୀଷ୍ମରାୟେ କହଇଁ ଦସ୍ୟୁନୀ ॥
ମୋହର ପୁରକୁ ଯେ ରାଜନ ବିଜେ କଲେ । ସତ୍ୟବତୀ କନ୍ୟାକୁ ଯେ ମୋତେ ସେ ମାଗିଲେ ॥
ମୁଁ ବୋଇଲି ରାଜନ ହେ ଶୁଣ ମୋ ବଚନ । ଭୀଷ୍ମ ଯେ ରାଜାର ପୁତ୍ର ଅଛି ବର୍ଦ୍ଧମାନ ॥
ମୋ ଝିଅର ପୁତ୍ର ହେଲେ କି ସୁଖ ପାଇବ । ସପତଣୀ ପୁତ୍ର ବୋଲି କେହି ନ ଦେଖିବ ॥
ଏତେକ ବୋଲୁଁ ରାଜନ କଲେ ସେ ବିଜୟ । ମୋର ଅପରାଧ କ୍ଷମା କର ଭୀଷ୍ମରାୟ ॥
ଭୀଷ୍ମ ଯେ ବୋଇଲେ ତୁମ୍ଭେ ଦାସରାଜା ଶୁଣ । ଆମ୍ଭର ପୂର୍ବରୁ ଅଛି ଏମନ୍ତ ଭିଆଣ ॥
ଦଇବଜ୍ଞ ବିପ୍ର ବେନି ସଭାରେ ବସିଣ । ଆମ୍ଭଙ୍କୁ ହକରାଇଲେ ସଭାକୁ ରାଜନ ॥
ଆଜ୍ଞା ପାଇ ସଭା ମଧ୍ୟେ ଉଭା ହେଲୁଁ ଯାଇ । ବସ ବୋଲି ନୃପତି ଯେ ବେଗେ ଆଜ୍ଞା ଦେଇ ॥
ପ୍ରୋହିତ ଦୈବଜ୍ଞ ତହୁଁ କହିଲେ ପ୍ରମାଣ । ବୋଇଲେ ହେ ଭୀଷ୍ମରାୟେ ସାବଧାନେ ଶୁଣ ॥
ତୁମ୍ଭେ ବଭା ହେଲେ ତୁମ୍ଭ ପୁତ୍ର ଯେ ହୋଇବ । ପୁତ୍ରକୁ ଦେଖିଣ ତୁମ୍ଭେ ପ୍ରାଣ ବିସର୍ଜିବ ॥
ଏମନ୍ତ ଭିଆଣ ପୂର୍ବୁଁ ହୋଇଛି ନିର୍ମାଣ । ଏ କଥାକୁ ଭୀଷ୍ମରାୟେ ସାବଧାନେ ଶୁଣ ॥
ଶୁଣି ଆମ୍ଭେ ପ୍ରୋହିତଙ୍କୁ କହିଲୁଁ ପ୍ରମାଣି । ନୃପତି ଚରଣେ ଆମ୍ଭେ ସତ୍ୟ କଲୁଁ ପୁଣି ॥

ବୋଇଲୁଁ ଯେ ବତ୍ସ ଆମ୍ଭେ ନୋହିବାକ କାହିଁ । ଯେତେଦିନ ଏ ପିଣ୍ଡରେ ପ୍ରାଣ ଥିବ ରହି ।୬୯।
ତୁମ୍ଭେ ବ୍ରହ୍ମଗୁରୁ ହୃଇଁ ତୁମ୍ଭର ଚରଣ । ପିତାଙ୍କ ଚରଣେ ସତ୍ୟ କରୁଅଛୁ ପୁଣ ॥
ରାଜାହିଁ ନୋହିବ ମୁହିଁ ବିଭାହିଁ ନୋହିବ । ପୃଥ୍ୱୀରେ ମୋର କଥା ମୁହିଁ ଯେ ରଖିବ ॥
ଏମନ୍ତ ବୋଲିଣ ମୁହିଁ କରଅଛୁ ସତ୍ୟ । ବିଭା ଆଉ ନୋହିବଇଁ କହିଲ ମୁଁ ତଥ୍ୟ ॥
ଏମନ୍ତ ସେ ଯହୁଁ ଦାସରାଜାଙ୍କୁ କହିଲେ । ଶୁଣିଣ ରାଜନ ବଡ଼ ସନ୍ତୋଷ ହୋଇଲେ ॥
ସତ୍ୟବତୀ କନ୍ୟାକୁ ସେ ସଜ କରି ଅଣି । ଭୀଷ୍ମଙ୍କର ସନ୍ନିଧରେ ଦେଲା ତତକ୍ଷଣି ।୭୦।
ରଥ ଅଶ୍ୱ ଗଜ ସେ ପଦାତି ବଳ ଘେନି । କନ୍ୟା ଘେନି ନବରୁ ସେ ହୋଇଲା ମେଲାଣି ॥
ଦାସରାଜା ଦୁହିତାକୁ ବସାଇ ରଥରେ । ଲକ୍ଷେ ପରିବାରୀ ଦେଲା ତାହା ସଙ୍ଗତରେ ॥
ପାତ୍ର ମନ୍ତ୍ରୀ ଅମାତ୍ୟ ଚଲାଇଣ ଗଲେ । ଶାନ୍ତନୁ ନୃପତିଙ୍କି ଝିଅ ବିଭା ଦେଲେ ॥
ଜଣାଇଲ ଝିଅ ଦେଇ ପଶିଲ ଶରଣ । ଦଶଦୋଷ କ୍ଷମା ତାର କରିବାକ ପୁଣ ॥
ଦାନ ଯଉତୁକ କସ ଦେବ ହୋ ରାଜନ । ତୁମ୍ଭେ ଚକ୍ରବର୍ତ୍ତୀ ରାଜା ଦେବ ମୁଁ କ ଧନ ॥
ଏତେ କହି କରଯୋଡ଼ି ସମର୍ପି ହୋଇଲା । ଦୁହିତାକୁ ଲକ୍ଷେକ ଟେ ଗ୍ରାମ ଲେଖି ଦେଲା ॥
ଲକ୍ଷେକ ଧେନୁ ଆବର ଲକ୍ଷେକ ମଇଁଷି । ଅଶ୍ୱ ଗଜ ଲକ୍ଷେ ଦେଲା ଲକ୍ଷେ ଧାଈ ଦାସୀ ॥
ଏମନ୍ତେଣ ସତ୍ୟବତୀ ବିଭା ଯେ ହୋଇଲା । ଅଚ୍ୟୁତାନନ୍ଦ ଯେ ଏହା ଗୀତରେ କହିଲା ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ଦାସରାଜାଚରିତେ ସତ୍ୟବତୀବିବାହକଥନେ ହରିଅର୍ଜ୍ଜୁନ-
ସମ୍ବାଦେ ନାମ ଚତୁର୍ଦ୍ଦଶୋଽଧ୍ୟାୟଃ ।

---

## ପଞ୍ଚଦଶ ଅଧ୍ୟାୟ ।

ଶ୍ରୀ ଭଗବାନ ଉବାଚ ।

ଶୁଣିଲୁ ଅର୍ଜ୍ଜୁନ ସତ୍ୟବତୀ ବିଭା ବାଣୀ । ମନରୁ ଘୁଞ୍ଚିଲା ଟିକ ସଂଶୟ ତୋ ପୁଣି ॥

ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ପ୍ରଭୁ ଆହୁରି କଥାଏ । ସେ ସତ୍ୟବତୀକ ବିଭା ହୋଇଲେ ଯେ ରାୟେ ॥
ପୁତ୍ର ଦୁହିତା ତାହାର ହେଲେ କି ନୋହିଲା । ଏ କଥାଟି ମହାବାହୁ କହିଦେବେ ଭଲା ॥
ଶ୍ରୀହରି ବୋଇଲେ ବାବୁ ଶୁଣ ତୁ ଅର୍ଜ୍ଜୁନ । ସେ ସତ୍ୟବତୀର ଗର୍ଭୁ ପୁତ୍ର ହେଲେ ଜନ୍ମ ॥
ଚିତ୍ର ବିଚିତ୍ରାଙ୍ଗ ବୋଲି ହେଲା ତାଙ୍କ ନାମ । ବିଚିତ୍ରାଙ୍ଗ ଜ୍ୟେଷ୍ଠ ଭ୍ରାତ ଚିତ୍ରାଙ୍ଗ ଯେ ସାନ ॥
ଏମନ୍ତେ ସେ ନୃପତିର ଜନ୍ମିଲେ ଆତ୍ମଜ । ବେଳୁଁ ବେଳ ବଢିଲେ ସେ ହୋଇ ମହାତେଜ
ଦିନୁଦିନ ବଢିଲେ ଯେ ବଳବନ୍ତ ହୋଇ । ଦେଖିଣ ନୃପତି ତାଙ୍କୁ ବିଭା ସେ କରାଇ ॥
ଅମ୍ବା ଅମ୍ବାଳିକା ବୋଲି କନ୍ୟାଙ୍କୁ ବରିଲା । ଦୁଇ କୁମରଙ୍କୁ ରାଜା ବିଭା କରାଇଲା ।୮।

ଏଥୁ ଅନନ୍ତରେ କେତେଦନ ବହିଗଲା । କାଳବଶେ ଶାନ୍ତନୁ ଶରୀର ଛାଡ଼ିଲା ॥
ବଚିତ୍ରାଙ୍ଗ ରାଜ୍ୟ କଲା ସେ ସୋମବଂଶରେ । ଚିତ୍ରାଙ୍ଗ ଯେ ନାଶ ଗଲା ରଣ ସଂଗ୍ରାମରେ ॥
ବଚିତ୍ରାଙ୍ଗ ପୁଣି କଛିଦନ ରାଜ୍ୟ କଲା । ରାଜଯକ୍ଷ୍ମା ବ୍ୟାଧିରେ ସେ ପ୍ରାଣ ବସର୍ଜିଲା ॥
ବେନି ଭାଇଙ୍କର ପୁତ୍ର ଦୁହିତା ନ ଥିଲା । ସୋମବଂଶର ଯେ କୁଳ ନଗୋତ୍ର ହୋଇଲା ॥
ଏଥୁଅନ୍ତେ ସତ୍ୟବତୀ ଡ଼ାକାଇ ପୁତ୍ରକୁ । କହିଲେ ବଶ୍ୱାସ କର ସେ ପୁତ୍ର ଭୀଷ୍ମକୁ ॥
ତୁମ୍ଭଙ୍କୁ ତ ରାଜକୁଳେ କେହି ନାହିଁ କ୍ଷମ । ତୁମ୍ଭେ ଭୀଷ୍ମ ପାଳ ଏବେ ଧର୍ମେ ରାଜ୍ୟ ଗ୍ରାମ ॥
ତୁମ୍ଭେ ରାଜା ହୋଇ ବାବୁ ସମ୍ଭାଳ ଏ ମହୀ । ତୁମ୍ଭ ବନା ରାଜ୍ୟେ ରାଜା ଆଉ କେହି ନାହିଁ ॥
ଶୁଣିଣ ଭୀଷ୍ମ ବୋଇଲେ ଶୁଣ ମାତା ମୋର । ମୁଁ ଯେ ସତ୍ୟ କରଅଛି ପିତାଙ୍କ ଛାମୁର ॥
ତୁମ୍ଭଙ୍କୁ ରାଜନ ବଭା ହୋଇବାର ବେଳେ । ସତ୍ୟ କଲି ରାଜା ମୁହିଁ ନୋହିବ ପୃଥ୍ୱୀରେ ॥
ବଭାହିଁ ନୋହିବ ବୋଲି କରଅଛି ସତ୍ୟ । ସତ୍ୟଭଗ୍ନ ହେବାର ମୋ ନୁହଇ ଉଚିତ ॥
ସତ୍ୟବତୀ ବୋଲେ ଘେନ କଥା ଏକ ମୋର । କନ୍ୟାଙ୍କ ଅନ୍ତଃପୁରକୁ ତୁମ୍ଭେ ବଜେ କର ॥
ତୁମ୍ଭର ପୁତ୍ର ହେଲେ ସେ ରାଜ୍ୟେ ହେବ ରାଜା । ସୁକ୍ଷେଣେ ପାଳିବ ଏହୁ ରାଜ୍ୟ ଜନ ପ୍ରଜା ॥
ଭୀଷ୍ମ ବୋଲେ ମାତା ଏହା କେବେ ନ କରିବି । ସତ୍ୟଭଗ୍ନ ହେଲେ ମୁହିଁ ନର୍କରେ ପଡ଼ିବି ॥
ଅନ୍ୟ କେହି ଥିଲେ ମାତା ଏମନ୍ତ ବିଗ୍ଭର । ମୋହରେ ଏ କଥା ନୁହେ କହିଲି ଛାମୁର ॥
ସତ୍ୟବତୀ ବୋଲେ ବାବୁ ଶୁଣ ଭୀଷ୍ମବୀର । ବାଳୁତକାଳେ ଭେଟିଲେ ମୋତେ ପରାଶର ॥
ପୁଷ୍ପ ତୋଳୁଥିଲି ମୁହିଁ ମଧୁବନେ ପଶି । ଋଷି ଯେ ଭେଟିଲେ ମୋତେ ତୋଟା ଠାରେ ଆସି ॥
ବୋଇଲେ ଗୋ ଦେଖି ତୋତେ ବଳଲା ମୋ ଆଶ । ଦେହ ଦେଇ ବାଳା ପୂର୍ଣ୍ଣକର ଅଭି-
ଳାଷ । ୨୫ ।

ମୁଁ ବୋଇଲି ଅଜ୍ଞାନ ବାଳୁତ ମୁଁ ଅଟଇ । ତୁମ୍ଭେ ଯାହା କହୁଅଛ କଛି ନ ଜାଣଇ ॥
ସ୍ୱଭାବେ ବାଳୁତ ଦାସରାଜାର ନନ୍ଦନୀ । ତୁମ୍ଭେ କେଉଁ ଏ କଥା କହୁଛ ମହାମୁନି ॥
ପରାଶର ବୋଇଲେ ତୁ ହୁଅ ନବଯୁବା । ଋଷିଙ୍କର ବଚନ କେ ମେଣ୍ଟି ପାରେ ଅବା ॥
ତତକ୍ଷଣେ ନବଯୁବା ରୂପ ମୋ ହୋଇଲା । ସଖୀଏ ଦେଖିବେ ବୋଲି ଲଜ୍ଜା ପ୍ରକାଶିଲା ॥
ଋଷିଙ୍କି ବୋଇଲି ସଖୀଗଣେ ସଙ୍ଗେ ଛନ୍ତି । କେମନ୍ତେ ତାହାଙ୍କ ଆଗେ ରହିବ ମୁଁ ଏଥି ॥
ପରାଶର ବୋଇଲେ ଗୋ କେହି ନ ଦେଖିବ । ଆମ୍ଭ ଆଜ୍ଞା ପରମାଣେ କୁହୁଡି ଘୋଟିବ ॥
କହୁ କହୁ ତତକ୍ଷଣେ କୁହୁଡି ଘୋଟିଲା । ଅନଙ୍ଗ ବକାରେ ମୋର ଅଙ୍ଗ ଉଲୁସିଲା ॥
ସେ ମୁନିଙ୍କ ସଙ୍ଗେ ମୁହିଁ ରମିଲଇଁ ପୁଣି । ତାଙ୍କ ବୀର୍ଯ୍ୟେ ଜାତ ହେଲେ ବ୍ୟାସ ମହାମୁନି ॥
ଅବବାହାକାଳୁ ମୋର ବ୍ୟାସମୁନି ପୁତ୍ର । ତୋ ଆଗେ କହିଲି ତାଙ୍କ ଜନ୍ମର ଚରିତ ॥
ବ୍ୟାସଙ୍କ ବୀର୍ଯ୍ୟରୁ ଯେତେ ଉତପତ୍ତି ହେଲେ । ବ୍ରହ୍ମକଇବର୍ତ୍ତ ବୋଲି ନାମ ଭଣାଇଲେ ॥
ମାତା କୈବର୍ତ୍ତିନୀ ତାର ପିତା ଯେ ବ୍ରାହ୍ମଣ । ବ୍ରହ୍ମକଇବର୍ତ୍ତ ବୋଲି ତେଣୁ ସେ ଭଣଣ ॥

କନ୍ଧରେ ପଇତା ହସ୍ତେ ବାସୁକିର ଫାଶ । ଦାସରାଜା ବୀର୍ଯ୍ୟରୁ ସେ ଝିଅଣିଆ ଅଂଶ ॥
ଏହିମତେ ବେଦବ୍ୟାସ ଅଂଶ ଯେ ବଢିଲେ । ସପ୍ତଦ୍ୱୀପା ପୃଥିବୀରେ ବିଖ୍ୟାତ ହୋଇଲେ ॥
ଶୁଣି ଶ୍ରୀକୃଷ୍ଣସ୍ୱୟଂ ଯେ ଆନନ୍ଦ କଲେ ମନ । ବୋଇଲେ ଯେ ବ୍ୟାସମୁନି ବିଷ୍ଣୁ ଅଂଶେ ଜନ୍ମ ॥
ବିଷ୍ଣୁ ଅଂଶ ଯେଣୁ ସେ ଜନମ ହେଲେ ଆସି । ଚାରିବେଦ ସର୍ବଶାସ୍ତ୍ର କଲେକ ବିଶେଷି ।୪୦।
ତାଙ୍କ ବୀର୍ଯ୍ୟ ଜାତ ହେଲେ ଯେବଣ କୁମର । ପୃଥିବୀର ମଧ୍ୟରେ ସେ ହୋଇଲେ ନୃପବର ॥
ସତ୍ୟବତୀ ଶ୍ରୀକୃଷ୍ଣଙ୍କର ଗୁପତ ସମ୍ଭାଷ । ଶୁଣି କରି ଅର୍ଜୁନ ବୋଇଲେ ପୀତବାସ ॥
ସୋମବଂଶ ରାଜନ ଯେ ଯୁଧିଷ୍ଠିର ହୋଇ । ତୋର ପାରିଷଦ ଯେ ଯେତନଲେ ଚାରିଭାଇ ॥
ଦୁର୍ଯ୍ୟୋଧନ ରାଜା ଅନେଶତ ଭାଇ ପ୍ରଣ । କେମନ୍ତ ପ୍ରକାରେ ସେ ହୋଇଲେ ଉତପନ୍ନ ॥
ଏହି କଥା ମହାପ୍ରଭୁ ବୁଝାଇ କହିବ । ତୁମ୍ଭ ବିନା ଏ ସନ୍ଦେହ ଆଉ କେ ଫେଡିବ ॥
ଶୁଣିକରି ଶ୍ରୀହରି କହିଲେ ଅଳ୍ପ ହସି । ତୁମ୍ଭେ ଯହିଁ ଜନ୍ମ ହେଲ କହିବା ବିଶେଷି ॥
ଏ କଥାକୁ ଅର୍ଜୁନ ହୋ ସାବଧାନେ ଶୁଣ । ସତ୍ୟବତୀଙ୍କର ପୁତ୍ର ବ୍ୟାସମୁନି ଜାଣ । ୪୭ ।
ସତ୍ୟବତୀ ବ୍ୟାସଙ୍କୁ ଯେ ସୁମରଣା କଲେ । ତତକ୍ଷଣେ ମାତାପାଶେ ବ୍ୟାସ ଯେ ମିଳିଲେ ॥
ମାତାଙ୍କୁ ସେ ବ୍ୟାସମୁନି କଲେ ନମସ୍କାର । କଲ୍ୟାଣ କରି ବୋଇଲେ ବସରେ କୁମର ॥
ବ୍ୟାସମୁନି କହେ ମାତ ଶୁଣ ମୋ ଉତ୍ତର । କି କାରଣେ ସୁମରିଲ କହ ମୋ ଆଗର ॥
ସତ୍ୟବତୀ ବୋଲେ ଶୁଣ ବ୍ୟାସ ମୁନିବର । ସୋମବଂଶ ନିଚ୍ଛନ୍ନ ଯେ ହୋଇଲା ଆମ୍ଭର ॥
କୁଳରେ ତ ରାଜା ହୋଇ ଆଉ କେହି ନାହିଁ । ଏହିଠାରୁ ସୋମବଂଶ ବୁଡିଲାକ ମହୀ । ୫୨ ।
ତୁ ଯେ ମୋର ଜ୍ୟେଷ୍ଠପୁତ୍ର ବାଳୁତର କାଳେ । ପରାଶର ବୀର୍ଯ୍ୟେ ଜାତ ହେଲୁଁ ଋଷିକୁଳେ ॥
ତୋର ମାତାମହ ଦାସରାଜା ତଦନ୍ତରେ । ଶାନ୍ତନୁ ନୃପତିଙ୍କି ବିଭା ଦେଲେ ମୋତେ ॥
ମୋର ଗର୍ଭେ ବେନିପୁତ୍ର ହୋଇଲେକ ଜାତ । ଚିତ୍ର ବିଚିତ୍ରାଙ୍ଗ ବୋଲି ନାମ ତାଙ୍କ ଖ୍ୟାତ ॥
କିଛୁଦିନ ରାଜ୍ୟପାଳି ସେହି ନାଶ ଗଲେ । ପୁତ୍ର ଦୁହିତା ତାଙ୍କର କିଛିହିଁ ନୋହିଲେ ॥
ସୋମବଂଶ ରଖିବାକୁ କରି ବ୍ୟାସମୁନି । ଅନ୍ତଃପୁରେ ଅଛନ୍ତି ଯେ ତାହାଙ୍କ କାମିନୀ ॥
ତାହାଙ୍କ ପୁରକୁ ତୁମ୍ଭେ କରି ଯେ ଗମନ । ଏମନ୍ତ ବୋଲିଣ ମାତା କହନ୍ତେ ବଚନ ॥
ଶୁଣି ବ୍ୟାସମୁନି ତୁନି ଶ୍ରବଣ ଛୁଇଁଲେ । ଏ କଥା କେମନ୍ତେ ହେବ ମାତାଙ୍କୁ କହିଲେ ॥
ଭାଇବୋହୂ ବୋଲି ଯେ ଯେ ସଂସାରେ ମାନିତା । କେମନ୍ତେ ମୁଁ ତାଙ୍କ ଅଙ୍ଗ ଛୁଇଁବି ଗୋ ମାତା ।୬୦।
ଦେଖୁ ଦେଖୁ ମୁହିଁ ତାଙ୍କ ବଦନକୁ ଚାହିଁ । ବିଡ଼ମ୍ବଣା କଥା ମୁଁ କେମନ୍ତେ କହିବଇଁ ॥
କେମନ୍ତେ ଏ ଲଜ୍ଜାକଥା ମୁଖରେ କହିବ । ଭାଇବୋହୂ ସଙ୍ଗେ ମୁହିଁ ପୀରତି କରିବ ॥
କୁଳ ବୁଡି ଗଲେ ମୋର ଯଶ ସେ ହୋଇବ । ମୋ ଦେହେ କଳଙ୍କ ହେଲେ ଯମ ଯେ ଦଣ୍ଡିବ ॥

ସୋମବଂଶ କୁଳ ପଛେ ବୁଡ଼ିଗଲେ ଯାଉ । ଏମନ୍ତ ଅଦ୍ଭୁତ କଥା ମାତା କପାଁ କହୁ ॥
ମୁହିଁ ଯେବେ ତାଙ୍କ ସଙ୍ଗେ କରିବି ରମଣ । ପୃଥିବୀରେ ସାନ ବଡ଼ ନ ମାନିବେ ପୁଣ ॥
ଈଶ୍ୱରର ମାୟା ବିନା ଏ ସବୁ ଉଆଣ । ସଂସାର ଚଳିବା ପାଇଁ କରିଅଛୁ ଜାଣ ॥
ସତ୍ୟବତୀ ବୋଲେ ପୁତ୍ର ଶାସ୍ତ୍ରେ ଅଛି କହି । କୁଳଧର୍ମମାନ ତା ନିମନ୍ତେ ଅଛି ହୋଇ ॥
ଦେଖୁ ଦେଖୁ କୁଳ ଯେବେ ନିର୍ମୂଳ ହୋଇବ । ସୋମବଂଶ ନାମ ଯେ ସଂସାରୁ ବୁଡ଼ିଯିବ ॥
ବ୍ୟାସମୁନି ବୋଲେ ତୁମ୍ଭେ ଶୁଣ ମୋର ମାତା । ଜ୍ୟେଷ୍ଠପୁତ୍ର ମୁହିଁ ସେ କନିଷ୍ଠ ମୋର ଭ୍ରାତା ॥
ସ୍ୱଭାବେ ତ ମାନ୍ୟ ମୁହିଁ ଅଟଇ ତାଙ୍କର । କେମନ୍ତ କରି ଛୁଇଁବି ତାହାଙ୍କ ଶରୀର ।୭୦।
ମାତା ଯେ ବୋଇଲେ ବାବୁ କିଛି ଦୋଷ ନାହିଁ । ସତ୍ୟଯୁଗ ଶାସ୍ତ୍ରରେ ଏ କଥା ଅଛି କହି ॥
କୁଳଧର୍ମ ନିମନ୍ତେ ଏ କଥାମାନ କରି । ଏଥେ କିଛି ଦୋଷ ନାହିଁ ଶାସ୍ତ୍ର ଯେ ବିଚାରି ॥
ମୁନି ଯେ ସନ୍ନ୍ୟାସୀ ଦଣ୍ଡୀ ବୈଷ୍ଣବ ବ୍ରାହ୍ମଣ । ସନ୍ତାନ ନିମନ୍ତେ ସେ କରନ୍ତି ସମ୍ଭାଷଣ ॥
ଆପଣାର କ୍ଷେତ୍ରେ ପରଠାରୁ ବୀଜ ବୁଣି । ଯାହାର ସେ କ୍ଷେତ୍ର ହୋଇ ତାହା ନାମ ଭଣି ॥
ଆହୁରି କଥାଏ ପୁତ୍ର କହୁଅଛି ଯେ ପୁଣ । ସୁନା ରୂପା ଦେଇ ବୀଜ ଯେ କିଣନ୍ତି ପୁଣ ॥
ତହିଁରୁ ଯେ ପୁତ୍ର ପୁଣି ହୁଅଇଟି ଜାତ । ଆପଣାର କୁଳଧର୍ମ ରଖଇ ନିଶ୍ଚିତ । ୭୫ ।
ଦୁହିତାର ପଢିକ ଯେ ପୁତ୍ର ସମ ଗଣି । କୁଳ ଉଦ୍ଧାରଣେ ସେହୁ ଅଟଇ କାରିଣୀ ॥
ନୋହିଲେ ପରର ପୁତ୍ର ଗୋଟିଏ ପାଳିବ । ଆପଣାର ଗୋତ୍ରେ ତାକୁ ବଭ କରାଇବ ॥
ତାହାଠାରୁ ପୁଣି ଜନ୍ମ ହୋଇଲେ କୁମର । କୁଳଧର୍ମ ରକ୍ଷା କରି କରଇ ସଂସାର । ୭୯ ।
ଏହିମତେ ପଡୁଶୀଙ୍କ ସେ ପୁତ୍ର ହଅଇ । ଏମନ୍ତ ପ୍ରକାରେ ପାଠ ଶାସ୍ତ୍ରେ ଅଛି କହି ॥
ତୋହର କଥାକୁ ତୁହି ହେଜରେ କୁମର । ତୋତେ ଜାତ କଲି ମୁହିଁ ବାଳୁତ କାଳର ॥
ଅବିବାହି ହୋଇ ମୁହିଁ ଥିଲି ପିତା ଘରେ । ତୋତେ ଜାତ କଲି ପରାଶରଙ୍କ ବୀର୍ଯ୍ୟରେ ॥
ଏହି ମତ ଦେଖ ପୁତ୍ର ସଂସାର ଉଆଣ । ଅଟେ ମାୟା ଖେଳ ଏହା କରେ ନାରାୟଣ ॥
କେତେଦିନ ଅବା ଦେହ ମଧ୍ୟରେ ରହିଲ । ଏହି ମାୟା ଖେଳ ଏହି ଦେହରେ ଖେଳିଲ ॥
ସଂସାରର ଶୋଭା ପାଇଁ ବିଧାତା ସର୍ଜିଛି । ଏକ ପୁରୁଷକୁ ଏକ ସ୍ତ୍ରୀ ସୃଷ୍ଟି ଅଛି । ୮୫ ।
ମାୟା ସପତଣୀ ନାରୀ ନୁହଇ କାହାର । ବାଳୁତ ଖେଳର ମତ କରିଛି ଈଶ୍ୱର ॥
ମାୟା ଦେହ ଗଲେ ଆତ୍ମା କାହିଁରେ ରହିବ । କୁଳର ସନ୍ତାନ ଥିଲେ ନାମ ଜାଗିଥିବ ॥
ଯାହାର ସନ୍ତାନବନ୍ତ ନାହିଁରେ କୁମର । ତାହାର କି ନାମ ଅଛି ମହୀମଣ୍ଡଳର ॥
ଯେଉଁରୂପେ ଅଣ୍ଡ କୁଡ଼ା ଅଣ୍ଡ କୁଡ଼ୀ ଥାଇ । ମୃତ୍ୟୁ ହୋଇଲାରୁ ତାଙ୍କ ନାମ ବୁଡ଼ିଯାଇ ॥
ଏହି ମତ ମାୟା ଏ ସଂସାର ଖେଳଘର । ଯାହାର ଏ ଖେଳ ନାହିଁ ଅଗାଡ଼ ସେ ନର ॥
ମୋର ବୋଲ କର ପୁତ୍ର ଯାଅ ତତପର । ତୁମ୍ଭଙ୍କୁ ଗୃହିଣୀ ବୋହୂ ଅଛନ୍ତି ମୋହର ॥
ମାତାଙ୍କ ଶ୍ରୀମୁଖ ବାଣୀ ଶୁଣି ବେଦବ୍ୟାସ । କାମିନୀକାମରେ ମନ ହୋଇଲା ହରଷ ॥

ସତ୍ୟବତୀ ଦାସୀଙ୍କ ଯେ ପଠାଇଣ ଦେଲେ । ଅମ୍ବାଳକାପୁରେ ଯାଇ ଜଣାଅ ବୋଇଲେ ॥
ବ୍ୟାସଙ୍କର କଥାମାନ ବୁଝାଇ କହିବୁ । ଏ କଥାରେ ତାହାଙ୍କୁ ସମ୍ମତ କରାଇବୁ ॥
ଏହି ଋଷିପୁଙ୍ଗବର ଅକ୍ଷୟବୀଜ ସାର । ଗର୍ଭରେ ପଡ଼ିଲେ ପୁତ୍ର ହୋଇବ ତୋହର ॥
ଏମନ୍ତ ବୋଲିଣ ତାଙ୍କୁ ପ୍ରବୋଧ କରିବୁ । ବ୍ରହ୍ମଋଷି ବୋଲି ତାଙ୍କୁ ଭୟ ଦେଖାଇବୁ ॥
ଶୁଣିକରି ଦାସୀ ତହୁଁ ବେଗେ ଚଳିଗଲା । ଅମ୍ବାଳକା ସନ୍ନିଧରେ ବୃତ୍ତାନ୍ତ କହିଲା ॥
ମାତାଙ୍କ ବଚନ ବ୍ୟାସ ଶିରପରେ ଧରି । ଅବଳାଙ୍କ ପୁରକୁ ବିଜୟେ ସେହୁ କରି । ୯୮ ।
ଯାଇଣ ପ୍ରବେଶ ହେଲେ ଅମ୍ବାଳକା ପୁରେ । ବଚନ ନ ସ୍ଫୁରେ କଛୁ ରହିଲେ ଲଜ୍ଜାରେ ॥
ଏହିମତ କେତେ ଘଡ଼ି ତହିଁ ବହିଗଲା । ଅମ୍ବାଳକା ଋଷିଙ୍କର ସମ୍ଭାଷ ନୋହିଲା ॥
ତାହା ଶୁଣି ସତ୍ୟବତୀ ଏଣୁ ଶାପ ଦେଲେ । ଇତକାଳେ ଲଜ୍ଜା ତୁହି ମରିବୁ ବୋଇଲେ ॥
ସୁରତର ଅନ୍ତେ ତୁହି ପୁଣି ଜନମିବୁ । ଏହିମତ ଏ ଶରୀରେ ମକ୍ଷିଣ ରହିବୁ ॥
ସତ୍ୟବତୀ ଶାପେ ଲଜ୍ଜା ହୁଅନ୍ତେ ଅନ୍ତର । ଅମ୍ବାଳକା କରଯୋଡ଼ି ପଡ଼ିଲେ ପୟର ॥
ଦେଖି ତାହା ବ୍ୟାସମୁନି ମୁଖେ ବସ୍ତ୍ର ଦେଇ । ଅମ୍ବାଳକା ସହିତରେ ଅଙ୍ଗସଙ୍ଗ ହୋଇ ॥
କାରଣ ଯୋଗରେ ଯହୁଁ ହେଲା ଗର୍ଭବାସ । ସେହିକ୍ଷଣେ ଜନମ ହୋଇଲା ବାଳ ଶିଷ ॥
ବେଦବ୍ୟାସ ଆସିଣ ଯେ ବାହାରେ ବସିଲେ । ସତ୍ୟବତୀ ବୋହୂଙ୍କ ପାଶକୁ ବିଜେ କଲେ ॥
ଅନ୍ଧ ହୋଇ ଜନମ ସେ ହୋଇଛି କୁମର । ସତ୍ୟବତୀ କୁମରକୁ ଦେଖି ତତପର । ୧୦୭ ।
ଅନ୍ଧଟିଏ ବୋଲି ସତ୍ୟବତୀ ଯେ କହିଲେ । ଧୃତରାଷ୍ଟ୍ର ବୋଲିକରି ନାମ ତାର ଦେଲେ ॥
ଏ ପୁତ୍ର ନୃପତପଣେ ନ ଯୋଗାଏ ବାବୁ । ସୋମବଂଶ କୁଳରକ୍ଷା ତୁହି ଯେ କରିବୁ ॥
ସତ୍ୟବତୀ ବୋଲଇ ଯେ ଶୁଣ ବୋହୂ ମୋର । କେଉଁ ବେଶ ଧରି ପୁତ୍ର ଗଲା ତୋ ପାଶର ॥
ଅମ୍ବାଳକା ବୋଲେ ମୁଖେ ବସ୍ତ୍ର ସେ ଦେଇଣ । ମୁଖକୁ ନ ଚାହିଁ ମୋର ବସିଲେ ପାଶେଣ ॥
ସତ୍ୟବତୀ ଶୁଣି ପୁଣି ବୋଇଲେ କୁମରେ । ଲାଜ ଭୟ ଛାଡ଼ି ଏବେ ଚଳ ଅନ୍ତଃପୁରେ ॥
ମାତାଙ୍କ ବଚନ ଶୁଣି ବ୍ୟାସ ଯେ ଉଠିଲେ । ଚନ୍ଦନ କର୍ପୂର ଅଙ୍ଗେ ସୁବାସ ମଣ୍ଡିଲେ ॥
ଅମ୍ବାଳକା ପୁରେ ବ୍ୟାସ ହୋଇଲେ ପ୍ରବେଶ । ପୁଣି ତାର ସଙ୍ଗତରେ କଲେ ସହବାସ ॥
ତାହା ଗର୍ଭେ ପୁତ୍ର ପୁଣି ହୋଇଲା ଜନମ । ଦେହ ତାର ପାଣ୍ଡୁବର୍ଣ୍ଣ ଦେଲେ ପାଣ୍ଡୁ ନାମ ॥
ଏମନ୍ତେ ଯେ କନ୍ଧ ମୁନି ବୀର୍ଯ୍ୟେ ବେନି ଯୋଗ୍ୟେ । ଦାସୀ ଗର୍ଭେ ଜନମିଲା ଏକଇ ତନୟେ ॥
ବିଦୁର ବୋଲିଣ ନାମ ଦେଲେ ଯେ ତାହାର । ଶୁଣ ହେ ଅର୍ଜୁନ ତୁମ୍ଭ ଜନ୍ମ ସମାଚାର ॥
ଧୃତରାଷ୍ଟ୍ର ପାଣ୍ଡୁ ଦାସୀପୁତ୍ର ଯେ ବିଦୁର । ତିନପୁତ୍ର ଜନମ ହୋଇଲେ ବ୍ୟାସଙ୍କର ॥
ଧୃତରାଷ୍ଟ୍ର ଜ୍ୟେଷ୍ଠପୁତ୍ର ବସିଥାଇ ଘରେ । ପାଣ୍ଡୁ ଯେ ନୃପତପଣ କରଇ ରାଜ୍ୟରେ ॥
ପାଣ୍ଡୁଠାରୁ ତୁମ୍ଭେ ହୋଇଅଛ ଉତପନ୍ନ । ଯୁଧିଷ୍ଠିର ଆଦିକରି ଯେ ପଞ୍ଚନନ୍ଦନ । ୧୨୦ ।
କହିବାକୁ ଆଦିଅନ୍ତ କରଣ ତୁମ୍ଭର । ଭଣଇ ଅଚ୍ୟୁତ ଦାସ ପ୍ରଭୁ ରକ୍ଷା କର ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ପାଣ୍ଡୁଧୃତରାଷ୍ଟ୍ରବିଦୁରଜନ୍ମକଥନେ ଶ୍ରୀହରିଅର୍ଜୁନ-
ସମ୍ବାଦେ ନାମ ପଞ୍ଚଦଶୋଽଧ୍ୟାୟଃ ।

## ଷୋଡ଼ଶ ଅଧ୍ୟାୟ ।

ଶ୍ରୀ ଭଗବାନ ଉବାଚ ।

ତୁମ୍ଭର ମାତାଙ୍କ କଥା ଶୁଣ ହେ ଅର୍ଜୁନ । କୋନ୍ତ ଭୋଜନନ୍ଦନୀ ସେ ଭୋଜବଂଶେ ପୁଣ ॥
ଦୁର୍ବାସା ମୁନି ଯେ କୋନ୍ତଭୋଜ ନିକଟରେ । ଚତୁର୍ମାସ୍ୟା ରହିଲେ ସେ ରାଜାଙ୍କ ନଗରେ ॥
କୋନ୍ତଭୋଜ ରାଜେ ଋଷିଙ୍କର ଆଗେ କହି । କୋଇନ୍ତା ନନ୍ଦନୀକି ସେ ସମର୍ପିଲେ ନେଇ ॥
ତୁମ୍ଭଙ୍କୁ ଏ ପ୍ରତିଦିନ ସେବା କରୁଥିବ । ତୁମ୍ଭର ସେବାକୁ ଯେତେ ଦ୍ରବ୍ୟ ଲୋଡ଼ା ହେବ ॥
ଯେତେ ଦ୍ରବ୍ୟ ଲାଗିବ ତା କହିଦେବା ମୁନି । ତତକ୍ଷଣେ ଆଣିଦେବ ଏ ମୋର ନନ୍ଦନୀ ।୫।
ଏତେକ କହିଣ ରାଜା ନ ରହି ନଗରେ । ବିଷୟାବଶରେ ରାଜା ମୁନିଙ୍କି ପାସୋରେ ॥
ଏହିମତ ପାହିଲାରୁ ଚତୁର୍ମାସ୍ୟାକାଳ । ମୁନିବର ବିଚାରିଲେ ଯିବା ବଦ୍ରୀଅଳ ॥
ରାଜା ଆଗେ ଦୁର୍ବାସା ଯେ ମିଳିଲେକ ଯାଇ । ଆମ୍ଭେ ଯାଉଅଛୁଁ ବୋଲି ରାଜା ଆଗେ କହି ॥
ରାଜା ବୋଲେ କେତେବେଳେ ଅଇଲ ଗୋସାଇଁ । ମୁନି ବୋଲେ ହେ ରାଜନ ଚତୁର୍ମାସ୍ୟା ରହି । ୯ ।
ଶୁଣି ରାଜା ଜ୍ଞାନ ପୁଣି ପାଇଲା ତାହାର । ବିଷୟାରେ ମୁନି କଥା ଗଲା ମୋ ପାସୋର ॥
ଦୁର୍ବାସାମୁନିଙ୍କି ପୁଣି ବିଦା କରି ରାଜା । ଆପଣା ରାଜ୍ୟରେ ପାଳିଲେ ସେ ଜନପ୍ରଜା ॥
ଋଷିଙ୍କ ଗମନ ଦେଖି କୁନ୍ତୀ ପଛେ ଯାଇ । ଋଷି ଗୃହିଁଦେଲେ ପଛେ କୁନ୍ତୀ ଯେ ଗୋଡ଼ାଇ
କନ୍ୟାକୁ ବୋଇଲେ ତୁ କପାଁଇ ଆସୁଅଛୁ । ଏହିଠାରୁ ରହ ତୁହି ଆମ୍ଭେ ଯାଉଅଛୁଁ ॥
ଶୁଣି କର କୁନ୍ତୀ ବୋଲେ ଋଷିଙ୍କି ବଚନ । ତୁମ୍ଭ ପାଦ ସେବ ମୋ ନଷ୍ଟିଲେ ଗଲା ଦିନ ॥
ଏତେ ବୋଲିକରି ମୁନି ଚରଣେ ଲୋଟିଲା । ଉଠ ବୋଲନ୍ତେଣ ଆଉ କେବେଁ ନ ଉଠିଲା ॥
ମୁନି ବିଚାରିଲେ ଏ ତ ରାଜାର କୁମାରୀ । କେଉଁ ମନ ତୋଷିବ ତା ଏମନ୍ତ ବିଚାରି ॥
ଏ ମହୀମଣ୍ଡଳେ ଯେତେ ନାରୀ ଜନ୍ମ ହୋନ୍ତି । ସୁନ୍ଦର ପୁରୁଷ ଲୋଡୁଥାଇ ତାଙ୍କ ମତି ॥
ଏସନ ବିଚାରି ସେ ଷ୍ଫଟିକ ଜପାମାଳ । କୁନ୍ତୀର ହସ୍ତରେ ମୁନି ବେଗେ ଦେଲେ ତୋଳ ॥
ବୋଇଲେ ଏ ମାଳା ଗୋଟି ଘରେ ରଖିଥିବୁ । ଯାହା କହୁଅଛୁଁ ତୋତେ ତେମନ୍ତ କରିବୁ ॥
ରଜସ୍ୱଳା ହେବାର ତୋ ଷଷ୍ଠଦିନ ଯିବ । ସପ୍ତମଦିନରେ ପୁଷ୍ପ ସମ୍ପୂର୍ଣ୍ଣେ ଫୁଟିବ । ୧୦ ।
ପ୍ରଭାତୁଁ ଗନ୍ଧ ଅଇଁଳା ଘେନି ତୋ ଶରୀରେ । ଶୁଦ୍ଧସ୍ନାନ କରିବୁ ତୁ ସପ୍ତମଦିନରେ ॥
ଚନ୍ଦନ କର୍ପୂର କସ୍ତୁରୀ ଯେ ଅଙ୍ଗେ ଲାଇ । ଦେବଯୋଗ୍ୟ ପଲଙ୍କ ଉପରେ ଥିବୁ ଶୋଇ ॥

ଯେଉଁ ପୁରୁଷଙ୍କୁ ଲୋଭ ମନରେ କରିବୁ । ଏ ମାଳା ଧରିଣ ତାର ନାମକୁ ଜପିବୁ ॥
ବ୍ରହ୍ମା ବିଷ୍ଣୁ ଶିବ ଇନ୍ଦ୍ର ଚନ୍ଦ୍ର ଅଂଶୁମାଳି । ଯା ନାମ ଜପିବୁ ତୋ ଶଯ୍ୟାରେ ସେହି ମିଳି
ମନେ ବାଞ୍ଛା କରିବୁ ମୋ ପୁତ୍ର ହେଉ ଜନ୍ମ । ମନ ଉଲ୍ଲାସରେ ତାରେ ଦେବୁ ଯେ ରମଣ ॥
ତାହାରେ ହୋଇବ ତୋର ଗର୍ଭ ଉତପନ୍ନ । ସେହିକ୍ଷଣେ ଜନ୍ମ ହେବ ଅପୂର୍ବ ନନ୍ଦନ ।୩୯।
ଏହି ବର ଅସ୍ତୁ ହେଉ ତୋତେ ଗୋ କୋଇନ୍ତୀ । କାହାର ଆଗରେ ନ କହିବୁ ଏହୁ କଥା ॥
ଏତେ ବୋଲି ମୁନିବର ହେଲେ ଅନ୍ତର୍ଦ୍ଧାନ । ବଦ୍ରୀନାରାୟଣ ଧାମେ ମିଳିଲେ ତକ୍ଷଣ ॥
ଏହିମତି କେତେଦିନ ଚହୁଁ ବହିଗଲା । ପାକାପରଶନ କୁନ୍ତୀଦେବୀ ଯେ ହୋଇଲା ॥
ଶୁଦ୍ଧସ୍ନାନ କଲା ସେହୁ ସପ୍ତମ ଦିନରେ । ଅବିବାହୀ ହୋଇ ସେ ତ ରହିଛି ବାପଘରେ ॥
କର୍ପୂର କସ୍ତୂରୀ ଗନ୍ଧ ଅଙ୍ଗେ ଲାଗି ସୁବାସେ । ଚନ୍ଦନ ଯାକ ମଣ୍ଡିଲା ସେ ମନ ହରଷେ ॥
ବିରହିଣୀ ଭାବେ ସେହୁ ସୁପାତି ଶେଯରେ । ଋଷିଙ୍କ କହିବା କଥା ଭାଳଇ ମନରେ ॥
ମାଳା ଦେଇ ଋଷି ଯେଉଁମତି କହିଥିଲେ । କରି ମୁଁ ଦେଖଇଁ ତାହା ମନରେ ପାଞ୍ଚିଲେ ॥
ପୁଣି ବିଚାରଇ ମୁଁ ଯେ ଜପିବି କାହାକୁ । ପ୍ରଥମେ ଜପଇଁ ଦେଖି ସୂର୍ଯ୍ୟଦେବତାଙ୍କୁ ॥
ସୂର୍ଯ୍ୟଦେବ ଯେବେ ମୋର କୋଳକୁ ଆସିବେ । ତନପୁର ଯାକ କେହି ବଳ ନ ପାରିବେ ॥
ଏତେ କହି ଫଟିକର ମାଳା ହସ୍ତେ ଧରି । ସୂର୍ଯ୍ୟଦେବଙ୍କର ନାମ ଜପଇ ସୁନ୍ଦରୀ ॥
ଓଁକାର କରିଣ କୁନ୍ତୀ ଯହୁଁ ଜପ କଲା । ଧର୍ମ୍ମଦେବଙ୍କ ତେଣେ ଆସନ କମ୍ପିଲା ॥
ଗଗନବିହାରୀ ଆକାଶରୁ ଓହ୍ଲାଇଲେ । ରଥ ସହିତରେ କୁନ୍ତୀ ଶେଯରେ ମିଳିଲେ ॥
କୁନ୍ତୀଙ୍କି ସେ କୋଳାଗ୍ରତ କରି ଆଲିଙ୍ଗନ । ଅଙ୍ଗସଙ୍ଗେ ତୋଷ କଲେ ସୁନ୍ଦରୀର ମନ ॥
ରବିଙ୍କର ସହବାସେ ଗର୍ଭ ସଞ୍ଚରିଲା । ତତକ୍ଷଣେ ଗର୍ଭରେ କୁମର ପାଳିଥିଲା ।୪୦।
ଦେଖିଣ ପ୍ରସବ ପଥ ନିରୋଧ ଥିବାରୁ । କର୍ଣ୍ଣଦ୍ୱାରେ କୁମର ଯେ ହୋଇଲା ବାହାର
କର୍ଣ୍ଣବାଟେ ସେ କୁମର ଜନ୍ମ ହେଲା ଯହୁଁ । କର୍ଣ୍ଣ ବୋଲି ନାମ ତାର ଦେଲେକ ଯେ ତହୁଁ
ସୂର୍ଯ୍ୟଦେବଙ୍କର ଠାରୁ କର୍ଣ୍ଣ ଜନମିଲା । ଅବିବାହୀ ହୋଇ କୋଇନ୍ତୀ ଯେ ରହିଥିଲା ॥
ସୂର୍ଯ୍ୟଦେବଠାରେ ମନ୍ତ୍ର ପରୀକ୍ଷା ସେ କଲେ । ଗଣ୍ଠି ଧନ କରି ମାଳା ପେଡରେ ରଖିଲେ ॥
ଜନମ ହୋଇଣ କର୍ଣ୍ଣ ରାଜପଣ କଲେ । ସୂର୍ଯ୍ୟଦେବତା ଯେ ଆକାଶରେ ବିଜେ କଲେ
ଏହିମତି ଚହୁଁ କେତେଦିନ ବହିଗଲା । ସେହି କୋଇନ୍ତୀଙ୍କୁ ପାଣ୍ଡୁରାଜା ବିଭା ହେଲା ॥
ବିଭା ହୋଇ କେତେଦିନ ତହୁଁ ବହିଯାଇ । ପାଣ୍ଡୁଙ୍କୁ ଅଙ୍ଗସ୍ପର୍ଶ ଋଷିଙ୍କର ଶାପ ହୋଇ ॥
ସେହି ଦିନୁ ସ୍ତ୍ରୀଙ୍କ ଅଙ୍ଗ ନ ଛୁଅନ୍ତି ସେହି । ଅର୍ଜ୍ଜୁନ ବୋଇଲେ ଏହା କାହିଁ ଭବଗ୍ରାହୀ ॥
କେଉଁ ଦୋଷୁଁ ପାଣ୍ଡୁ ଭିତରକୁ ନ ପଶନ୍ତି । ଏହି କଥା ବୁଝାଇ କହିବା ଦାଶରଥି ॥
ଶ୍ରୀହରି ବୋଇଲେ ଦିନେ ବନେ ମହାମୁନି । ମୃଗୁଣୀ ସଙ୍ଗେ ବିହାର କରନ୍ତେ ସେ ପୁଣି ॥
ସେ ମୃଗୁଣୀ ଡାକ ପକାଇଲା ଘୋରନାଦ । ପାଣ୍ଡୁରାଜା ରାଜ୍ୟରେ ହୋ ହେଲା ପରମାଦ ॥

ଏମନ୍ତେ ମୃଗୁଣୀ ଡାକ ଦେଲା ଯେ ବନରେ । ସେହି ଡାକ ପାଣ୍ଡୁରାଜା ଶୁଣିଲେ କର୍ଣ୍ଣରେ ॥
ଡାକ ଶୁଣି ଶର ଯେ ପେଷିଲେ ଧାଉଁକାରେ । ତତ୍‌କ୍ଷଣେ ପଡ଼ିଲା ବାଣ ଋଷିଙ୍କ ଉପରେ ॥
ଋଷି ମୃଗୁଣୀର ଅଙ୍ଗେ ବାଣ ଫୁଟି ରହି । ଦୁଇଜଣ ପ୍ରାଣତ୍ୟାଗ କଲେ ସେହିଠାଇଁ ॥
ବ୍ୟାକୁଳ ହୋଇଣ ଋଷି ଶାପ ଦେଲେ ତାରେ । ନିର୍ଦ୍ଦୋଷରେ ବାଣ ତୁ ବିନ୍ଧିଲୁ ମୋ ଶରୀରେ
ତୋର ରତିକାଳେ ପଡ଼ୁ ସେ ଅକାଳକାଣ୍ଡ । ଏତେ କହି ଋଷି ପ୍ରାଣ ଛାଡ଼ିଗଲା ପିଣ୍ଡ ॥
ସେ ଶବଦ ପାଣ୍ଡୁରାଜା କର୍ଣ୍ଣରେ ଶୁଭିଲା । ଋଷିଙ୍କର ଅଭିଶାପ ପଡ଼ିବ ଜାଣିଲା ॥
କୁନ୍ତୀଙ୍କ ଆଗରେ ପଣ୍ଡୁରାଜନ କହିଲେ । ତୁମ୍ଭ କର୍ମ ତୁମ୍ଭେ ଏବେ ଭୋଗକର ବୋଲେ
ଆଚମ୍ବିତ କଥା ବଡ଼ ହୋଇଲା ଗୋ ରାଣି । ନ ଜାଣି ଶର ଯେ ମୁହିଁ ପେଷିଲଇଁ ପୁଣି ॥
ଋଷି ମୃଗୁଣୀର ଅଙ୍ଗେ ବାଣ ଫୁଟିଗଲା । ପ୍ରାଣତ୍ୟାଗ କାଳେ ଋଷି ମୋତେ ଶାପ ଦେଲା
ଦେଲା ଯେଉଁ ଶାପ ତାହା ନୁହଇଟି ଆନ । ତୁମ୍ଭ ଆମ୍ଭ ଅଙ୍ଗସଙ୍ଗ ଆଉ ନାହିଁ ପୁଣ ॥
ଏତେ କହି କୋଇନ୍ତାଙ୍କ ହସ୍ତ ସେ ଧଇଲେ । ତୁମ୍ଭର କରମ ତୁମ୍ଭେ ଭୁଞ୍ଜ ଗୋ ବୋଇଲେ
ଆହା ବୋଲି ମହାତେଜ ଭୂମିରେ ଲୋଟିଲେ । ଗଣୀହଂସପୁରୁଁ ପାଣ୍ଡୁ ମେଲାଣି ହୋଇଲେ ॥
ସେହି ଦିନୁ ଉତ୍ତରକୁ ରାଜା ନ ପଶନ୍ତି । ବାହାର ପୁରେ ରହିଣ ରାଜ୍ୟ ସେ ପାଳନ୍ତି ॥
ତୁମ୍ଭ ପିତାଙ୍କର ଗୁଣ ଶୁଣ ହେ ଅର୍ଜୁନ । ଅଚ୍ୟୁତାନନ୍ଦ ଯେ ଏହା କଲେକ ବଖାଣ ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ପାଣ୍ଡୁରାଜା
ଜନ୍ମକଥନେ ଶ୍ରୀହରିଅର୍ଜୁନସମ୍ବାଦେ ନାମ ଷୋଡ଼ଶୋଽଧ୍ୟାୟଃ ।

---

## ସପ୍ତଦଶ ଅଧ୍ୟାୟ ।

### ଶ୍ରୀ ଭଗବାନ ଉବାଚ ।

ଶୁଣ ହେ ଅର୍ଜୁନ ତୁମ୍ଭ ମାତାଙ୍କର ଗୁଣ । ଯେମନ୍ତ ପ୍ରକାରେ ତୋତେ ଜାତ କଲେ ପୁଣ
କୋଇନ୍ତା ଜାଣିଲେ ଯେ ରାଜାର ଅଭିଶାପ । ପୂର୍ବ ପରାକୃତ ଦୋଷେ ହେଲା ଏ ପ୍ରାପତ ॥
ଦାସୀର ହାତରେ ସେ ରାଜାଙ୍କୁ ଡକାଇଲେ । ଗୁପତ ସମ୍ବାଦ ପାଣ୍ଡୁ ଆଗରେ କହିଲେ ॥
ଅଙ୍ଗିରାର ଅଭିଶାପେ ତୁମ୍ଭେ ସିନା ରହ । ମୁହିଁ କି କରିବି ଏବେ ମୋତେ ଆଜ୍ଞା ଦିଅ
ମୋହର ମନରେ ଯାହା କଥା ଏ ଅଛଇ । ତୁମ୍ଭେ ମୋର ସ୍ୱାମୀ ଅଟ କହୁଛି ମୁଁ ଯେଇ
ପ୍ରସନ୍ନେ ଦୁର୍ବାସା ମୁନି ଜପମାଳା ଦେଇ । ବର ଦେଇଗଲେ ମୋତେ ଏମନ୍ତ ଯେ କହି
ତୁମ୍ଭେ ଯେବେ ରାଜନ ହେ ଆଜ୍ଞା ଦେବ ପୁଣ । ଦେବତାଙ୍କ ବୀର୍ଯ୍ୟେ ପୁତ୍ର ଜନ୍ମ ହେବେ ଜାଣ
ଅଙ୍ଗିରାର ଶାପ ଯେବେ ହୋଇଲା ତୁମ୍ଭରେ । ମୋ ସଙ୍ଗେ ଅକାଳକାଣ୍ଡ ପଡ଼ିବ ଶରୀରେ ॥
ଏବେ ତୁମ୍ଭେ ଆଜ୍ଞା ମୋତେ ଦିଅ ବେଗକରି । ଅବଳା ଯୁବତୀ ମୁହିଁ ଅବୋଧ ଯେ ନାରୀ ॥

ରାତ୍ରି ଦିନ ପୁତ୍ର ଇଚ୍ଛା କରେ ମୋ ମନରେ । କେମନ୍ତେ ଏ ଦେହ ଧରି ରହିବି ସଂସାରେ ॥
ଏତେକତ ସନ୍ତାନ ମୁଖ ନ ଦେଖିବା ପୁଣି । ତୁମ୍ଭଙ୍କୁ ମୁଁ କହୁଅଛି ଶୁଣ ନୃପମଣି ॥
ଋଷି ଦେଇଛନ୍ତି ଯେ ସ୍ଫଟିକ ଜପାମାଳ । ଯା ନାମେ ଜପିବି ସେ ଆସିଣ ପାଶେ ମିଳ ॥
ଦେବତାଙ୍କ ନାମେ ଜପ କରିବି ମୁଁ ଯେବେ । ଦେବତାଙ୍କ ପୁତ୍ର ଜନ୍ମ ହୋଇବେ ମୋ ତେବେ ॥
ସେ ପୁତ୍ର ଜନ୍ମିଲେ ଆମ୍ଭ କୁଳ ଯେ ରହିବ । ଅପୁତ୍ରିକ ହେବା କଥା କେହି ନ କହିବ ॥
ଏକେ ବରହଣୀ ମୁହିଁ ବୋଧ ହୋଇ ଥିବ । କୁଳରକ୍ଷା ପାଇଁ ପୁଣି ସନ୍ତାନ ଦେଖିବ ॥
କୁନ୍ତୀଙ୍କ ବଚନ ଶୁଣି ପାଣ୍ଡୁ ଯେ କହିଲେ । କେମନ୍ତେ ସେ ମାଳା ଗୋଟି ଦେଖାଇ ବୋଇଲେ
ପାଣ୍ଡୁ କଥା ଶୁଣି କୁନ୍ତୀ ଉଠି ତତପର । ମାଳା ଗୋଟି ଆଣି ଦେଲା ରାଜାଙ୍କ ହସ୍ତର ॥
ସୂର୍ଯ୍ୟର କିରଣ ପରି ମାଳାଟି ଦିଶଇ । ଦେଖିଣ ତରସ୍ତ ହେଲେ ପାଣ୍ଡୁ ରାଜା ତହିଁ ॥
ଦେଖିକରି ବୋଲେ ତହୁଁ ଶୁଣ ଗୋ କୋଇନ୍ତା । ଆମ୍ଭର କରମେ ଯାହା ଲେଖିଛି ବିଧାତା ॥
ତୁମ୍ଭ ମନ କଥା ଜାଣି ତୁମ୍ଭେ ଏବେ କର । ଏ କଥାରେ ସଂଶୟ ଯେ ନାହିଁ ମୋ ମନର ॥
ଏତେକ କହିଣ ରାଜା ଅନ୍ତଃପୁରୁଁ ଗଲେ । କୋଇନ୍ତାଙ୍କ ଅନ୍ତଃପୁରେ କୋଇନ୍ତା ରହିଲେ
ସେହିଦିନ ଶୁଦ୍ଧସ୍ନାନ ହୋଇଛି ବିଧିରେ । ଜପାମାଳା ଘେନି କୁନ୍ତୀ ପଲଙ୍କ ଉପରେ ॥
ବସିକରି ମନରେ ସେ ଏମନ୍ତ ବିଚାରି । ସକଳ ସଂସାର ମଧ୍ୟେ ଧର୍ମ ଅଛି ପୂରି ॥
ପଲଙ୍କ ସୁପାଟ ପରେ କରିଣ ଶୟନ । ଧର୍ମଦେବତାଙ୍କୁ ମନେ କଲେ ଜପ ଧ୍ୟାନ ॥
ଧର୍ମ ଆସି ପଲଙ୍କେ ମିଳିଲେ ସେହିଲାଗେ । ମନୋରଥ ପୂର୍ଣ୍ଣ କଲେ କୁନ୍ତୀ ଅଙ୍ଗସଙ୍ଗେ ॥
ଧର୍ମ ସହବାସେ କୁନ୍ତୀ ହେଲା ଗର୍ଭବାସ । ସେହିକ୍ଷଣେ ଜନମ ହୋଇଲେ ଧର୍ମଶିଷ୍ୟ ॥
ଯୁଧିଷ୍ଠିର ବୋଲି ନାମ ଦେଲେ ଯେ ତାଙ୍କର । ଏହିମତ ଗଲା ତହିଁ କେତେ ଦିନ ତାର ॥
ପୁଣି ହିଁ ସେ ରଜସ୍ୱଳା ହୋଇଲେ କୋଇନ୍ତା । ମନରେ ପାଞ୍ଚିଲେ ଏ ଯେ ପବନ ଦେବତା ॥
ସକଳ ଜୀବରେ ଏ ଅଟଇ ବଳବନ୍ତା । ତେଣୁ ସୁମରଣା ତାଙ୍କୁ କଲେକ କୋଇନ୍ତା ॥
ପବନର ବୀର୍ଯ୍ୟେ ଜାତ ହୋଇଲା କୁମର । ଭୀମ ବୋଲି ନାମ ଦେଲେ କୋଇନ୍ତା ତାଙ୍କର
ଏଥୁଅନ୍ତେ କେତେ ଦିନ ପୁଣି ବହିଗଲା । ରାଣୀ ମହାଦେଈଙ୍କର ରଜସ୍ୱଳା ହେଲା ॥
ଶୁଚିମନ୍ତ ହୋଇଣ ସେ ପଲଙ୍କେ ଶୟନ । ଜପାମାଳା ହସ୍ତେ ଧରି ବିଚାରନ୍ତି ମନ ॥
ହୃଦଗତେ ପାଞ୍ଚେ ଇନ୍ଦ୍ର ଘୋରନାଦ କରେ । ତାଙ୍କ ସମାନରେ ଋଷି ନାହିଁ ତିନିପୁରେ ॥
ଜପାମାଳା ଘେନି ଇନ୍ଦ୍ର ନାମରେ ଜପିଲେ । ଇନ୍ଦ୍ରଦେବ ଆସି କୁନ୍ତୀ ସନ୍ନିଧେ ମିଳିଲେ ॥
ଇନ୍ଦ୍ରଠାରୁ ଜାତ ତୁହି ନାମ ତୋ ଅର୍ଜୁନ । ତୋହର ସମାନ ନାହିଁ ଏ ତିନିଭୁବନ ॥
ଅଶ୍ୱିନୀକୁମାରଠାରୁ ନକୁଳ ଜନମ । କୃନ୍ତ ମୁନେ ଋଷି ସେ କରଇ ନିପାତନ ॥
ମାଦ୍ରୀର ନନ୍ଦନ ଯେ ଅଟଇ ସହଦେବ । ସହ ମାତ୍ର ଜାତ ଯେଣୁ ନାମ ସହଦେବ ॥

ଶୁଣିଲୁ ଅର୍ଜୁନ ତୁମ୍ଭ ଜନମର କଥା । ଏବେ କହେଁ ଧୃତରାଷ୍ଟ୍ର ବଭାର ବ୍ୟବସ୍ଥା ॥
ରାଜାକ୍ଷିଅମାନଙ୍କୁ ସେ ବରଣ କରନ୍ତି । ବରଇଲା ମାତ୍ରକେ ରାଜକନ୍ୟାଏ ମରନ୍ତି ॥
ଏମନ୍ତେ ସହସ୍ରେ କନ୍ୟା ତହିଁ ଗଲେ ନାଶ । ନାମ ଧରନ୍ତା ମାତ୍ରକେ ହୁଅନ୍ତି ବିନାଶ ।୪୦।
ଏହିମତେ କେତେ ସମ୍ବତ୍ସର ଗଲା ବହି । ଅବିବାହୀ ହୋଇ ଧୃତରାଷ୍ଟ୍ର ଯେ ଭାଳଇ ॥
ଅର୍ଜୁନ ବୋଇଲେ ପ୍ରଭୁ ଶୁଣ ଚକ୍ରଧର । କେମନ୍ତେ ସେ ବଭା ପୁଣି ହେଲେ ନୃପବର
ଶ୍ରୀହରି ବୋଇଲେ ତେବେ ଶୁଣ ଧନଞ୍ଜୟ । ସେଥିର ଚରିତ କହି ଫେଡ଼ିବା ସନ୍ଦେହ ॥
ଗାନ୍ଧାରସେନ ରାଜାର ହୋଇଲା କୁମାରୀ । ଗାନ୍ଧାରୀ ବୋଲି ତା ନାମ ଦେଲେ ଦଣ୍ଡଧାରୀ
ଏମନ୍ତେ ସେ କୁମାରୀର ନବଯୁବା ହେଲା । ରାଜା କୁଳଶୀଳ ପୁଚ୍ଛି ବର ଯେ ଖୋଜିଲା ॥
ସେ କନ୍ୟାକୁ ବରନ୍ତେ ଯେ ବର ଯାଇ ନାଶ । ଏହିମତେ ସପ୍ତ ବର ହୋଇଲେ ବିନାଶ ॥
ପୂର୍ବେ ଯାହା ବିଧାତା ଲେଖିଅଛି ଯୋଗ । ତାହା ବିନା ପ୍ରାଣିମାନେ କରୁଛନ୍ତି ଭୋଗ ॥
ଯେତେ ବର ବରିଲେ ସେ କେହି ନ ବଞ୍ଚିଲେ । ନାମ ତାର ଧଇଲାମାତ୍ରକେ ନାଶ ଗଲେ ॥
ବିହି ଯାହା ଲେଖିଥାଇ ନୁହଇ ସେ ଆନ । ସେ କନ୍ୟାକୁ ବରିଲା ଯେ ଧୃତରାଷ୍ଟ୍ର ପୁଣ ॥
ରାଶି ଗଣାଇ ଦେଖିଲେ ପଣ୍ଡିତେ ଏମନ୍ତ । ଉଭୟଁ ସମ୍ବନ୍ଧରେ ଦୁହେଁ ହୋଇଛନ୍ତି ଜାତ ॥
ଶୁଣି ବ୍ୟାସମୁନି ତାହା ମନରେ ବିଚାରି । କନ୍ୟା ଆଗେ ସାହାଡ଼ାବୃକ୍ଷକୁ ବର ବରି ॥
ବର କରି ବରନ୍ତେ ସାହାଡ଼ାବୃକ୍ଷ ମଲା । ଧୃତରାଷ୍ଟ୍ର ବରଣ ଗାନ୍ଧାରସେନ ନେଲା ॥
ମୁନିବର ବୋଇଲେ ଯେ କନ୍ୟା ଦୋଷ ଗଲା । ବରିଲାମାତ୍ରକେ ସେ ସାହାଡ଼ାବୃକ୍ଷ ମଲା ॥
ଗାନ୍ଧାରସେନ ଯେ ଧୃତରାଷ୍ଟ୍ରକୁ ନେଇଣ । ବେଦିରେ ବସାଇ ସେ ଯେ କଲାକ ବରଣ ॥
ଗାନ୍ଧାରୀକ ବଭା ଦେଲା ଶୁଭେଣ ରାଜନ । ଯଉତୁକ ଦେଲା ବହୁ ଧନରତ୍ନମାନ ।୫୫।
ବଭା ଅନ୍ତେ ଭୋଗ କଲେ କେତେକ ବତ୍ସର । ପୁତ୍ର କି ଦୁହିତା ଜାତ ନୋହିଲା ତାଙ୍କର ॥
ତନେ ଧୃତରାଷ୍ଟ୍ର ବ୍ୟାସମୁନିଙ୍କ ଶରଣ । ବୋଇଲେ ଭୋ ପିତା ମୋତେ କହିବା
କାରଣ ॥
ପୁତ୍ର ଦୁହିତା ମୋହର କିଛିହିଁ ନୋହିଲା । ସଂସାରେ ଜନମ ହୋଇ ନିଷ୍ଫଳ ହୋଇଲା ॥
ଧନରତ୍ନ ସମ୍ପତ୍ତି ସଂସାରେ ଖେଳଘର । ସନ୍ତାନ ଯାହାର ନାହିଁ ଶୃଗାଳ ସେ ନର ॥
ଏଣୁକରି ବ୍ୟାସମୁନି କରୁଛି ବିନ୍ତି । କେମନ୍ତେ ନିସ୍ତାର ହେବି କହ ମହାମୁନି ॥
ଅପୁତ୍ରିକ କଥା ବଡ଼ ସଂସାରରେ ଦୋଷ । ଯମଦେବତା ଯେ ଦଣ୍ଡ ଦିଅଇ ଅବଶ୍ୟ ॥
ଅପୁତ୍ରିକ ମୁଖ ଗୃହିଁ ଯାତ୍ରା କରି ଯେବେ । ଯାତ୍ରା ଶୁଭ ନୋହେ ବହୁ ବିଘ୍ନ ହୁଏ ତେବେ
ପିତୃଶ୍ରାଦ୍ଧ ଦିନ ଅପୁତ୍ରିକକୁ ବରିଲେ । ପିତୃଲୋକେ ନ ଆସନ୍ତି ତା ପୁରକୁ ଭଲେ ॥
ଶୁଣି ବ୍ୟାସ ମହାମୁନି ବୋଲନ୍ତି ବଚନ । ପୁତ୍ର ଅର୍ଥେ ଯଜ୍ଞ ତୁହି କର ହେ ରାଜନ
ଗୃହବେଦରୁ ବ୍ରାହ୍ମଣ ବରଣ କରିବୁ । ପୁନ ଅର୍ଥେ ଲକ୍ଷେକ ଆହୁତି ଯେବେ ଦେବୁ

ଯଜ୍ଞରୁ ଯେ ଚରୁଅନ୍ନ ଉପୁଜିବ ପୁଣ । ସେ ଚରୁଅନ୍ନ ଭୁଞ୍ଜିଲେ ପୁତ୍ର ହେବ ଜନ୍ମ ॥
ଯେଉଁରୂପେ କହିଲେ ସେ ବ୍ୟାସ ମହାମୁନି । ସେହି ପରକାରେ କଲେ ସେ ନୃପମଣି ॥
ଦଶ ଦିବସରେ ଯଜ୍ଞ ସମାପତ ହେଲା । ମନ ସନ୍ତୋଷରେ ମୁନି ଚରୁଅନ୍ନ ଦେଲା ॥
ହସ୍ତେ ନେଇ ମହାଦେଈ କଲେକ ଭକ୍ଷଣ । ମୁନି ଆଜ୍ଞା ଦେଲେ ପୁତ୍ର ହେଉ ତୋର ଜନ୍ମ
ଭକ୍ଷିଲାମାତ୍ରକେ ରାଣୀ ଗର୍ଭବତୀ ହେଲା । ଅନେଶତ ପୁତ୍ର ରାଣୀ ଶୁଭେ ଜାତ କଲା ॥
ଦୁର୍ଯ୍ୟୋଧନ ଦୁଃଶାସନ ଅନେଶତ ଭାଇ । ମହାବଳବନ୍ତ ଦୁଷ୍ଟ ହୋଇଲେକ ସେହି ॥
ଶୁଣ ହେ ଅର୍ଜୁନ ଧୃତରାଷ୍ଟ୍ରର ବାରତା । ଏହିମତ ସୋମବଂଶ ହେଲେ ବଳବନ୍ତା ॥
ଅର୍ଜୁନ ବୋଇଲେ ପ୍ରଭୁ ପାଇଲି କାରଣ । ଧନ୍ୟ ଧନ୍ୟ ମହିମା ତୋହର ଭଗବାନ ॥
ଶ୍ରୀହରି ବୋଇଲେ ବାବୁ ଶୁଣ ଅରଜୁନ । ତ୍ରିଭୁବନେ ମୋତେ ଭେଦ ନ ପାଇନ୍ତି ପୁଣ
ମୋହର ନାମରେ ମୁହିଁ ପଡ଼ି ରହିଥାଇ । ନାମ ଯେ ଭଜଇ ତାଙ୍କୁ ପ୍ରସନ୍ନ ହୁଅଇ ।୭୬।
ନାମବ୍ରହ୍ମ ନାମବ୍ରହ୍ମ ନାମବ୍ରହ୍ମ ସାର । ନାମବ୍ରହ୍ମ ବିନୁ ଆଉ ନାହିଁ ପ୍ରତିକାର ॥
ଚଉବେଳ କର ପାଠ କହୁଅଛି ତୋତେ । ନାମକୁ ଯେ ଭଜଇ ସେ ଭେଟି ପାଇ ମୋତେ
ଅଧମ ଅଚ୍ୟୁତ ଦାସ ନାମରେ ଶରଣ । କୃଷ୍ଣ ନାମ ବିନୁ ମୋର ନାହିଁ ପରିତ୍ରାଣ ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସ ସଂହିତାୟାଂ ଧୃତରାଷ୍ଟ୍ରଗାନ୍ଧାରୀ-ଚରିତକଥନେ ଶ୍ରୀହରିଅର୍ଜୁନସମ୍ବାଦେ ନାମ ସପ୍ତଦଶୋଽଧ୍ୟାୟଃ ।

---

## ଅଷ୍ଟାଦଶ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ପ୍ରଭୁ ଶୁଣ ଭଗବାନ । ଏବେ କହ କଇବର୍ତ୍ତ ଯେ ବିଧିବିଧାନ ॥
କେମନ୍ତ ପ୍ରକାରେ ଚୈତ୍ରପୂର୍ଣ୍ଣିମା ସେ କଲେ । ଇଷ୍ଟବିଧି କେମନ୍ତେ ସେ ସେଦିନ ପାଳିଲେ ॥
ମନ ସ୍ଥିର କରି ତୁହି ଶୁଣ ଅରଜୁନ । ଦାସରାଜା ଯେତେ ଇଷ୍ଟ ପୂଜିଲାକ ପୁଣ ॥
କତରେ ବସାଇ ଆମ୍ଭେ ଦେଲୁଁ ଯେ ବତାଇ । ଏବେ ଦାସରାଜା ତୁହି ଶୁଣ ମନ ଦେଇ ॥
ଚଇତ୍ରପୂର୍ଣ୍ଣିମୀଦିନ ଇଷ୍ଟର ବିଧାନ । କହୁଛି ମୁଁ ମନ ଦେଇ ଦାସରାଜା ଶୁଣ ॥
କାଷ୍ଠରେ ନିର୍ମାଣି ତୁହି ତିନି ଘଟ କରି । ଗୋବରମୂଳ ସୁମରଣ ପୂଜାବିଧି କରି ॥
ଘର ଭିତର ବାହାର ଗୋମୟେ ଲେପିବୁ । ଅରୁଆ ତଣ୍ଡୁଳ ବାଟି ଚିତା ପକାଇବୁ ॥
ବନ୍ଧୁକୁଟୁମ୍ବଙ୍କୁ ପୁଣି ନଉତି ଆଣିବୁ । ଶୁଚିମନ୍ତ ହୋଇ ଶୁକ୍ଳବସ୍ତ୍ର ଯେ ପିନ୍ଧିବୁ ॥
ଅଁଳା କୁଙ୍କୁମ ଯେନି ତିନିରେ ବୋଳିବୁ । ତୀର୍ଥଜଳପୂର୍ଣ୍ଣ କୁମ୍ଭେ ସ୍ନାନ କରାଇବୁ ॥
ଇଷ୍ଟଦେବ ମନେ କରି ତାହାଙ୍କୁ ସ୍ଥାପିଣ । ତଣ୍ଡୁଳର ଆଣି ଅଗେ ଥାପା ଦେବ ପୁଣ ॥
ଥାପା ମଧ୍ୟେ କାଇମାଛ ବାନ୍ଧି ଯେ ସ୍ଥାପିବ । ନବତନ ବସ୍ତ୍ର ଅଗେ ଆଚ୍ଛାଦନ ଦେବ ॥

ଚିତା ପୁଣି ପକାଇବ ଢିଙ୍କିର ଆଗରେ । ଚନ୍ଦନର ଚିତା ଦେବ ତାହାର ମଥାରେ ॥
ସିନ୍ଦୂରର ବିନ୍ଦୁ ପୁଣି ଦେବ ତା ମଧ୍ୟରେ । କଜ୍ଜ୍ୱଳର ଲଞ୍ଜି ରଖି ବେନି ପାରୁଶରେ ।
ମନ୍ତ୍ର ପଢ଼ି କରି ଶିରେ ବିନ୍ଦୁ ଚଢ଼ାଇବ । କୁସୁମର ମାଳ ଗୋଟି ତାର ଶିରେ ଦେବ

ସିନ୍ଦୂର ମନ୍ତ୍ର ।

ବାମଭାଗେ ସ୍ଥିତୋ ବ୍ରହ୍ମା ଦକ୍ଷିଣେ ଚ ମହେଶ୍ୱରଃ ।
ମଧ୍ୟେ ବିନ୍ଦୁ ସମାଯୁକ୍ତଂ ଇତି ବିନ୍ଦୁ ନିରାକାରଃ ॥

ଉର୍ମ୍ମି ଧୂର୍ମ୍ମି ଜ୍ୟୋତି ଜ୍ୱାଳା ଏହା ପଢ଼ି କରି ଢିଙ୍କି ମୁଣ୍ଡରେ ସିନ୍ଦୂର ଚଢ଼ାଇବ । ତେତେବେଳେ ସେ ଢିଙ୍କିକି ଭଗବାନ ବୋଲି ଜାଣିବ ।

ଗୀତ ।

ଶୁକଳ ବସ୍ତ୍ର ଯେ ପିନ୍ଧି କୁଙ୍କୁମ ସହିତେ । ପାଟପଡନି ଆଦି ଯେ ମିଳିବ ଯୁକତେ ।୧୫।
ରନ୍ଧଣାଶାଳରେ ଗୋଧ ବଧି ଯେ କରିବ । କୁଣ୍ଡଲୀ ପିଢ଼ୁଲା କରି ତହିଁ ବସାଇବ ॥
ଦେହପିଣ୍ଡୀ ବୋଲି ଯେଉଁ ବେଦଟ ବୋଲାଇ । କୁଣ୍ଡଲୀ ନାମେ ପିଢ଼ୁଲା ତହିଁରେ ବସାଇ ॥
ରୁପା ପିତ୍ତଳରେ ତାହା କରଣ ରଖିବ । ଅଥବା ମାଟିର ମୂର୍ତ୍ତି କରଣ ଥାପିବ ॥
ଝୁଣା ଗୁଗ୍ଗୁଳର ଧୂପ ଗୋଧଠାରେ ଦେବ । ଘଣ୍ଟା ମର୍ଦ୍ଦଳ ଆଦି ଯେ ତହିଁ ବଜାଇବ ॥
ନାରୀଗଣେ ବଜାଇବେ ଘୃତଦୀପ ଜାଳି । ଦୁବ ଅକ୍ଷତ ଦେବେ ସେ ଦେଇ ହୁଳହୁଳି ॥
ଏହିମତ ନାଗସଗୋଧଙ୍କୁ ବନ୍ଦାଇବ । ପଞ୍ଚାମୃତ କରି ତହିଁ ନଇବେଦ୍ୟ ଦେବ ॥
ନାନାପରକାରେ ପିଠାପଣା ଯେ କରିବ । ଅନନ୍ତବାସୁକି ମନ୍ତ୍ରେ ନଇବେଦ୍ୟ ଦେବ ॥
ଅନନ୍ତବାସୁକି ତୋର ଗୋଧ ଯେ ଅଟଇ । ରନ୍ଧଣାଶାଳରେ ତାଙ୍କୁ ପୂଜିବୁ ତୁ ନେଇ ॥
ଏହାଙ୍କୁ ନ ପୂଜିଲେ ତୋ ନାହିଁ ପରିତ୍ରାଣ । ଅନନ୍ତବାସୁକି ଏହି ଆପେ ନାରାୟଣ ॥
କୁଣ୍ଡଳୀ ରୂପରେ ଜନ୍ମ ହୋଇଅଛି ମୁହିଁ । ସାତସିନ୍ଧୁ ସାତଦ୍ୱୀପ ଶିରେ ଅଛି ବହି ॥
ତେଣୁକରି ନାଗସଗୋଧଙ୍କୁ ତୁ ପୂଜିବୁ । ଅନନ୍ତବାସୁକି ମନ୍ତ୍ରେ ନୈବେଦ୍ୟ କରିବୁ ॥

ମନ୍ତ୍ର ।

ଏବେ ନାନାଦି ଅଷ୍ଟକୁଳା ନାଗ ଏହା କହି ଦୁଧ ମଧୁ ଛେନା ଗୁଡ଼ ପାଚିଲାକଦଳୀ ନୈବେଦ୍ୟ ଦେବ ।

ଗୀତ ।

ଏହିମତେ ପୂଜାବିଧି କରଇ କୈବର୍ତ୍ତି । ଇଷ୍ଟ ନାଗସଗୋଧ ଉଚ୍ଚାରି ପୁରୋହିତ ॥

ଢିଙ୍କି ପୂଜା ।

ମିଷ୍ଟଦ୍ରବ୍ୟ ଘୃତ ଦଧି ପିଠାପଣା କରି । ସଂଯୁକ୍ତ କରଣ ତା ରଖିବ ମୋଟେ ସୁର ॥
କୁଳବଧୂ ଶୁଚିମନ୍ତ ହୋଇଣ ଆସିବେ । ଘୃତଦୀପ ଜାଳିଣ ସେ ଢିଙ୍କି ବନ୍ଦାଇବେ ॥

ଦୁବ ତଣ୍ଡୁଳ ଆଉର ବରକୋଳପତ୍ରେ । ଦୁଲଦୁଲ ଦେଇ ବନ୍ଦାଇବେ ଯେ ସମସ୍ତେ ॥
ଚନ୍ଦନର ଗୁଣ୍ଡି ସଙ୍ଗେ କର୍ପୂର ମିଶାଇ । ଝୁଣା ଗୁଗୁଳ ଆଉର ମିଶାଇବ ତହିଁ ॥
ନବତନ ମାଟିଭାଣ୍ଡେ କୋଇଲା ଅଗ୍ନିରେ । ଏତେ ଦ୍ରବ୍ୟ ଦେବ ନେଇ ଧୂପ ସେଠାବରେ ॥
ଘଣ୍ଟା ମନ୍ଦର୍‌ ଆଦି ସେଠାରେ ବଜାଇବ । ଦୋକାନର ବଖି ଥୋଇ ସେଠାରେ ଥୋଇବ ॥
ବିଶ୍ୱକର୍ମା ପୁରୁଷ ଯେ ନିରାକାର ସେହି । ଅଣାକ୍ଷର ମନ୍ତ୍ରେ ତାଙ୍କୁ ନଇବେଦ୍ୟ ଦେଇ ॥
ତେବେ ସେ ସନ୍ତୋଷ ହେବ ନିରାକାର ବ୍ରହ୍ମ । ସ୍ୱର୍ଗ ମର୍ତ୍ତ୍ୟ ପାତାଳ ସେ ଯାହାର ଅଧୀନ ॥
ତୁଳସୀପତ୍ର ଧରଣ ଜଳ ତୋଳ କର । ବାମହସ୍ତେ ଘଣ୍ଟି ଧ୍ୱନି କରିବ ବିସ୍ତର ॥

## ନୈବେଦ୍ୟ ମନ୍ତ୍ର ।

ଓଁ ଅଣାକାର ମହାଶୂନ୍ୟ ଶୂନ୍ୟ ଧ୍ରୁବମଣ୍ଡଳେ ନୈବେଦ୍ୟ ସ୍ୱାହା । ମୁଖବାସାର୍ଥେ ସ୍ୱାହା । ଓଁ ନିରାକାର ସ୍ୱାହା । ଏହା ପଢ଼ି କରି ନୈବେଦ୍ୟ ଦେବ । ସେ ନିରାକାର ବିଶ୍ୱକର୍ମାଙ୍କୁ ସ୍ତୁତି କରିବ ।

## ସ୍ତୁତିପାଠ ।

ନମୋନମଃ ବିଶ୍ୱକର୍ମା ତୋହର ପୟର । ସୃଷ୍ଟି ଅପ ତେଜ ବାୟୁ ଗଗନ ତୋହର ॥
ଅଣାକାର ବୋଲିକରି ମହାଶୂନ୍ୟ ହେଲ । ଊର୍ମି ଧୂର୍ମି ଜ୍ୟୋତି ଜ୍ୱାଳା ତହୁଁ ପ୍ରକାଶିଲା ॥
ତହୁଁ ବିରାଟମଣ୍ଡଳ ହୋଇଲାଟି ଜାତ । ସ୍ୱୟୁଦେବା ହୋଇଅଛୁ ତ୍ରିଭୁବନନାଥ ॥
ବ୍ରହ୍ମା ବିଷ୍ଣୁ ମହେଶ ଯେ ତ୍ରିଭୁବନେ ହୋଇ । ଧରଣୀ ସର୍ଜନା ତୁ ଯେ କଲୁ ଭବଗ୍ରାହ୍ମି ॥
ଦାସରାଜା ବୋଲିକରି ଅଙ୍ଗୁ କଲୁ ଜାତ । କାଷ୍ଠେ ରୂପ ନିର୍ମିଣିଲୁ ତ୍ରିଭୁବନନାଥ ॥
ଏହି କାଷ୍ଠରେ ଯେ ତୁମ୍ଭେ ବିଜେ କରିଥିବ । ବିପତ୍ତିମାନ ପଡ଼ିଲେ ଖଣ୍ଡନ କରିବ ॥
ମୋହର କୁଟୁମ୍ବେ ପ୍ରଭୁ କରିବ କାରଣ । ତୋତେ ଆଶା କରି ମୁହିଁ ପୋଷିବି ଜୀବନ ॥
ତୋହର ଶରୀରୁ ମୋର ଏ ଦେହ ହୋଇଲା । କ୍ଷୁଧା ତୃଷା ବାୟୁ ଅଗ୍ନି କିଛି ନ ଲାଗିଲା ॥
ପୂର୍ବ ପ୍ରଳୟ କାଳେ ତୁ ଏମନ୍ତ କରିଲୁ । ତେଣୁକରି ମୋହର ଯେ ଇଷ୍ଟ ବୋଲାଇଲୁ
ତୋହର ଚରଣେ ମୁହିଁ ପଶିଲି ଶରଣ । ଅପୁତ୍ରିକେ ପୁତ୍ର ଦାନ କର ନାରାୟଣ ॥
ଗୋଗୋଷ୍ଠକୁ ଦିଅ ମୋର ଲକ୍ଷେ ଧେନୁଗଣ । କୋଳକୁ ମୋହର ଦିଅ ଅପୁତ୍ରିକ ଧନ ॥
ମନ୍ଦିରକୁ ଦିଅ ମୋର ଲକ୍ଷ୍ମୀଠାକୁରାଣୀ । ବିଜେ କରି ମୋର ପୁରେ କରନ୍ତୁ ଭ୍ରମଣି ॥
ତାହାଙ୍କ ପ୍ରସାଦେ ମୁହିଁ ସୁଖୀ ହୋଇଥିବ । ଚଇତ୍ରପୂର୍ଣ୍ଣିମା ଦିନ ତୁମ୍ଭଙ୍କୁ ପୂଜିବି ॥
ନମୋନମଃ ବିଶ୍ୱକର୍ମା ତୋହର ଚରଣ । କଇବର୍ତ୍ତ ଦାସରାଜା ପଶିଲା ଶରଣ ॥

## ଗୀତ ।

ଏରୂପେ ବିଶ୍ୱକର୍ମାଙ୍କୁ ସ୍ତୁତି ଯେ କରିବୁ । ସେ ଦିନକ ସେହି ସଜ ଦିସାଇଣ ଥିବୁ ॥

ଅରନ୍ଧନ ସ୍ନାନ ସାରି ନଇବେଦ୍ୟ ଦେବୁ । ଏ ବିଧିରେ ପୂଜା ପୁଣି ସଜ୍ଜ କରାଇବୁ ॥
ଶୁଣ ହେ ଅର୍ଜ୍ଜୁନ ଦାସରାଜାଙ୍କୁ ଏମାନ । ସକଳ କଥା ବୁଝାଇ କହିଲୁଁ ଏସନ ॥
ଗୃହରେ ହୋମର ନବତନ ପାକ କରି । ପିତୃଙ୍କୁ କରିବୁ ତୋଷମନେ ଭକ୍ତି କରି ॥
ବନ୍ଧୁ କୁଟୁମ୍ବଙ୍କୁ ମିଷ୍ଟ ଅନ୍ନ ଭୁଞ୍ଜାଇବୁ । ବ୍ରହ୍ମା ବିଷ୍ଣୁ ମହେଶ୍ୱର ଦେବଙ୍କୁ ତୋଷିବୁ ॥
ଅତିଥି ଅଭ୍ୟାଗତ ଯେ ନିରାଶ ନୋହିବେ । ଏହି ପରକାରେ ଇଷ୍ଟଦେବ ଯେ ପୂଜିବେ ॥
ଅପୁତ୍ରିକ ହୋଇ ଯେବେ ଏମନ୍ତ କରଇ । ପୁତ୍ର ଅର୍ଥେ ମାନସିକ କରଣ ପୂଜଇ ॥
ବିଶ୍ୱକର୍ମା ତାହାଙ୍କୁ ଦିଅଇ ପୁତ୍ର ଦାନ । ଦାସରାଜା ଭଲେ ଏହା ହେତୁ କରି ଶୁଣ ॥
ଯାହାର ସେ ଇଷ୍ଟ ଜାଣ ବିଶ୍ୱକର୍ମା ପୁଣି । ଅପୁତ୍ରିକେ ପୁତ୍ରଦାନେ ସେହିଟି କାରେଣୀ ॥
ଏ ଗ୍ରନ୍ଥ ଶୁଣିଣ ଯେହୁ ଇଷ୍ଟ ନ ମାନିବ । ଏ ବିଧି ପ୍ରମାଣେ ଯେବେ ପୂଜା ନ କରିବ ॥
ମନେ ଗର୍ବ ଧରି ଇଷ୍ଟ ନ ମାନିବ ଯେବେ । ଦେଖାର ମେଉଆ ସେହୁ ହୋଇବଟି ତେବେ
ଏହା ଶୁଣି କରି ଯେହୁ ଇଷ୍ଟ ନ ମାନଇ । ଶତେ ଜନ୍ମ ଯାଏ ତାଙ୍କୁ ଯମ ଦଣ୍ଡ ଥାଇ ॥
କାହିଁ ତାଙ୍କୁ ଠାବ ନାହିଁ ଦାସରାଜା ଶୁଣ । ଦୁଃଖୀହୁଁ ଦୁଃଖୀ ହୋଇ ସେ ନରକେ ପତନ
ଲକ୍ଷେ ଅରଜିଲେ ତା ପକ୍ଷଙ୍କୁ ନ ଅଣ୍ଟଇ । ହନେକ ଖାଇଲେ ଆର ହନକୁ ନ ଥାଇ ॥
ଏହିମତ ମହାଦୁଃଖେ ଦିନ ସେ କାଟଇ । ଦରିଦ୍ରପଣ ଯେ ତାଙ୍କୁ ଗୋଡ଼ାଇଣ ଥାଇ ॥
ଯେଉଁଣେ ଯିବ ତେଣେ ତାଙ୍କୁ କାହିଁ ନାହିଁ ସୁଖ । ଅନ୍ତକାଳେ ପ୍ରାପତ ହୁଅଇ ପୁଣି ନର୍କ ॥
ଏକଜନ୍ମେ ପାପ କରେ ଶତେ ଜନ୍ମ ଥାଇ । ଧର୍ମ ବୁଡ଼ାଇଲେ ଅଛବଙ୍କୁ ଯୋଗ୍ୟ ହୋଇ ॥
ଇହ ପର ଦୁଇ ଲୋକେ ଗଣିତା ସେ ନୋହି । ଯେଉଁମାନେ ନ ଜାଣନ୍ତି ଇଷ୍ଟ ଗୋତ୍ର
ଥାଇ ॥
କୁଳଗୋତ୍ର ଛାଡ଼ି ଯେବେ ଅମଡ଼ା ମାଡ଼ିଲା । ଇହ ପର ବେନି ଲୋକେ ପତିତ ହୋଇଲା ॥
ଅଗୋତ୍ରିଆ ବୋଲି ତାଙ୍କୁ ନ ଛୁଁଅନ୍ତି କେହି । ପତିତର ପତିତଟି ଅଟଇ ଯେ ସେହି ॥
ଆପଣାର ଇଷ୍ଟ ଗୋତ୍ର ଯେହୁ ନ ପୂଜଇ । ଶୃଗାଳ ବୋଲିଣ ତାଙ୍କୁ ଶାସ୍ତ୍ରେ ଅଛି କହି ॥
ଇଷ୍ଟ କୁଳଗୋତ୍ର ପୂଜା ଧର୍ମ ଆଚରିବ । ସକଳ ଜୀବରେ ସେ ଯେ ଦୟା ରଖିଥିବ ॥
ଅତିଥି ଅଭ୍ୟାଗତଙ୍କୁ ନିରାଶ ନ କରି । ଶକ୍ତି ଅନୁକ୍ରମେ କିଛି ଦେବ ଦାନ କରି ॥
କଲ୍ମଷ ନ ରଖି ମନେ ସୁଚିତ୍ତରେ ଦେବ । ପୂର୍ଣ୍ଣଚନ୍ଦ୍ର ପ୍ରାୟେ ଧର୍ମ ଉଦେ ହୋଇଥିବ ॥
ପିଣ୍ଡ ଯେତେବେଳେ ଛାଡ଼ି ଯିବାକୁ ହୁଅଇ । ସେହି ଧର୍ମ ତେତେବେଳେ ଆସି ଛିଡ଼ା ହୋଇ
ଯମଦୂତମାନେ ତେଣୁ ଛାଡ଼ିଣ ପଳାନ୍ତି । ବିଷ୍ଣୁଦୂତେ ପୁଷ୍ପକ ବିମାନେ ତାଙ୍କୁ ନିଅନ୍ତି ॥
ଜୀବନ୍ତରେ ଧର୍ମ ସଖା ମରନ୍ତେହେଁ ସଖା । ବିଷ୍ଣୁଗଣ ମଧ୍ୟେ ପୁଣି ହୁଅଇ ସେ ଲେଖା ॥
ଧର୍ମ ଅର୍ଥ କାମ ମୋକ୍ଷ ଚତୁର୍ବର୍ଗ ପାଇ । ଯମଦଣ୍ଡ ଆଉ ତାଙ୍କୁ କେବେ ନ ଲାଗଇ ॥
ଶୁଣ ହେ ଅର୍ଜ୍ଜୁନ ଦାସରାଜାଙ୍କୁ ଏସନ । ସକଳ ବୁଝାଇ ଯତ୍ନେ କହିଲୁଁ ଏମାନ ॥

ଶୁଣିକରି ଦାସରାଜା କଲା ବହୁ ସ୍ତୁତି । ଘେନିଲୁଁ ତାହାର ଅମ୍ଭେ ବିନୟ ଭକତି ॥
ନିଶାକାଳେ ତାହାକୁ ଯେ ପ୍ରସନ୍ନ ହୋଇଲୁଁ । ଏହି ଗର୍ଭେ ପୁତ୍ର ତୁ ପାଇବୁ ଆଜ୍ଞା ଦେଲୁଁ ॥
ତୋର ଗର୍ଭେ ତୋର ପୁତ୍ର ହୋଇବେ ତୋହର । ହାରି ମାଳା ବୋଲି ନାମ ଦେବୁ ଯେ ତାଙ୍କର ॥
ବର ଦେଇ ବୈକୁଣ୍ଠକୁ କଲୁଁ ଯେ ଗମନ । ଏ ବିଧିରେ ଦାସରାଜା ପୂଜିଲାକ ପୁଣ ॥
ତୋର ବରଷରେ ତୋର ପୁତ୍ର ଜାତ କଲା । ହାରି ମାଳା ବୋଲିକରି ତାଙ୍କ ନାମ ଦେଲା ॥
ତେଣୁକରି ଅପୁତ୍ରିକ କଷ୍ଟୁଁ ତରିଗଲା । ଶୁଣ ହେ ଅର୍ଜୁନ ତୁମ୍ଭେ କୁନ୍ତୀଙ୍କର ବଳା ॥
ସେହି ବିଶ୍ୱକର୍ମୀ ପାଦେ ପଶିଲା ଶରଣ । ଭଣଇ ଅଚ୍ୟୁତ ଦାସ ରଖ ନାରାୟଣ ।୮୬।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ଦାସରାଜା ଇଷ୍ଟଦେବପୂଜାକଥନେ ଶ୍ରୀହରିଅର୍ଜୁନ-
ସମ୍ବାଦେ ନାମ ଅଷ୍ଟାଦଶୋଽଧ୍ୟାୟଃ ।

## ଊନବିଂଶ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ପ୍ରଭୁ କହିଲ ତ ଭଲ । କଥାର ପରମ ସନ୍ଧି ଗୁପତେ ରଖିଲ ॥
ଇଷ୍ଟପୂଜା ବିଧି ଦାସରାଜାକୁ କହିଲ । ସଦବୃତ୍ତି କରିବାକୁ ତାକୁ ଆଜ୍ଞା ଦେଲ ॥
କେମନ୍ତ ପ୍ରକାରେ ସେ ଯେ ସ୍ୱବୃତ୍ତିକ କଲା । ଅଗୋଚର ବୃତ୍ତି ତାକୁ କିଏ ଶିଖାଇଲା ॥
ତୁମ୍ଭ ମୁଖୁଁ ଶୁଣି ମୋ ସଂଶୟ ଦୂର ହେଉ । ଶ୍ରୀମୁଖ ବଚନ ଯୁଗେ ଯୁଗେ ରହିଥାଉ ॥

ଶ୍ରୀ ଭଗବାନ ଉବାଚ ।

ଶ୍ରୀହରି ବୋଇଲେ ପାର୍ଥ ପୁଚ୍ଛା କଲୁ ଯାହା । ସାବଧାନ ହୋଇ ଶୁଣ କହଇ ମୁଁ ତାହା ॥
ପୂର୍ବେ ସତ୍ୟଯୁଗେ ରୁଦ୍ର ବ୍ରହ୍ମା ଅଟେ ମୁହିଁ । ବିଶ୍ୱକର୍ମା ରୂପେ ମୁହିଁ ସୃଜନ କରଇଁ ॥
ବ୍ରହ୍ମାର ସର୍ଜନା ମୁହିଁ ପୃଥିବୀରେ କଲି । ବିଶ୍ୱକର୍ମା ହୋଇ କାଷ୍ଠେ ଡିଙ୍ଗି ନିର୍ମିଲି ॥
ମୁଣ୍ଡା ପାହାର ଅବର ଭଉଣ୍ଡି ଖୋଳିଣ । ପଟ୍ଟି ଲଗାଇଣ ଖମ୍ବ ପକାଇଲି ପୁଣ ॥
ଯଜ୍ଞଶାଳା ବୋଲି ଚୁଲ୍ଲୀ ପାରିଲଇଁ ମୁହିଁ । ଶୁଷ୍କ କାଷ୍ଠ ଭରି ତହିଁ ଅଗ୍ନି ଯେ ଲଗାଇ ॥
ସିଝାଇଲି ଧାନ ଆଣି ପାଖରେ ରଖିଲି । ପାର୍ବତୀଙ୍କ ନେଇ ଭାରମୁଣ୍ଡେ ବସାଇଲି ॥
ନଡ଼ିକାଳ ପେଡ଼ି ହସ୍ତେ ଧରିଣ ପାର୍ବତୀ । ଭାଣ୍ଡେ ଧାନ ଭରିଣ ସେ ଖରଡ଼ୁ ଅଛନ୍ତି ॥
ଈଶ୍ୱର ତାହା ଦେଖିଣ ହସି ଯେ ଉଠିଲେ । କାହୁଁ କେତେ ଜୀବିକା ତୁ ଆଣିଲୁ ବୋଇଲେ
ଖରଡ଼ା ଧାନ ଭାରି ଯେ ହୋଇଲା ତୟାର । ପାର୍ବତୀ ସେ ଧାନ ଦେଲେ ଭଉଣ୍ଡିରେ ଭରି ॥
ଈଶ୍ୱର ଯେ ଡିଙ୍ଗି ଢୋଳ ପକାନ୍ତି ପାହାର । ପାର୍ବତୀ ଯେ ଶୁଖାଇ ଦିଅନ୍ତି ଭରି ଭରି ॥
ଏହିମତ ଚୂଡ଼ାଭାର ତୟାର ହୋଇଲା । ସେହି ଜଳପାନ ନେଇ ବଜାରେ ବିକିଲା ॥

ସିଝାଇଲା ଧାନ ପୁଣି ନେଇ ଖରଡ଼ଇ । ତାହାକୁ ଖରଡ଼ି ପୁଣି ଢିଙ୍କିରେ ଭରଇ ॥
ତାହାର ତଣ୍ଡୁଳ ପୁଣି ହୁଡୁମ୍ବ କରଇ । ଲିଆ ମୁଢ଼ି ଉଖୁଡ଼ା ସମସ୍ତ କଲି ତହିଁ ॥
ପୁର ଯେ କାକରା ଲଡୁ ଶାକର ବଣିକେ । ସବୁ ମୁହିଁ ଶିଖାଇଣ ଦେଲି ଦାସଗଣେ ॥
ଶାକର ଯେ ଲଡୁ କରି ତହିଁରେ ମିଶାଇ । ସେହି ଚୂଡ଼ାଭୁଜା ମୋତେ ନୈବେଦ୍ୟ ଦଅଇ
ଆନନ୍ଦ ମନରେ ମୁହିଁ କଲି ତାହା ଭୋଗ । ତେଣୁ ଚୂଡ଼ାଭୁଜା ପୁଣି ଦେବଅଳ ଯୋଗ୍ୟ ॥
ଏହିମତ ଚୂଡ଼ାଭୁଜା ସଂସାରେ ଚଳିଲା । ସପ୍ତଦ୍ଵୀପା ପୃଥିବୀରେ ବିଖ୍ୟାତ ହୋଇଲା ॥
ଅର୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ଭଲ କଥା ଗୋଟିଏ ଯେ ଶୁଣିଲଇଁ ମୁହିଁ ॥
ତୁମ୍ଭେ ଯେ ବୋଇଲ ଦାସ ସଦବ୍ରତ କଲା । ଜଳପାନ ନେଇଣ ସେ ବଜାରେ ବିକିଲା ॥
ଚୂଡ଼ାଭୁଜା ଉଖୁଡ଼ା ଯେ ବୁଝିଲି ସମସ୍ତ । ଜଳପାନ ବୋଲି ନାମ ହୋଇଲା କେମନ୍ତ ॥
ଏ କଥା ପ୍ରବୋଧି ମୋତେ କହିବା ବୁଝାଇ । ତୁମ୍ଭର ଶ୍ରୀମୁଖୁଁ ଶୁଣି ପ୍ରତେ ଯିବ ମୁହିଁ ।୪୫।
ଶ୍ରୀହରି ବୋଇଲେ ପାର୍ଥ ସାବଧାନେ ଶୁଣ । ଜଳପାନର ବିଧାନ କହିବ ଯେ ପୁଣ ॥
ବ୍ରହ୍ମମୟ ସୃଷ୍ଟି ବୋଲି ଜାଣୁ ତୁ ଅର୍ଜୁନ । ଧରଣୀ ମଧ୍ୟରେ ଯେତେ ଉପୁଜଇ ଧାନ ॥
ବ୍ରହ୍ମା ବିଷ୍ଣୁ ମହେଶ୍ଵର କୃଷିକାରୀ ଜାଣ । ତିନିଙ୍କର ତିନି ଭାଗ ଅଟଇ ସେ ଧାନ ॥
ପୂର୍ବେ ଯୁଗ ପ୍ରଳୟରେ ବ୍ରହ୍ମପ୍ରଳେ ହେଲା । ଧରଣୀ ବୁଡ଼ିଣ ଜଳ ଆକାଶେ ଲାଗିଲା ॥
ସେହି ପ୍ରଳୟରେ ଯେ ବ୍ରହ୍ମାଣ୍ଡ ନାଶ ଗଲା । ଜୀବଜନ୍ତୁ ଆଦି କରି କିଛି ନ ରହିଲା ।୫୦।
ଅପୂଜକ ହୋଇ ତେଣୁ ରହିଲେ ଶଙ୍କର । କ୍ଷୁଧାଭରେ ତାଙ୍କର ଯେ ପୋଡ଼ଇ ଉଦର ॥
ବ୍ୟାକୁଳ ହୋଇଣ ସେ ଲକ୍ଷ୍ମୀଙ୍କି ଧ୍ୟାନ କଲେ । ତତକ୍ଷଣେ ଲକ୍ଷ୍ମୀ ଆସି ପାଶରେ ମିଳିଲେ ॥
ଲକ୍ଷ୍ମୀଙ୍କର ମୁଖ ଚାହିଁ ବୋଲନ୍ତି ଶଙ୍କର । କ୍ଷୁଧାରେ ବ୍ୟାକୁଳ ପ୍ରାଣ ନ ରହେ ଶରୀର ॥
ଲକ୍ଷ୍ମୀ ଯେ ବୋଇଲେ ଶୁଣ ପାର୍ବତୀଙ୍କ ପତି । ଯେତେ ଧାନ ଅମଳ ହେଉଛି ଏ ଧରତୀ ॥
ଯେ ଯାହାର ଭାଗମାନ ସର୍ବେ ବାଣ୍ଟି ନେଲେ । ତୁମ୍ଭର ଯେ ଭାଗ ଥିଲା ତାକୁ ଭାଗ କଲେ ॥
ସେ ଜଳ ତଣ୍ଡୁଳ ଆଉ ଯେତେ ରହିଥିଲା । ପ୍ରଳୟ ଜଳରେ ସେହୁ ନାଶ ହୋଇଗଲା ॥
ଆଉ ତ ଭଣ୍ଡାରେ ନାହିଁ ତୁମ୍ଭ ଭୋଗ ପାଇଁ । ତୁମ୍ଭ କ୍ଷୁଧା ଶାନ୍ତି ପାଇଁ କି ଦ୍ରବ୍ୟ ଦେବଇଁ ॥
ଲକ୍ଷ୍ମୀ ମୁଖ ଚାହିଁଣ ଯେ ଶଙ୍କର କାନ୍ଦିଲେ । ଏ ପିଣ୍ଡକୁ ଦାହ କର ବୋଲି ଆଜ୍ଞା ଦେଲେ ॥
ଲକ୍ଷ୍ମୀ ଠାକୁରାଣୀ ଦେଖି ବିକଳ ହୋଇଣ । ପାଟପଣନ୍ତକୁ ସେ ଯେ ଦେଲେ ହଲାଇଣ ॥
ଗୋଟିଏକ ଧାନ ପୁଣି ପଣନ୍ତୁ ପଡ଼ଇ । ସେ ଧାନକୁ ଲକ୍ଷ୍ମୀ ବେଗେ ହସ୍ତରେ ଧରଇ ॥
ମାଟିଭାଣ୍ଡେ ଜଳ ଦେଇ ଅଗ୍ନିରେ ରଖିଲେ । ସିଝାଇଣ ପୁଣି ତାକୁ ଭାଣ୍ଡେ ଖରଡ଼ିଲେ ॥
ଖରଡିଣ ତାକୁ ଢିଙ୍କି ଉଗ୍ରଣ୍ଡିରେ ଭରି । ଚୂଡ଼ା ଗୋଟିଏକ କଲେ ଅତି ଯତ୍ନ କରି ॥
ସେ ଚୂଡ଼ାକୁ ଘେନି ଲକ୍ଷ୍ମୀ ଜଳପାତ୍ରେ ଧୋଇ । ସେହି ଜଳ ଈଶ୍ଵରଙ୍କ ମୁଖେ ଦେଲେ ନେଇ
ଏହି ଜଳପାନ କର ଲକ୍ଷ୍ମୀ ଆଜ୍ଞା କଲେ । ଚୂଡ଼ାଗୋଟି ସେ ଜଳରେ ମିଳାଇଣ ଦେଲେ ॥

ସେହି ଚୂଡ଼ାପାଣିଙ୍କ ଯେ ଶଙ୍କର ଭକ୍ଷିଲେ । କ୍ଷୁଧା ଶାନ୍ତ ହେଉ ଲକ୍ଷ୍ମୀ ଅସ୍ଵୀକାର କଲେ ॥
ଲକ୍ଷ୍ମୀଙ୍କ ହସ୍ତରେ କ୍ଷୁଧା ଶାନ୍ତ ଯେ ହୋଇଲା । ଜଳପାନ ବୋଲି ତହୁଁ ନାମ ବୋଲାଇଲା ॥
ଜଳପାନ ନାମ ହେଲା ସଂସାରେ ବିଖ୍ୟାତ । ମନ ସ୍ଥିର କରି ତୁ ହେ ଶୁଣ ବୀର ପାର୍ଥ ॥
ଜଳପାନ କଥା ଏହୁ ହୋଇଲା ସମ୍ପୂର୍ଣ୍ଣ । ଭଣଇ ଅଚ୍ୟୁତାନନ୍ଦ ରଖ ଭଗବାନ ।୪୮।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ଶ୍ରୀହରିଅର୍ଜ୍ଜୁନସମ୍ବାଦେ ନାମ ଊନବିଂଶୋଽଧ୍ୟାୟଃ ।

---

## ବିଂଶ ଅଧ୍ୟାୟ ।

### ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ପ୍ରଭୋ ଶୁଣିମା ଗୋସାଇଁ । ସକଳ ଜୀବଙ୍କ ଦେଲ ଦାସରାଜେ କହି ॥
ଚୂଡ଼ା ଯେ ଉଖୁଡ଼ା ଲଡୁ ଶାକର ସହିତ । ଦାସରାଜା ବଣିଜ ତ କଲା ଏ ସମସ୍ତ ॥
କାଠଘୋଡ଼ା କାହିଁପାଇଁ ପୂଜନ୍ତି ଗୋସାଇଁ । ଏଥିରେ ମରମ ପ୍ରଭୁ କହ ମୋତେ ଫେଇ
ଆନନ୍ଦ ହୋଇଣ ତନୁ ହୁଏ ପୁଲକିତ । ଶୁଣିବାକୁ ମନ ହୁଏ ଏହୁ ଗୂଢ଼ତତ୍ତ୍ଵ ॥
ଭଗବାନ ଶୁଣି ତହୁଁ ବୋଲନ୍ତି ଅର୍ଜ୍ଜୁନ । ଚଇତ୍ରପୂର୍ଣ୍ଣିମା ଦିନ ଘୋଡ଼ାର ବିଧାନ ।୫।
ବ୍ରହ୍ମାଣ୍ଡ ପ୍ରଳୟ ତୋତେ କହିଅଛୁ ସର୍ବ । ଯେଉଁ ବଟପତ୍ରେ ମୁହିଁ କରିଥିଲି ଠାବ ॥
ଆଜ୍ଞା ଦ୍ୟନ୍ତେ ବଟପତ୍ର ତୁରଙ୍ଗ ହୋଇଲା । ସେହି ଅଶ୍ଵ ଗୋଟି ଦାସରାଜା ଘେନିଗଲା ॥
ସିଂହଳଦ୍ଵୀପରେ ନେଇ ବାହନ କରଇ । ଏହିମତି କେତେକ ବରଷ ବହିଯାଇ ॥
ଲକ୍ଷେ ସମ୍ଵତ୍ସର ତାକୁ ବାହନ ସେ କଲା । ଅଷ୍ଟମୀ ଗୁରୁବାରରେ ତା ପ୍ରାଣ ଛାଡ଼ିଲା ॥
ସେ ଘୋଡ଼ା ତାହାର ଦିନ ଯୁଝିବାକୁ ନାହିଁ । ତାହାର ମହିମା ଶୁଣ ଯୁଧିଷ୍ଠିର ଭାଇ ।୧୦।
ଲକ୍ଷ୍ମୀଙ୍କ ବାଇରେ ଅଶ୍ଵ ପରାଣ ଛାଡ଼ିଲା । ଲକ୍ଷ୍ମୀର ସ୍ଵରୂପ ଏକ ନାରୀ ସେ ହୋଇଲା ॥
ଦାସରାଜା ଛାମୁରେ ସେ ରୋଦନ କରଇ । ମୋହ ନାମ ଆଜଠାରୁ ଲୋପ ଯେ ହୁଅଇ ॥
ବାଘେଲୀ ବୋଲଇ କଏ ତାଙ୍କର ଗୋସାଇଁ । ଆହାରେ ବିଧାତା ଜନ୍ମ ଦେଲୁ କିସ ପାଇଁ ॥
ଦାସରାଜା ଛାମୁରେ ଯେ ବାଘେଲୀ ଲୋଟଇ । ତୁମ୍ଭ ପାଦପଦ୍ମ ଛାଡ଼ି କାହିଁ ଯିବି ମୁହିଁ ॥
ତୁମ୍ଭର ସନ୍ତାନ ସଙ୍ଗେ ମୁହିଁ ବିହରିବି । ଖେଳା କଉତୁକ କରି ଦିନ ବଞ୍ଚୁଥିବି ॥
ଏମନ୍ତ କହି ବାଘେଲୀ ରଜାର ଛାମୁରେ । ମହାଶୋକ କରି ସେ ଯେ ଲୋଟଇ ଭୂମିରେ ॥
ବାଘେଲୀକି ଦେଖି ରଜା ତରସ୍ତ ହୋଇଲା । ଦେବୀର ସ୍ଵରୂପ ଦେଖି ମନେ ଭୟ କଲା ॥
ବୁଦ୍ଧି ନ ସ୍ଫୁରଇ କିଛୁ ହୋଇଲା ମଉନ । ଅନ୍ତର୍ଗତେ ମୋର ପାଦେ ଲଗାଇଲା ଧ୍ୟାନ ॥
ତେତେବେଳେ ମୁହିଁ ପୁଣି ପ୍ରସନ୍ନ ହୋଇଲି । ବାଘେଲୀ ବିଧି ବିଧାନ ରଜାକୁ କହିଲି ॥

ଏହାକୁ ପୂଜିବୁ ଜନ୍ମେ ଜନ୍ମେ ଅବତର । ଏହାର ଯେ ନାମ ଅଟେ ଅଶ୍ୱିନୀ ବାଶେଲୀ
ମନ ସନ୍ତୋଷେ ଏହାକୁ ବଳଭୋଜା ଦେବୁ । ଅନ୍ତକାଳେ ବଇକୁଣ୍ଠ ଭୁବନ ପାଇବୁ ॥
ଦାସରାଜା ବୋଲେ ପ୍ରଭୁ ନ ଜାଣେ ବିଧାନ । କେମନ୍ତେ ପୂଜିବ ମୁହିଁ କହ ନାରାୟଣ ॥
ଦାସରାଜା ମୁଖ ଶୁଣି ବୋଲନ୍ତି ଶ୍ରୀହରି । ଦ୍ୱାଦଶଖଣ୍ଡ କରିବୁ ବାଉଁଶକୁ ଚିରି ॥
ଅଶ୍ୱର ସଦୃଶ ଭୁଜ ପଞ୍ଜରା କରିବୁ । କାଷ୍ଠର ପିଢୁଲା ମୁଣ୍ଡ ତହିଁ ଲଗାଇବୁ ॥
ଦନ୍ତ ନାସା ଚକ୍ଷୁ କର୍ଣ୍ଣ ହୋଇଥିବ ପୁଣ । କାଇମାଟି ରଙ୍ଗ ଦେଇ ବିଚିତ୍ର କରଣ ।୨୫।
ଉପରେ ତା ଚଉପାଶେ ପାଟଶାଢ଼ୀ ଦେଇ । ଅତି ଯତ୍ନ କରି ଅଶ୍ୱ ମଣ୍ଡନ କରାଇ ॥
ପୂର୍ଣ୍ଣିମୀର ଦିନୁ ଯେ ଅଷ୍ଟମୀ ଦିନ ଯାଏ । ଏହାକୁ ପୂଜିବୁ ଦାସରାଜା ଏହି ଦେହେ ॥
ଅଶ୍ୱର ଯେ ମୁଣ୍ଡ ନେଲା ଦାସରାଜା ପୁଣ । ଆଉ ଯେ ରହିଲା ସର୍ବ ତାହା କଥା ଶୁଣ ॥
ଦାସରାଜାଠାରୁ ପୁଣି ଶାକରାଜା ନେଲା । ଏହି ପୂର୍ଣ୍ଣିମାରେ ଇଷ୍ଟ ପୂଜିବ ବୋଇଲା ॥
ମୋହର ଯେ ବାଞ୍ଛା ଅଛି ବାଶେଲୀ ପୂଜିବ । ଅପୁତ୍ରିକ ହୋଇଛୁ ମୁଁ ସୁପୁତ୍ର ପାଇବ ।୩୦।
ଏହିରୂପେ ଚନ୍ଦୁଥାଏ ଏବେ ସେହୁ ନେଲା । ଲାଞ୍ଜକୁ ନେଇଣ ଅଶ୍ୱ ପଛରେ ସାଜିଲା ॥
ଚନ୍ଦୁପୂଜା ପୁଚ୍ଛପୂଜା ଇଷ୍ଟ ଯେ ତାହାର । ବାଶେଲୀ କୃପାରେ ସେହୁ ପାଇଲା କୁମର ॥
ସେ କୁମର ଶାକର ବେଉସା ଯହୁଁ କଲା । ଗୁଡିଆ ସାହୁ ବୋଲିଣ ନାମ ଭଣାଇଲା ॥
ଦାସରାଜା ବଂଶରୁ ସେ ଉତ୍ପତ୍ତି ହୋଇଲା । ଚନ୍ଦୁ ପିଣ୍ଡି ପୂଜା ତାର ବଂଶରେ ରହିଲା ॥
ମଞ୍ଚି ଶିରୀ ଶବଖଣ୍ଡ ତେଲିକାର ନେଲା । ଗଣ୍ଡିମୂଳେ ସ୍ଥାପିଣ ସେ ଗଣ୍ଡିପୂଜା କଲା ॥
ଅଶ୍ୱିନୀ ବାଶେଲୀ ତହିଁ ସନ୍ତୋଷ ହୁଅଇ । ସାବଧାନ ହୋଇ ଶୁଣ ଯୁଧିଷ୍ଠିର ଭାଇ ॥
ଅସ୍ଥିରେ ଯେ ଯେଉଁ ଚର୍ମ ଶିର ଲାଗିଥିଲା । ଶୂଦ୍ର ଯେ ତାହାକୁ ନେଇ ଯୂରକୋଠି କଲା
କ୍ଷୁର ନହୁରୁଣୀ ନେଇ ତହିଁରେ ରଖଇ । କାଳକା ପୂଜାକୁ ଇଷ୍ଟ କରିଣ ପୂଜଇ ॥
ମଞ୍ଚି ଶିରା ଖୋଲ ଡ଼ମ୍ବରୁ ଯେ ତାର ଥାଇ । ସେ ଡ଼ମ୍ବରୁ ଈଶ୍ୱର ଯେ ରଖିଲେକ ନେଇ
ମର୍କଟର ଛାଲ ପୁଣି ତହିଁରେ ଛାଇଲେ । ଡିବଡିବ ଡ଼ମ୍ବରୁ ଶଙ୍କର ବଜାଇଲେ ।୪୦।
ସେ ଡ଼ମ୍ବରୁ ଶବ୍ଦ ଯେତେ ଦୂରକୁ ଶୁଭଇ । ଭୂତ ପ୍ରେତ ପିଶାଚ ଯେ ଛାଡିଣ ପଳାଇ ॥
ସେ ଡ଼ମ୍ବରୁ ବାଜାଗର ଇଷ୍ଟ ଯେ କରନ୍ତି । ଘଟପୂଜାରେ ସ୍ଥାପିଣ ତାକୁ ସେ ପୂଜନ୍ତି ॥
ଛନଶ ବାସ୍ତିର ପୁଣି ତହିଁ ଥିଲା ନାଡ । ପାର୍ବତୀ ନେଇଣ ତାକୁ ମୃଦଙ୍ଗ ଯେ ଭିଡ଼ ॥
ମୃଦଙ୍ଗ ଭିଡ଼ିଣ ସେ ଗାନ୍ଧାର୍ବ ଯାହା କରି । ଦେବଥାଳେ ମୃଦଙ୍ଗକୁ ନେଇ ପୂଜା କରି ॥
ଆଉ ଯେଉଁ ଅସ୍ଥି ଚର୍ମ ତାହାର ରହିଲା । ଧରଣୀ ମଧ୍ୟରେ ସେହୁ ସମାଧ ହୋଇଲା ॥
ଶୁଣ ହେ ଅର୍ଜୁନ ଅଶ୍ୱଯାତ୍ରାର ଭିଆଣ । ଯେମନ୍ତ ପ୍ରକାରେ ଦାସରାଜା କଲା ପୁଣ ॥
ବାଶେଲୀ ସ୍ଥାପନ କରି ମୁହିଁ ବଢାଇଲି । ଦାସରାଜାକୁ ବସାଇ ଶିଖାଇଣ ଦେଲି ॥
ଅଶ୍ୱିନୀ ବାଶେଲୀ ନେଇ ତାହାକୁ ସ୍ଥାପିଲି । ପଞ୍ଜରରେ ମୁଣ୍ଡ ନେଇ ତହିଁ ସଜାଇଲି ॥

ଚକ୍ଷୁରେ କଜ୍ଜ୍ୱଳ ତାର କପାଳେ ଚନ୍ଦନ । ତା ପରେ ସିନ୍ଦୂର ବିନ୍ଦୁ ସ୍ଥାପିବ ଯେ ପୁଣ ॥
ଅଶ୍ୱର କଣ୍ଠରେ ଜବାପୁଷ୍ପହାର ଦେବ । ଧୂପ ଦୀପ ନଇବେଦ୍ୟ ସେଠାରେ କରିବ ॥

ପଞ୍ଚରିରେ ମୁଣ୍ଡ ଚଢ଼ାଇବା ମନ୍ତ୍ର ।

ଅର୍ଦ୍ଧସ୍ୟ ଗୌଶ୍ୱି ସର୍ବସ୍ୟ କରି ଏ କାଷ୍ଠ ଅଶ୍ୱ ଶିରେ ବିଜମ୍ବ କର ଗୋ ତ୍ରିପୁର ସୁନ୍ଦରି ।
ନମଃ ନମସ୍ତେ ନମସ୍ତେ ଏହା ପଢି ମୁଣ୍ଡ ଚଢ଼ାଇବ ।

ଏବେ ଜୀବନ୍ୟାସ ମନ୍ତ୍ର ।

ଓଁ ଦନ୍ତ୍ୟଂ କଟକଟ ଆକ୍ଷି ମିଟ ମିଟ । ଷଟ୍ଚକ୍ର ମଧ୍ୟରେ ବିଶ୍ୱିଟମଣ୍ଡଳ ହରି ଥାଅ ସ୍ଥିତ । ଏହାକୁ ତିନଥର ପଢ଼ି ଘୋଡ଼ାର କର୍ଣ୍ଣରେ ଶୁଣାଇଲେ ଘୋଡ଼ା ଜୀବନ୍ୟାସ ମନ୍ତ୍ର ପାଏ । ତହୁଁ ଉତ୍ତରେ ନୈବେଦ୍ୟ ଦେବ । ଘୃତ ଦୀପ ଧରି ସାତ ପାଞ୍ଚ ଅଦ୍ୟ ସ୍ତ୍ରୀ ହୁଳହୁଳି ଦେଇ ଅରୁଆଚାଉଳ ଦୁବ ବରକୋଳପତ୍ର ଧରି ଘୋଡ଼ାକୁ ବନ୍ଦାଇବେ ।

ଘୋଡ଼ା ଶୀତଳ ମନ୍ତ୍ର ।

ଓଁ ଶ୍ରୀ ନମୋ ତ୍ରିପୁରସୁନ୍ଦରି । ଅଷ୍ଟଭୁଜୀ ଜଗତ ତାରିଣୀ । ଆଦ୍ୟମାତା ପରମ-ବୈଷ୍ଣବୀ ବାଶେଲୀ ନୈବେଦ୍ୟ ସ୍ୱାହା ।

ଅଶ୍ୱକୁ ସ୍ତୁତି କରିବାର ।

ନମୋ ନମଃ ବାଶେଳ ଗୋ ତୋହର ଚରଣ । ଅଭୟବରଦାୟିନି କର ପରିତ୍ରାଣ ॥
ନମୋ ନମସ୍ତେ ବାଶେଲୀ ପାଦପଦ୍ମ ଦୁଇ । ତୋହର କୃପାରେ ମୁହିଁ ଯାହା ଯେ କରଇ ॥
ନମସ୍ତେ ବାଶେଲୀ କଳ୍ପବଟର ଦୁହିତା । କାରୁଣ୍ୟଜଳରେ ତୁହି ହୋଇଥାଉ ସ୍ଥିତା ॥
ସିନ୍ଧୁର ମଧ୍ୟରେ ମହାମାୟୀ ରହିଥାଉ । ନିରାକାର କୋଳ କରି ତୁହି ନିଦ୍ରା ଯାଉ ॥
ତହିଁରେ ଅଶ୍ୱ ପାଲଟି ସିଂହଳଦ୍ୱୀପରେ । ଅଶ୍ୱରୂପେ ସ୍ଥିତ ହେଲୁ ଦାସରାଜା ଘରେ ॥
କାଷ୍ଠରେ ନିର୍ମାଣି ଦେବୀ ସ୍ଥାପନା ହୋଇଲୁ । ସିଂହଳଦ୍ୱୀପରେ ଯେ ବାଶେଲୀ ବୋଲାଇଲୁ ॥
ରମ୍ୟକଦ୍ୱୀପରେ ହୋଇ ରହିଲୁ ଅମ୍ବିକା । କର୍ଣ୍ଣାଟ ଦେଶେ ରହିଲୁ ବୋଲାଇ ଚଣ୍ଡିକା ॥
କାଉଁରଦେଶେ ରହିଲୁ କାମାକ୍ଷୀ ବୋଲାଇ । ହେଙ୍ଗୁଳଦେଶେ ରହିଲୁ ନାମ ହେଙ୍ଗୁଳାଇ
ତୈଲଙ୍ଗଦେଶେ ରହିଲୁ ନାମ ନାରାୟଣୀ । ଗୃତକାଠାରେ ରହିଲୁ ଗୃତକାଇ ଭଣି ॥
ବାରାଣସୀ ନଗରେ ତୁ ବନଦେବୀ ହେଉ । ଜମ୍ବୁଦ୍ୱୀପେ ଦୁର୍ଗା ନାମ ତୁହିଟି ବୋଲାଉ ॥
ଏହିମତ ଅନେକତ ରୂପେ ଯେ ରହିଲୁ । କାଷ୍ଠରେ ନିର୍ମାଣ ହୋଇ ପୂଜା ତୁ ପାଇଲୁ ॥
ମୋର ଇଷ୍ଟ ବୋଲି ତୋତେ ମୁହିଁ ଯେ ପୂଜଇ । ତୋର ରୂପ ଦେଖି ମୁହିଁ ବନ୍ଦନ କରଇ ॥
ପ୍ରଥମର ସ୍ତୁତି ଗୋଟି ହୋଇଲା ସମ୍ପୂର୍ଣ୍ଣ । ଭଣଇ ଅଚ୍ୟୁତ ଦାସ ଭଜ ନାରାୟଣ ।୬୩।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ଦାସରାଜାସୁତକରଣେ ହରଅର୍ଜ୍ଜୁନସମ୍ବାଦେ
ନାମ ବିଂଶୋଽଧ୍ୟାୟଃ ।

## ଏକବିଂଶ ଅଧ୍ୟାୟ ।

ନମସ୍ତେ ବାଶେଳ ମାଗୋ ତୋର ରୂପରାଶି । ଅୟୁଁଲା କୁଙ୍କୁମେ ତନୁ ସୁରଞ୍ଜିତ ଦିଶି ॥
ଇଙ୍ଗପାଟ ଧଡି ମାଗୋ କଳାମେଘୀ ଶାଢ଼ୀ । ତମାଳ ତନୁରେ ମାଗୋ ଯାଇଅଛି ଜଡ଼ି ॥
ପୟରେ ଅଳତା ମାଗୋ ଅତି ଶୋଭାବନ । ଝୁଣ୍ଟିଆ ଅଙ୍ଗୁଳମାନଙ୍କରେ ବନ୍ଧପନ ॥
ଅଗର ସ୍ୱରୂପ ହୋଇ ଏମନ୍ତ ହୋଇଲୁ । ଦାସରାଜାର ସମ୍ମୁଖେ ସ୍ୱେଦନ ତୁ କଲୁ ॥
ଯହୁଁ ତୋର ନାରୀରୂପ ରାଜନ ଦେଖିଲା । କାଷ୍ଠରେ ନିର୍ମାଣ କରି ସ୍ଥାପନ ଯେ କଲା ॥
ମୋହର କୁଳରେ ତୁ ଯେ ଅଟୁ ପାଟରାଣୀ । ଜନ୍ମେ ଜନ୍ମେ ଅବତରି ପୂଜୁଥିବ ପୁଣି ॥
ଆଜ ତୋର ଜନ୍ମଦିନ ସୁଫଳ ହୋଇବ । ମୋହର କୁଳରେ ମାଗୋ ତୋହର ଉତ୍ସବ
ତେଣୁକରି ସ୍ତୁତି ମାଗୋ କରୁଅଛି ମୁହିଁ । ତୋତେ ପୂଜୁଅଛି ମାଗୋ ନରଦେହ ବହି ॥
ମୋହର କୁଟୁମ୍ବ ମାଗୋ ତୋହରେ ଶରଣ । ପଣନ୍ତେ ଉଦ୍ଧାରି ମାଗୋ କରିବୁ ରକ୍ଷଣ ॥
ବେନି କର ଯୋଡ଼ି ମାଗୋ କରୁଛି ଜଣାଣ । ନମସ୍ତେ ବାଶେଳ ମାଗୋ ପଶିଲି ଶରଣ ॥
ନାଗି ଯେ ଅନାଗି ମାଗୋ ମନେ ନ ଧରିବୁ । ମୁଁ ତୋର ସନ୍ତାନ ବୋଲି ରକ୍ଷା କରିଥିବୁ ॥
ଏତେ ବୋଲି ଦାସରାଜା ବାଶେଳୀ ଚରଣ । ବେନି କର ଯୋଡ଼ିଣ ସେ ପଶିଲା ଶରଣ ॥

ଘୋଡ଼ା ବନ୍ଦାଣ ।

ନମସ୍ତେ ବାଶେଳ ମାଗୋ ତୋହର ପୟର । ରୂପକାନ୍ତି ନାହିଁ କିଛି କି ବର୍ଣ୍ଣିବି ଆର ॥
ତୋତେ ମୁହିଁ ଯେବେ ସ୍ୱଚ୍ଛେ ବନ୍ଦନା କରିବ । କେମନ୍ତ ପ୍ରକାରେ ମୁଁ ଯେ ଯାହା ଭଆଇବ
ନମସ୍ତେ ବାଶେଳ ମାଗୋ ରକ୍ଷା କରିଥିବୁ । ଜଳ ସ୍ଥଳ ଅନଳେ ମା ଉଦ୍ଧରି ଧରିବୁ ॥
ନମସ୍ତେ ବାଶେଳ ମାଗୋ ତୋହର ପୟର । ରୂପ କାନ୍ତି ନାହିଁ କିଛି କହିଲ ବାକ୍ୟର ॥
ବିପକ୍ଷମାନ ପଡ଼ିଲେ ଖଣ୍ଡନ କରିବୁ । ଦୋଷ ଅପରାଧ ମାଗୋ ମନେ ନ ଧରିବୁ ॥
ସନ୍ତାନ କୁଟୁମ୍ବ ଘେନି ପଶିଲି ଶରଣ । ପାଦପଦ୍ମରଜ ଦେଇ କର ତୁ ରକ୍ଷଣ ॥
ଆସ ଆସ ଠାକୁରାଣି ବସ ମୋ କନ୍ଧର । ତୋତେ ଘେନି ବୁଲିଯିବ ରାଜା ପ୍ରଜା ଦ୍ୱାର
ତୋହର ପ୍ରସାଦେ ଶାଢ଼ୀ ବଳା ମୁଁ ପାଇବ । ଢ଼ମାଳ କରଣ ଗୀତ ଗାଇ ମୁଁ ବୁଲିବ ॥
ସମସ୍ତ ଦେବତାମାନେ କରିବେ ତୋ ମେଳା । ପଚେସନ୍ଧି ହୁଅ ମୋତେ କରିବ ମୁଁ ଖେଳା ॥
ଆସ ଆସ ବସ ମାଗୋ କନ୍ଧରେ ମୋହର । ଏତେ ବୋଲି ଦାସରାଜା ବହିଲା କନ୍ଧର ॥
ଅଣ ଘେନି ଦାସରାଜା ନଗରକୁ ଯାଇ । ଘୋଡ଼ାର ସମ୍ବାଦ ସବୁ ଦେଲୁଁ ଯେ ଶିଖାଇ

ଶୁଣ ହେ ଅର୍ଜୁନ ଏବେ ନାବପୂଜା କହୁ । ଯେମନ୍ତ ପ୍ରକାରେ ବିଧି ତାହାର ହୁଅଇ ॥
ଅଚ୍ୟୁତାନନ୍ଦ ଏହା ଯେ ଗୀତରେ ଗାଇଲା । ରାଧା କୃଷ୍ଣ ପଦ୍ମପାଦେ ଶରଣ ପଶିଲା । ୬୫ ।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ଦାସରାଜା-
ଚରତେ ଅଶ୍ୱପୂଜାବିଧିକଥନେ ଶ୍ରୀହରିଅର୍ଜୁନସମ୍ବାଦେ
ନାମ ଏକବିଂଶୋଽଧ୍ୟାୟଃ ।

## ଦ୍ୱାବିଂଶ ଅଧ୍ୟାୟ ।

### ବୋଇତ ପୂଜା ।

ଶ୍ରୀ ଭଗବାନ ଉବାଚ ।

ବୋଇତ ବୋଲିଣ ଯେଉଁ ସ୍ଥାପନଟି ହେଲା । ଜାହାଜ ଜାଲିଆ ତା ସଲୁକ ବୋଲାଇଲା ॥
ଏକବାକ୍ୟେ ଏକମନେ ପୂଜ ସର୍ବଜନେ । ଏଥି କିଛି ଦୋଷ ନାହିଁ କହିଲି ବିଧାନେ ॥
ଜବାପୁଷ୍ପ ହାର ନେଇ ଆଗ ମଙ୍ଗେ ଦେଇ । ସିନ୍ଦୂରରେ ମଣ୍ଡି ମଙ୍ଗ ଶୁଦ୍ଧଚିତ୍ତ ହୋଇ ॥
ବୋଇତର ଗୃହ ପାଖେ ପୁଷ୍ପ ତୋଣାମାଲ । ସ୍ଥାପା ଦେବ ତହିଁ ବାନ୍ଧି ଅରୁଆ ତଣ୍ଡୁଲ ॥
ଆଲମ୍ବ ବଲମ୍ବ ଛନ୍ଦି ତାର ଉପରେଣ । ରଙ୍ଗ ଶୃଙ୍ଖୁଆ ତହିଁ ଉପରେ ଟାଣି ପୁଣ ॥
ବୋଇତର ପାଶରେ ଯେ ବାଦ୍ୟକୁ ବଜାଇ । ଶଙ୍ଖଧ୍ୱନି କରିଣ ଯେ ଉତ୍ସବ କରାଇ ॥
ମଧ୍ୟରେ ଯେ ସିଂହାସନ କରିବ ସ୍ଥାପନ । ଉପରେ ଶୃଙ୍ଖୁଆ ଟାଣ ବିଚର୍ଣ୍ଣ କରିଣ ॥
ଗନ୍ଧ ପୁଷ୍ପ ଧୂପ ଦୀପ ସେଠାବରେ ଦେବ । ରାଧାକୃଷ୍ଣଙ୍କର ମୂର୍ତ୍ତି ସେଠାରେ ସ୍ଥାପିବ ॥
ଛେନା ଗୁଡ଼ ଦୁଧ ଦହି ନଡ଼ିଆ ପୁଣ । ପାଚିଲାକଦଳୀ ମଧୁ ସୁପାତ୍ରେ ଭରିଣ ॥
ଜଳ ତୁଳସୀର ପତ୍ର ଚନ୍ଦ୍ର ଯେ ଧରିବ । ଷଡ଼ରସ ପଞ୍ଚାମୃତେ ନୈବେଦ୍ୟ କରିବ ॥
ଏହି ବିଧାନରେ ମଙ୍ଗ ଜାଲକୁ ପୂଜିବ । କରପତ୍ର ଯୋଡ଼ିଣ ଯେ ସ୍ତୁତି ଆଚରିବ ॥
ନମୋ ନମସ୍ତେ ବାସୁକି ସ୍ମରଇ ତୋତେ । ପ୍ରସନ୍ନ ହୋଇଣ ରକ୍ଷା କରିଥିବୁ ମୋତେ ॥
ମୁହିଁ ତ ମୂଢ଼ ପାମର ମନୁଷ୍ୟ ମାତର । କସ ନିବେଦନ କରିବ ଯେ ତୋହଠାର ॥
ଦୟା କର ମୋର ଅଙ୍ଗ ରକ୍ଷା କରିଥିବୁ । କାଲବିକାଲମାନ ଯେ ଘଉଡ଼ାଇ ଦେବୁ ॥
ଏଥୁଅନ୍ତେ ଦଶାକ୍ଷର ମନ୍ତ୍ର ଯେ ପଢ଼ିବୁ । ଏମନ୍ତ ଶୁଣାଇ ମଙ୍ଗେ ଜୀବନ୍ୟାସ ଦେବୁ ॥

ଦଶାକ୍ଷର ଜୀବନ୍ୟାସ ମନ୍ତ୍ର ।

ଓଁ କ୍ଲୀଂ ଓଁ ହ୍ରୀଂ ଓଁ ଶ୍ଲୀଂ ଏହାକୁ ପଢ଼ି ସୁନ୍ଦର ପାଖେ ଶୁଣାଇ ଚନ୍ଦନ କଜ୍ଜ୍ୱଳ ଦେବ ତାହା ପରେ ନୈବେଦ୍ୟ ଦେବ ।

ବୋଇତ ନେଇଣ ରାଜା ବାଣିଜ୍ୟକୁ ଗଲା । ଭକତି କରିଣ ପୁଣି ତାହାକୁ ପୁଚ୍ଛିଲା ॥
କାହୁଁ ତୁ ଅଇଲୁ ନାଗ କାହାର ଦୁହିତା । ମୋହର ଆଗରେ ତୁହି କହ ଏ ବାରତା ॥

ତୁମ୍ଭର ଅଂଶ ବାଶେଳୀ ଅଟେ ପରା ମୁହିଁ । ଆଜ ଗୁରୁବାରେ ମୁହିଁ ପିଣ୍ଡ ଛାଡ଼ିବଇଁ ॥
ଏମନ୍ତ ବଚନ ଯହୁଁ ରାଜାଙ୍କୁ କହିଲା । ତାହା ଶୁଣିକରି ରାଜା ଧାବରା ହୋଇଲା ॥
ତତ୍‌ଦଗ ଗୃହିଁଣ ସେ ବୁଦ୍ଧି ନ ଫୁରଇ । ଦେବୀର ସ୍ୱରୂପ ଦେଖି ଭୟ ସେ କରଇ ॥
ତେତେବେଳେ ମହାପ୍ରଭୁ ପ୍ରସନ୍ନ ହୋଇଲେ । ଘୋଡାର ବଧାନ ଦାସରାଜାଙ୍କୁ କହିଲେ ॥
ତୋହର ବାଶେଳୀ ନାରୀ ରୂପକୁ ଧଇଲା । ଅଙ୍ଗିନା ବାଶେଳୀ ବୋଲି ନାମ ଭଣାଇଲା ॥
ତୋହର ସଙ୍ଗତେ ଏହୁ ପୂଜା ଯେ ପାଇବ । ଚୈତ୍ରପୂର୍ଣ୍ଣିମାର ଦିନେ ଜନମ ହୋଇବ ॥
ଏହାର ଯେ ଦିନ ବାର ଧରି ଦାସରାଜା । ଏହି ବାଣିଜ୍ୟରେ କରୁଥାଇ ପାଦପୂଜା ॥
ଶୁଣିଲୁ କି ଅର୍ଜୁନ ହୋ ନାବପୂଜା ବିଧି । ସନ୍ତୋଷ ହୋଇଣ ଦାସରାଜା କଲି ସିଦ୍ଧି ॥
କ୍ଷୀର ସମୁଦ୍ରରେ ନାବ ପୂଜା ଯେ ପାଇଲା । ଅଚ୍ୟୁତାନନ୍ଦ ଏହାକୁ ଗ୍ରନ୍ଥରେ ଲେଖିଲା ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ ଦାସରାଜା-
ନାବପୂଜାକଥନଂ ଶ୍ରୀହରିଅର୍ଜୁନସମ୍ବାଦେ
ନାମ ଦ୍ୱାବିଂଶୋଽଧ୍ୟାୟଃ ।

---

## ତ୍ରୟୋବିଂଶ ଅଧ୍ୟାୟ ।

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ପ୍ରଭୁ ପାଇଲି କାରଣ । ଏବେ କହ ଅଶ୍ୱଯାତ୍ରା ଯେପରି ଭିଆଣ ॥
କେମନ୍ତ ପ୍ରକାରେ ନଗ୍ରେ ଯାତ୍ରା ଭିଆଇଲା । ଯେତେବେଳେ ଦାସରାଜା ଅଶ୍ୱ ଘେନି ଗଲା ॥

ଶ୍ରୀ ଭଗବାନ ଉବାଚ ।

ଶ୍ରୀହରି ବୋଇଲେ ପାର୍ଥ ସାବଧାନେ ଶୁଣ । ଚଇତ୍ରପୂର୍ଣ୍ଣିମା ଅଶ୍ୱଯାତ୍ରାର ଭିଆଣ ॥
ମନ୍ଦିରରେ ଅଶ୍ୱ ପୂଜି କନ୍ଧରେ ବହିଲା । ତତ୍‌ପାଶରେ ଛତି ଚାମର ଉଡ଼ାଇଲା ॥
ପିଣ୍ଡା ଘଣ୍ଟା ବେଣ ପାଞ୍ଚେ ବଜାଇ ରଂଜନ । ପାଟଛତ୍ର ଗୃହଆଡ଼େ ଉଡ଼ାଇ ଯେ ପୁଣ ॥
ଏହିରୂପେ ଅଶ୍ୱ ଯେ ପଶିଲା ଗ୍ରାମପୁରେ । ଢ଼ମାଳି କରଣ ଗୀତ ଗାଇଲା ବାଧିରେ ॥

ଅର୍ଜୁନ ଉବାଚ ।

ଅର୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ଭଲ କଥା ଗୋଟିଏ ଶୁଣିଲି ଏବେ ମୁହିଁ ॥
ଈଶ୍ୱର କେମନ୍ତେ ସେ ଯେ ଡ଼ମ୍ବରୁ ପାଇଲେ । ଭଡ଼ିକ ମନୁଷ୍ୟ ସେହୁ ମୃଙ୍ଗେ ବଜାଇଲେ ॥
ଢୋଲ ବାଦ୍ୟ ପୁଣି ଯେଉଁମାନେ ବଜାଇଲେ । ହାଡ଼ି ବୋଲି ତାହାଙ୍କୁ ଯେ ସଂସାରେ କହିଲେ ॥
ହାଡି ବୋଲିକରି ଜାତି କାହିଁ ହେଲା ଜାତ । ମାଳୀ କାହିଁ ଜାତ ହେଲା କହ ଯଦୁନାଥ ॥
ଏଥିର ସଂଶୟ ମୋର ଫେଡିବା ଗୋସାଇଁ । ହାଡି ଘେନି ଯାତ୍ରା ସେହୁ କଲା କସ ପାଇଁ ॥

ଶ୍ରୀହରି ବୋଇଲେ ଭୁ ହୋ ଶୁଣ ବୀର ପାଥ । ତ୍ରିବୀଜରୁ ମୁହିଁ ପୁଣ ହୋଇଲି ସମ୍ଭୂତ ॥
ବ୍ରହ୍ମା ବିଷ୍ଣୁ ମହେଶ୍ୱର ମୁହିଁଟି ଅଟଇ । ମାଳର ସ୍ୱରୂପ ଯେନ ମାଳା ଯେ ଗୁନ୍ଥଇ ॥
ହାଡ ବୋଲକର ଯାହା ପୁଛିଲୁ ଅର୍ଜୁନ । ମୋହର ବ୍ୟଡ଼କେ ଯେହ୍ନ ନୁହଇଟି ଭିନ୍ନ ॥
ଈଶ୍ୱର ଯେ ହାଡ ହୋଇ ଢୋଲ ବଜାଇଲେ । ଡବ ଡବ ଡମ୍ବରୁ ଯେ ପୁଣି ନାଦ କଲେ ॥
ମର୍କଟର ଖଲରୁ ଡମ୍ବରୁ ହୋଇଥାଏ । ତାହାର ଶବ୍ଦରେ ଭୂତ ପ୍ରେତ ଯେ ପଳାଏ ॥
ଘୋଡ଼ାର ଗୁପତ କଲ ଦାସରାଜାକୁଇଁ । ବଇରାଗୀ ପୁଛି ମୁଁ ତହିଁରେ ହୋଇଲଇଁ ॥
ମୁହିଁ ଯେ ହୋଇଲଇଁ ଚଢ଼େଯ୍ୟା ଚଢ଼େଯ୍ୟାଣୀ । ନଳ ଯେ କନ୍ଧରେ ଧରି ପତର ଖଉଣି ॥
ଦେବତା ଯାହାରେ ଯେବେ ଅଛନ୍ତିକୁ କୁଇଁ । ହାଡକ କୁଇଁଲେ ପୁଣି କିଛି ଦୋଷ ନାହିଁ ॥
ଦେବତାଯାହାରେ ବିଷ୍ଣୁ ବିହାର କରଇ । ତେଣୁକରି ସେ ଦୋଷ କାହାକୁ ନ ଲାଗଇ
ଏହି ପ୍ରେମ ବିନୁ ଆଉ ଅଧିକେ ନ ଯିବ । ଏଥିରୁ ଅଧିକ ହେଲେ ପାପ ଯେ ଘୋଟିବ
ଶୁଣି ହେ ଅର୍ଜୁନ ଅଶ୍ୱଯାହା ଯେ ଲଟିଲି । ଅଶ୍ୱ ଯେନ ଦାସରାଜା ଯାହା ଭିଥଇଲି ॥
ସାବଧାନ ହୋଇ ଶୁଣ ଯୁଧିଷ୍ଠିର ଭାଇ । ଅଶ୍ୱମାତାର ତରତ କହିଲି ବୁଝାଇ ।୨୪।

ପ୍ରଶ୍ନ ।

ଶୁଣ ଶୁଣ ଗୁରୁତରେ ପଚାରଇ ତୋତେ । କଏ ଦେଲା ଘୋଡ଼ା ତୋତେ ପାଇଲୁ କେମନ୍ତେ ॥
କେମନ୍ତ ପ୍ରକାରେ ଘୋଡ଼ା ହୋଇଲାକ ଜାତ । ଆଦ୍ୟ ପ୍ରାନ୍ତ କରି ତୁହି ବୁଝାଇବୁ ତତ୍ତ୍ୱ ॥
ଛଡ଼ି ତରାସ ନଶାଣ ତହିଁ ଉଡ଼ାଉଛୁ । ଆଲମ୍ବ ବାଲମ୍ବ ବେନି ପାର୍ଶ୍ୱେ ଧରାଇଛୁ ॥
ଏ ଅପୂର୍ବ ଘୋଡ଼ା ତୋତେ କଏ ଦେଲା କହ । ଆଦ୍ୟ ପ୍ରାନ୍ତ କହିଣ ଯେ ଭୁରତେ ବୁଝାଅ ॥
ସଦଗୁରୁ କୋଟିରାଣ ଦେଉଅଛୁଁ ତୋତେ । ଈଶ୍ୱର ପାର୍ବତୀଙ୍କର କୋଟିରାଣ ତୋତେ ॥
ଆବର ତୋ ମାତା ପିତାଙ୍କର କୋଟିରାଣ । ଏବେ ମୁହିଁ ପକାଇଲି ବ୍ରହ୍ମରାଣ ପୁଣ ॥
ଘୋଡ଼ାର ଯେ ଆଦ ଜନ୍ମ ନ ପାରିଲେ କହି । ଘୋଡ଼ା ଛାଡି ଅଲଗା ହୁଅ ଗୁରୁତ ଭାଇ ॥
ଘୋଡ଼ାର ବୃତ୍ତାନ୍ତ ଯେବେ କହି ନ ପାରିବୁ । କୋଟି ନମସ୍କାର କରି ଶରଣ ପଶିବୁ ॥
ମୋହର ବୋଲ କରି ତୁ ଗନ୍ଧକୁ ଉଚ୍ଚାର । ଅଶ୍ୱିନୀ ବାଘେଲୀ ମାଙ୍କୁ କୋଟି ନମସ୍କାର ॥
ଏବେ କହ ସେ ଗୁପତ ବାଘେଲୀ ଚରଣ । କୈବର୍ତ୍ତ ଦାସରାଜା ଯେ ପଶିଲା ଶରଣ ॥

ଉତ୍ତର ।

ନ ପକାଅ ନ ପକାଅ ଭାଇ ଗୁରୁରାଣ । ନ ପକା ଭାଇ ଈଶ୍ୱର ପାର୍ବତୀଙ୍କ ରାଣ ॥
ଶୁଣ ଶୁଣ ଭାଇ ରେ ତୁ ବଡ଼ଇ ସିଂହାଣ । ମୋତେ ପଚାରିଲୁ ତୁହି ଘୋଡ଼ା ଆଦଜନ୍ମ
ମନ ସ୍ଥିର କରି ଶୁଣ କହଇ ବୃତ୍ତାନ୍ତ । ଯେମନ୍ତ ପ୍ରକାରେ ଘୋଡ଼ା ହୋଇଲାକ ଜାତ

ନମସ୍ତେ ବାଗେଶ୍ୱରୀ ମାଗୋ ସ୍ମରଇଁ ତୋତେ । ସରସ୍ୱତୀଙ୍କ ଭଣ୍ଡାର ରହୁ କଣ୍ଠଗତେ ॥
ନମୋନମଃ ସରସ୍ୱତି ତୋହର ପୟର । ମୋହର କଣ୍ଠରେ ମାଗୋ ବେଗେ ବଜେ କର ॥
ଏବେ ଜଗତଙ୍କୁ ମୁଁ ଯେ ବୁଝାଇବ ସବୁ । ଯେଣିକି ଗୃହିଁଲେ ପଦ ଦେଖାଇଣ ଦେବୁ ॥
ନମସ୍ତେ ବାଗେଶ୍ୱରୀ ମାଗୋ ତୋ ପଦ୍ମଚରଣ । ତୋର ଆଦ୍ୟଜନ୍ମ କଥା କରୁଛି ବଖାଣ ॥
ଶୁଣ ଶୁଣ ଭାଇ ଆହେ ଶୁଣ ସର୍ବଜନ । କହୁଅଛୁ ଘୋଡ଼ା ଆଦ୍ୟଜନ୍ମର ବଧାନ ॥
ପୂର୍ବେ କଳପମନୁରେ ବ୍ରହ୍ମାକଳ୍ପେ ଶୋଇ । ଗୃହସସ୍ର ଯୁଗ ଶୁଣି ତହିଁ ଗଲା ବହି ॥
ନାରାୟଣଙ୍କ ଆଜ୍ଞାରେ ପ୍ରଳୟ ହୋଇଲା । ହସ୍ତୀଶୁଣ୍ଢ ପ୍ରମାଣେ ଯେ ଜଳ ବରଷିଲା ।୧୦।
ଧରଣୀ ବୁଡ଼ିଣ ଜଳ ଆକାଶେ ଲାଗିଲା । ଛ ନକୋଟି ଯେ ଜୀବଜନ୍ତୁ ନାଶ ଗଲା ॥
ଚନ୍ଦ୍ର ସୂର୍ଯ୍ୟ ଆପ ତେଜ ବାୟୁ ଯେ ଗଗନ । ବଇକୁଣ୍ଠମଣ୍ଡଳେ ଯାଇ ହୋଇଲେକ ଲୀନ ॥
ସେ ବଇକୁଣ୍ଠମଣ୍ଡଳରେ ମହାକଳ୍ପବଟ । ତହିଁଠାରୁ ଧ୍ୟାନ ଦେଲେ ଫିଟଇ ସଙ୍କଟ ॥
ସମସ୍ତେ ପ୍ରଳୟେ ଗଲେ ବଟ ଏକା ଥାଇ । ମହାପ୍ରଳୟେ ହୋଇଲେ ବଟ ନ ବୁଡ଼ଇ ॥
ନିରାକାର ପୁରୁଷ ସେ ବଟରେ ରହିଲା । ଏହିମତ କେତେ ସମ୍ବତ୍ସର ତହିଁ ଗଲା ॥
ସେ ବଟର ଶୃଙ୍ଗ ଏକ ଜଳରେ ପଡ଼ିଲା । ନିରାକାର ପୁରୁଷ ତହିଁରେ ନାବ କଲା ॥
ନାବକେଳି କରନ୍ତି ଯେ ସେ ବଟପୁଟର । ଏହିମତ ବହିଗଲା କେତେ ସମ୍ବତ୍ସର ॥
ଲହରୀଘାତେ ସେ ବଟପୁଟ ଯେ କମ୍ପଇ । ନିରାକାର ପୁରୁଷ ଆସନ କରଥାଇ ॥
ବଟପୁଟେ ଥାଇ କର୍ଣ୍ଣମୂଳ ଆଉଁସିଲେ । ମଳ ଏକ ଛକୁ ଟିଲା ଜଳେ ପକାଇଲେ ॥
ତତକ୍ଷଣେ ସେ ମଳରୁ ପୁରୁଷେ ଜନ୍ମିଲା । ପହଁର ପହଁର ବଟପୁଟକୁ ଧଇଲା ।୨୦।
ସେ ପୁରୁଷେ ମହାପ୍ରଭୁ କୋଳରେ ବସାଇ । କଇବର୍ତ୍ତ ଦାସ ବୋଲି ନାମ ଦେଲେ ତହିଁ
ସେ ବଟକୁ ମହାପ୍ରଭୁ ଧ୍ୟାନେ କଲେ ସୁଭ । ପତ୍ର ଗୋଟିଏକ ଖସି ପଡ଼ିଲା ତଡ଼ିତ ॥
ସେ ପତ୍ରକୁ ମହାପ୍ରଭୁ କର କଣ୍ଡିଆର । ଦାସରାଜେ ବସାଇଲେ ତାହାର ଉପର ॥
ଦଇବର କୃତ୍ୟ ଦେଖ ଏମନ୍ତ ଭିଆଣ । ଦାସକୁ ରାଘବ ଆସି ଗିଳିଲା ବହନ ॥
ବଟପୁଟେ ଯୋଗନିଦ୍ରା ପ୍ରଭୁ ଯାଇଥିଲେ । ରାଘବ ଗିଳିଲା ବୋଲି ଯୋଗରେ ଜାଣିଲେ
ତତକ୍ଷଣେ ମୀନରୂପ ଧରିଣ ମୁରାରି । ରାଘବକୁ ଧରିଣ ତାହାର ଗାଲ ଚିରି ॥
ତୁଣ୍ଡଠାରୁ ନାଭିଯାଏ ଚିରିଲେ ତାହାର । କୈବର୍ତ୍ତ ଦାସରାଜାକୁ କରିଲେ ବାହାର ॥
ଦାସରାଜାକୁ ଯେ ପ୍ରଭୁ ବୁଝାଇ କହିଲେ । ଏ ମୀନ ମାରି କୁଟୁମ୍ବ ପାଳିବୁ ବୋଇଲେ ॥
ମୀନ ଯେ ଗିଳିଲା ତୋତେ ହେଲା ତୋ ବଇରୀ । ଏହାକୁ ମାରିବୁ ଜନ୍ମେ ଜନ୍ମେ ଅବତରି ॥
ମୀନହତ୍ୟା ଦୋଷ ତୋତେ କିଛି ନ ଲାଗିବ । ଶ୍ରୀମୁଖ ବଚନ ମୋର ଯୁଗେ ଯୁଗେ ଥିବ ॥
ଏହିମତ କେତେ ସମ୍ବତ୍ସର ତହିଁ ଗଲା । ଯୁଗପ୍ରଳୟର ଅସି ଶେଷ ଯେ ହୋଇଲା ॥

ବ୍ରହ୍ମନିଶି ପାହୁଣ ଦିବସ ପ୍ରକାଶିଲା । ବ୍ରହ୍ମଲୋକେ ନିଦ୍ରା ତେଜି ଜାଗ୍ରତ ଦେଖିଲା
ମହାପ୍ରଳେ ଜଳ ବ୍ରହ୍ମଲୋକେ ସମ୍ଭାଇଲା । ସୃଷ୍ଟିରେ ରଚନା ପୁଣି ଆରମ୍ଭ ହୋଇଲା ॥
ଏମନ୍ତେ କାରୁଣ୍ୟ ଜଳ ଲୀନ ଯେ ହୋଇଲା । ଦରିଆ ଭିତରେ ଶେଷ ଜଳ ସେ ରହିଲା ॥
ବଟପୃଷ୍ଠେ ବସି ପ୍ରଭୁ ଆଜ୍ଞା ଯେ କହିଲେ । ଆଜ୍ଞାପରମାଣେ ବଟ ତୁରଙ୍ଗ ହୋଇଲେ ॥
ପଞ୍ଚାଶଯୋଜନ ଯାଏ ତେଣା ସେ ବିସ୍ତାରେ । ଦାସରାଜାଙ୍କୁ ଘେନିଣ ଅଶ୍ୱର ପୃଷ୍ଠରେ ॥
ଅଶ୍ୱ ଗୃଳଦେଲେ ଯେ ଯେ ମନ ସନ୍ତୋଷରେ । ବିକ୍ରମି ଅଛଳା ଅଶ୍ୱ ଦରିଆ କନାରେ ॥
ଚଇତ୍ରମାସ ପୂର୍ଣ୍ଣିମୀ ହୋଇଛି ସେ ଦିନ । ବାଶେଲୀ ବୋଲି ତା ନାମ ଦେଲେ ତତକ୍ଷଣ ॥
ଚୈତ୍ରପୂର୍ଣ୍ଣିମା ଗୁରୁବାର ଅଟେ ସେ ଦିନ । ବଟପୁତ୍ର ବାଶେଲୀ ଯେ ହୋଇଲା ଜନମ ॥
ତେତ୍ରୂକର ଜନ୍ମଦିନ ସେ ଦିନ ଅଟଇ । ସେ ଅଶ୍ୱ ଦାସରାଜାଙ୍କୁ ପ୍ରଭୁ ଦେଲେ ନେଇ
ଅଶ୍ୱ ଘେନି ଦାସ ଯେ ସିଂହଳଦ୍ୱୀପ ଗଲା । କେତେ ସମ୍ବତ୍ସର ତହିଁ ବାହନ ଯେ କଲା ॥
ସେହି ଘୋଡ଼ା ଘେନି ମୁହିଁ କରୁଛି ଭ୍ରମଣ । ମୋହର ଏ ଘୋଡ଼ା ଲକ୍ଷ୍ମୀ ଅଟଇ ପ୍ରମାଣ ॥
ସଦଗୁରୁ ଋଣ ଗୋଟି ଦେଇଥିଲୁ ମୋତେ । ମାତା ପିତା କୋଟି ଋଣ ଦେଲୁ ତୁ ନିସୃତେ
ଘୋଡ଼ା ଆଦିଜନ୍ମ କଥା କହିଲି ମୁଁ ତୋତେ । ଆଉ କିଛି ମନ ଥିଲେ ପଚାରିବୁ ମୋତେ ॥
ମୋହ ବୋଲି କରଣ ତୁ ଶବଦ ଉଚ୍ଚାର । ସଦଗୁରୁ ସେବିଥିଲେ ଆବର ପଚାର ।୪୬।
ଏତେ ବୋଲିଣ ରାଉତ ବାଶେଲୀ ଚରଣ । କୈବର୍ତ୍ତ ଦାସରାଜା ଯେ ପଶିଲା ଶରଣ ॥

ଶ୍ରୀ ଭଗବାନ ଉବାଚ ।

ଶୁଣିଲୁ କି ଅର୍ଜ୍ଜୁନ ହୋ ଦାସରାଜା ବିଧି । ଏମନ୍ତେଣ ଅଶ୍ୱ ଶବ୍ଦ ହୋଇଲାକ ସିଦ୍ଧି ॥
ତତା ଉତ୍ତର ଏ ଦୁଇ ସମ୍ବାଦ ବଢିଲା । ଅଚ୍ୟୁତାନନ୍ଦ ଯେ ଏହା ଗୀତରେ ଗାଇଲା ॥

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ଦାସରାଜାଚରିତେ ଅଶ୍ୱଯାତ୍ରାକଥନେ ଶ୍ରୀହରିଅର୍ଜ୍ଜୁନ-
ସମ୍ବାଦେ ନାମ ତ୍ରୟୋବିଂଶୋଽଧ୍ୟାୟଃ ।

---

## ଚତୁର୍ବିଂଶ ଅଧ୍ୟାୟ ।

ପ୍ରଶ୍ନ ।

ଶୁଣ ଶୁଣ ରାଉତ ହେ ପଚାରଇଁ ତୋତେ । ଘୋଡ଼ାର ଯେ ଆଦିଜନ୍ମ କହିଦେଲୁ ମୋତେ
ମହାପ୍ରଭୁ ଆଜ୍ଞାରେ ଯେ ବଟ ଅଶ୍ୱ ହେଲା । ଦେହ ଧରି ପ୍ରଭୁଙ୍କୁ ସେ ପୃଷ୍ଠରେ ବହିଲା ॥
ତାହାଙ୍କୁ ଦାସରାଜା ସିଂହଳଦ୍ୱୀପେ ନେଲା । କେତେ ସମ୍ବତ୍ସର ତାକୁ ବାହନ ସେ କଲା ॥
ଏହି କଥାମାନ ସବୁ ବୁଝି ମୁଁ ପାରିଲି । କାଠର ଘୋଡାକୁ ଦେଖି ଅଚମ୍ଭିତ ହେଲି ॥

ଗୃହ ଚରଣେ ଯେ ଅଶ୍ୱ ପୃଥ୍ୱୀ ଝପୁ ଥିଲା । ସେ ଘୋଡ଼ା କେମନ୍ତେ ହୋଇ କାଷ୍ଠ ପାଲଟିଲା
ତାହାର ଯେ ଜୀବଆତ୍ମା କାହିଁରେ ରହିଲା । ଏ କାଷ୍ଠଘୋଡ଼ାରେ ପୁଣି ପୂଜା କେ ପାଇଲା ॥
ଏଥିର ଆଦଅନ୍ତ ଯେ କହିଦେବୁ ମୋତେ । ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ଶୁଣିବେ ସମସ୍ତେ ॥
ମୋହ ବୋଲ କରଣ ଭୁ ଶବଦ ଉଚ୍ଚାର । ଅଶ୍ୱିନୀ ବାଶେଲୀଙ୍କୁ ମୋ କୋଟି ନମସ୍କାର ॥
ଏତେକ କହିଣ ସେହୁ ବାଶେଲୀ ଚରଣ । କଇବର୍ତ୍ତ ଦାସରାଜା ପଶିଲା ଶରଣ । ୯ ।

ଉତ୍ତର ।

ଶୁଣ ଶୁଣ ଭାଇ ଆରେ ଶୁଣ ଭୁ ସିଂହାଶ । ତୁହି ମୋତେ ପଚାରିଲୁ କାଷ୍ଠର ଘଥଣ ॥
ଯେମନ୍ତ ପ୍ରକାରେ ଅଶ୍ୱ କାଷ୍ଠ ପାଲଟିଲା । ଏ ଅଶ୍ୱଙ୍କୁ ଦାସରାଜା ବାହନ ଯେ କଲା ॥
ନଗଡାର ଆଜ୍ଞାରେ ଯେ ଅଶ୍ୱଗୋଟି ଏହି । ଏହାର ମହିମା ନରେ ନ ଜାଣନ୍ତି କେହି ॥
ଚଇତ୍ରପୂର୍ଣ୍ଣିମା ଦିନ ହୋଇଥିଲା ଜନ୍ମ । ଦଇବର କୃତ୍ୟ ଦେଖ ଏମନ୍ତ ଭଥଣ ॥
କେତେ ସମୟରେ ଅଶ୍ୱ ଭୋଗ ଯେ ସରିଲା । ସେ ଦିନରେ ଆସି ପୁଣି ନଦାନ ହୋଇଲା ॥
ପୂର୍ଣ୍ଣିମା ଗଲେ ଅଷ୍ଟମୀ ଗୁରୁବାର ଦିନ । ସେ ଦିନ ଯେ ଅଶ୍ୱ ପିଣ୍ଡୁ ଛାଡିଲା ପରାଣ ॥
ବିଷ୍ଟୁଜ୍ୱର ବୋଲି ଏକ ଜ୍ୱର ଯେ ଘୋଟିଲା । ସେହି ଜ୍ୱର ଯୋଗୁ ଅଶ୍ୱ ପ୍ରାଣ ବିସର୍ଜିଲା ॥
ଦିବା ଦୁଇ ଦଣ୍ଡ ଥିଲା ଦେହ ବିସର୍ଜିଲା । ରାତ୍ର ଦୁଇ ଦଣ୍ଡଠାରେ ସ୍ତ୍ରୀରୂପ ଧଇଲା ॥
ଦାସରାଜା ପାଶେ ଯାଇ କଲାକ ଗୋଦନ । ନାନା ଅଲଙ୍କାରମାନ ଶ୍ରୀଅଙ୍ଗେ ଖଞ୍ଜିଣ ॥
ରୁଣଝୁଣ ନୂପୁର ଯେ ପାଦଘାତେ କରି । ଉଚ୍ଚସ୍ୱରେ କାନ୍ଦିଲା ଯେ ସ୍ୱର୍ଗଅପସରୀ ॥
କୁଙ୍କୁମ କସ୍ତୁରୀ ଅଙ୍ଗେ ତନୁ ସୁବଳିତ । ପାଟ ଖଣ୍ଡୁଆ ଶାଢ଼ୀ ଯେ ଦିଶେ ସୁଶୋଭିତ ॥
ଗ୍ଲୋଟଣି ଜୁଡ଼ାକୁ ଶୋଭା ପୁଷ୍ପର ଝାଲରି । ମରୁଆ ମାଲତୀ ଫୁଲ ତହିଁ ଅଛି ବେଢ଼ି ॥
କର୍ପୂର କସ୍ତୁରୀ ଗନ୍ଧଅର୍ପିଲା ସୁବାସ । କେତକୀପାଖୁଡ଼ା ତହିଁ ଜୁଡ଼ା ଗୃହପାଶ ॥
ମଲ୍ଲୀ ଚମ୍ପା ତହିଁରେ ମାଲତୀମାଳ ବେଢ଼ା । ଅତି ଯତ୍ନ କରି ସେ ଯେ ବାନ୍ଧିଥାଏ ଜୁଡ଼ା ॥
କପାଳରେ ଶୋଭା ତାର ସିନ୍ଦୂରର ବିନ୍ଦୁ । ଲଲାଟପଟରେ ଯେସନେ ଉଇଁଥାଏ ଇନ୍ଦୁ ॥
କର୍ଣ୍ଣରେ ଝଟକେ ସେ ଯେ ସୁନ୍ଦର କୁଣ୍ଡଳ । ନୟନରେ ରଞ୍ଜିଥାଇ ସରୁ ଯେ କଜ୍ଜଳ ॥
ଭୁରୁ ଧନୁ ଆକାର ତା କ କାମକମାଣ । ଚାହିଁଲେ ମଦନଶରେ ଦହଇ ପରାଣ ॥
ନାସାର ବସଣୀ ପାଶେ ଗଜମୋତି ଥାଇ । ପାଚିଲା ବିମ୍ବ ପରାୟେ ଅଧର ଦିଶଇ । ୧୮ ।
କର୍ଣ୍ଣେ ସୁବର୍ଣ୍ଣର କାପ ଗଣ୍ଡେ ପଡି ତେଜ । ବେନି କର୍ଣ୍ଣରୁ କି ଖସି ପଡୁଥାଇ ସୂର୍ଯ୍ୟ ॥
ପାଚିଲା ଡ଼ାଳିମ୍ବୀଜ ଦନ୍ତ ଯେ ଦିଶଇ । ଢ଼ମାଳ କହିଲେ ଦନ୍ତ ଶୋଭା ପାଉଥାଇ ॥
ମରକତ ଗୃପସର ଗଳେ ବିରାଜଇ । ସୁବର୍ଣ୍ଣର କଣ୍ଠୀ ତହିଁ ତଳେ ଲମ୍ବିଥାଇ ॥
କନକ କୁଚକୁ ପାଟ କାଞ୍ଚୁଲା ବେଢାଣ । ବାହେ ବାଜୁବନ୍ଧ କରେ ବଳୟ କଙ୍କଣ ॥
କଟିରେ କିଙ୍କିଣି ସାଜେ ଘୁଙ୍ଗୁରର ମାଳ । କନକଲତା ଭେଦ ଥାଇ ତନୁ ତମାଳ ॥

ଝମକ ଝୁଣ୍ଟିଆ ପାଦେ ବଳାର ଶବଦ । ରୁଣୁଝୁଣୁ ନୂପୁରର ରମକଇ ନାଦ ।୨୮।
ଏମନ୍ତ ଭୂଷଣ ସେହି ସ୍ତ୍ରିଗିଚ୍ଛ ହୋଇଲା । ଦାସରାଜା ଛାମୁରେ ସେ ରୋଦନ ଯେ କଲା ॥
ଉଚ୍ଚସ୍ୱରେ ବାଶେଳୀ ଯେ କରଇ ରୋଦନ । କଣ୍ଠ ତା କୋକିଳ ସମ ଶୁଭେ ଘନ ଘନ ॥
ରୋଦନ୍ତେ ରାଜାଙ୍କ ସିଂହଆସନ କମ୍ପିଲା । ବୋଲେ ଆଜଠାରୁ ନାମ ଲୋପ ମୋ
ହୋଇଲା । ୨୯ ।
ଅହା ରେ ବିଧାତା କିମ୍ପା ଦେଲୁ କାହିଁପାଇଁ । ବାଶେଳୀ ବୋଲିଣ କିଏ ଡାକିବ ଗୋସାଇଁ ॥
କେତେ ସମ୍ବତ୍ସର ତୁମ୍ଭ ଘରେ ରହିଥିଲି । ତୁମ୍ଭଙ୍କୁ ପୃଷ୍ଠେ ବସାଇ ସଂସାର ଦେଖିଲି ॥
କେମନ୍ତ ପ୍ରକାରେ ମୋତେ ରକ୍ଷିବ ଗୋସାଇଁ । ତୁମ୍ଭର ସଙ୍ଗରୁ ମୁହିଁ ଛାଡିବଇଁ ନାହିଁ ।୩୦।
ତୁମ୍ଭର ସନ୍ତାନ ସଙ୍ଗେ ମୁହିଁ ବିହରିବ । ଖେଳ କଉତୁକେ ମୁଁ ଯେ ଦିନ ବିତାଇବ ॥
ଏତେ ସ୍ତୁତି ରାଜାଙ୍କୁ ବାଶେଳୀ ଯହୁଁ କଲା । ତାହାର ଚରିତ ଦେଖି ରାଜା ଯେ ପୁଚ୍ଛିଲା ॥
କାହୁଁ ତୁ ଆଇଲୁ ନାରୀ କାହାର ଦୁହିତା । ମୋ ଆଗରେ ପ୍ରକାଶିଲୁ ଏସନ ବାରତା ॥
ଶୁଣି ସେହୁ ବୋଲେ ଅଶ୍ୱ ବାଶେଳୀ ଯେ ମୁହିଁ । ଆଜ ଗୁରୁବାରେ ମୁହିଁ ପିଣ୍ଡ ଛାଡ଼ିଲଇଁ ॥
ଏହିପରି ବାଣୀ ଯହୁଁ ରାଜାଙ୍କୁ କହିଲା । ଶୁଣିକରି ରାଜନ ସେ ଆଚମ୍ବିତ ହେଲା ।୩୫।
ଚତୁର୍ଦ୍ଦଶ ଗୃହିଣୀ ସେ ବୁଦ୍ଧି ନ ସ୍ଫୁରଇ । ଦେବୀର ସ୍ୱରୂପ ଦେଖି ଭୟ ସେ କରଇ ॥
କିଛି ନ କହିଣ ସେ ଯେ ହୋଇଲା ମଉନ । ଅନ୍ତର୍ଗତେ ପ୍ରଭୁ ପାଦେ ଲଗାଇଲା ଧ୍ୟାନ ॥
ତେତେବେଳେ ମହାପ୍ରଭୁ ପ୍ରସନ୍ନ ହୋଇଲେ । ଯୋଡ଼ାର ବିଧାନ ଦାସରାଜାଙ୍କୁ କହିଲେ ॥
ଏ ତୋହର ବାଶେଳୀ ଯେ ସ୍ତ୍ରୀ ସ୍ୱରୂପ ହେଲା । ଅଶ୍ୱିନୀ ବାଶେଳୀ ବୋଲି ନାମ ଭଣାଇଲା ॥
ଦେହ ଛାଡି ତୋ ବାଶେଳୀ ଭ୍ରମଣ କରଇ । ତୋହର ସଂଗୋଡ଼ ଛାଡି କାହିଁ ଯିବ ନାହିଁ ॥
ତୋହର ଗୋଷ୍ଠରେ ଏ ଯେ ପୂଜା ପାଉଥିବ । ଚଇତ୍ରପୂର୍ଣ୍ଣିମୀଦିନ ଜନ୍ମଦିନ ହେବ । ୪୧ ।
ଏହାର ଯେ ଦିନ ବାର ଧରି ଦାସରାଜା । ଏ ଆଠବାର ମଧ୍ୟରେ କରି ଯାତ୍ରା ପୂଜା ॥
ବରଷରେ ଥରେ ତୁ ଯେ ଏହାଙ୍କୁ ପୂଜିବୁ । ଚଇତ୍ରପୂର୍ଣ୍ଣିମୀ ଦିନ ବଳଭୋଜା ଦେବୁ ॥
ଏବେ ରାଜା କାଷ୍ଠରେ ନିର୍ମାଣ ବେଗେ କରି । ମୁଣ୍ଡଗୋଟି ଗଢ଼ାଇବୁ ଅତି ଯତ୍ନ କରି ॥
ଏମନ୍ତ ବୋଲିଣ ପ୍ରଭୁ ତାଙ୍କୁ ଆଜ୍ଞା ଦେଲେ । ବିଶ୍ୱକର୍ମା ହୋଇ ମୁଣ୍ଡଗୋଟି ସେ ଗଢ଼ିଲେ ॥
କାଠି ବାଉଁଶ କରି ପଞ୍ଜୁରି କରିଣ । ପାଟପତନି ଅଙ୍ଗରେ ଦେଇ ଆଭରଣ ।୪୬।
ଅଶ୍ୱର ସଦୃଶ କାଷ୍ଠପିଣ୍ଡୁଳ ଯେ କଲେ । ଅଶ୍ୱିନୀବାଶେଳୀ ତହିଁ ବିଜେ କରାଇଲେ ॥
ଅଶ୍ୱିନୀବାଶେଳୀ ନିଜ ରୂପ ଛପାଇଲା । ଏହି କାଷ୍ଠପିଣ୍ଡୁଳରେ ପୂଜା ସେ ପାଇଲା ॥
ମହାପ୍ରଭୁ ସେ ଅଶ୍ୱକୁ ଦାସରାଜେ ଦେଲେ । ଏ ଅଶ୍ୱ ତୋହର ଇଷ୍ଟ ହୋଇଲା ବୋଇଲେ
କେଣୁକରି ଏହି ଅଶ୍ୱ ଇଷ୍ଟ ମୋ ଅଟଇ । ଆଦ୍ୟ ପ୍ରାନ୍ତ କରି ଭାଇ ଦେଲି ତୋତେ କହି
ମୋହ ବୋଲି କରି ତୁହି ଶବଦ ଉଚ୍ଚାର । ସଦଗୁରୁ ସେବିଥିଲେ ଅବର ପସ୍ତର ।୫୦।

ଅର୍ଦ୍ଧିନୀବାଶେଳୀ ମାତାଙ୍କର ଶ୍ରୀଚରଣ । କୈବର୍ତ୍ତ ଦାସରାଜା ଯେ ପଶିଲା ଶରଣ ॥

### ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ପ୍ରଭୁ ଶୁଣମା ଗୋସାଇଁ । ଚତୁର୍ଥ ସମ୍ବାଦ ସବୁ ଶୁଣିଲଇଁ ମୁହିଁ ।୧।
କାଷ୍ଠର ପିତୁଳ ତୁମ୍ଭେ ନିର୍ମାଣ ଯେ କଲ । ବାଶେଳୀକ ତହିଁରେ ସ୍ଥାପନା କରାଇଲ ॥
ଅଶ୍ୱର ସ୍ୱରୂପ ଛାଡ଼ି ମାନବ ହୋଇଲା । କେମନ୍ତ ପ୍ରକାରେ ସେ କାଷ୍ଠରେ ବିଶ୍ରାମିଲା ॥
ସେ ଅଶ୍ୱର ଏତେକ କରଣୀ କାହିଁ ଥିଲା । ପିଣ୍ଡ ଛାଡ଼ି ମାୟାନାରୀ ହୋଇ ବିହରିଲା ॥
ଏ କଥା ବିସ୍ତର ମୋତେ କହିବ ଗୋସାଇଁ । ତୁମ୍ଭର ଶ୍ରୀମୁଖୁଁ ଶୁଣି ପ୍ରତେ ଯିବ ମୁହିଁ ।୫।

### ଶ୍ରୀ ଭଗବାନ ଉବାଚ ।

ଶ୍ରୀହରି ବୋଇଲେ ଯାହା ପଚାରିଲୁ ବୀର । ସେହି ଅଶ୍ୱଗୋଟି ନଷ୍ଟପୁଷ୍ଟି ମୋହର ॥
ନିରାକାର କୋଳ କରି କାରୁଣ୍ୟରେ ଥିଲା । ତେଣୁକରି ମହାମାୟୀ ନାମ ବୋଲାଇଲା ॥
ମହାମାୟୀ ଅଷ୍ଟଭୁଜା ଚଣ୍ଡିକା ତୁ ଜାଣ । ମଙ୍ଗଳା ବୋଲିଣ ନାମ ହୋଇବ ବଖାଣ ॥
ନାନାପରକାରେ ରୂପ ହୋଇ ସେ ପାରଇ । ତାହାର କୋଳରେ ନିରାକାର ବିହରଇ ॥
ଆମ୍ଭ ଆଜ୍ଞା ପାଇ ଅଶ୍ୱ କାଷ୍ଠେ ବିଜେ କଲା । ଦେବୀର ସ୍ୱରୂପ ତହିଁ ଲୁଚାଇ ରଖିଲା ।୧୦।
ବିରାଟ ଅଙ୍ଗରୁ ଜାତ ଦେବକନ୍ୟା ଜାଣ । ସ୍ୱର୍ଗ ମର୍ତ୍ତ୍ୟ ପାତାଳେ ସେ କରଇ ଭ୍ରମଣ ॥
ଅର୍ଜ୍ଜୁନ ବୋଇଲେ ପ୍ରଭୁ ପାଇଲି ପରତେ । ଏବେ କହ ଅଶ୍ୱଯାତ୍ରା ବଢ଼ିଲା କେମନ୍ତେ ॥
ଚତୁର୍ଥ ସମ୍ବାଦ ଏବେ ହୋଇଲା ସମ୍ପୂର୍ଣ୍ଣ । ଭଣଇ ଅଚ୍ୟୁତ ଦାସ ରଖ ନାରାୟଣ ।୧୩।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ଦାସରାଜାଅଶ୍ୱଯାତ୍ରାଚରିତକଥନେ ଶ୍ରୀ ହରିଅର୍ଜ୍ଜୁନସମ୍ବାଦେ
ନାମ ଚତୁର୍ବିଂଶୋଽଧ୍ୟାୟଃ ।

---

## ପଞ୍ଚବିଂଶ ଅଧ୍ୟାୟ ।

### ଶ୍ରୀ ଭଗବାନ ଉବାଚ ।

ମର୍ତ୍ତ୍ୟମଣ୍ଡଳେ ସମ୍ବାଦ ଶୁଣ ହେ ଅର୍ଜ୍ଜୁନ । ପଚାରିଲ ଦାସରାଜା ରାଉତକୁ ପୁଣ ।୧।
ଶୁଣ ଶୁଣ ରାଉତ ହେ ପଚାରିଲୁଁ ତୋତେ । ଘୋଡ଼ାର ଉତ୍ତର କଥା କହିଦେଲୁ ମୋତେ
ଆଦ୍ୟ ପ୍ରାନ୍ତ କରି ଭିନ ସବୁ ଯେ କହିଲୁ । କଥାର ପରମସନ୍ଧି ଗୁପତେ ରଖିଲୁ ॥
କେତେ ଖଣ୍ଡ ଡ଼ମ୍ବରୁ ଅଶ୍ୱ ଦେହରେ ଥିଲା । କେତେ ନାଡିଛନ୍ଦେ ସେ ପୃଥିବୀ ଚିହ୍ନିଥିଲା ॥
କେତେ ଖଣ୍ଡ ପବ ତାର ଅଟଇ ଶରୀର । କେତେ ଗଣ୍ଠି ଉପରେ ବନ୍ଧନ କଳେବର ॥
କଥାର ଆଦିଅନ୍ତ ତୁ କହିବୁ ବୁଝାଇ । ମର୍ତ୍ତ୍ୟଶିରି ପବ ତାର ରହିଲାକ କାହିଁ ।୬।
କେତେ ଟଣ୍ଟ ନାଡ଼ି ସେ ଯେ କେମନ୍ତେ ହୋଇଲା । ମାତା ଗର୍ଭେ କେମନ୍ତେ ସେ ଉତପତ୍ତି ହେଲା

ଧର୍ମ ଯେ ତରଣ ତାର କେଉଁ ଲୋକ ନେଲା । ଚଉଁଆ ଷଣ୍ଡିକ ଅବା କାହିଁରେ ରହିଲା ॥
ଘୋଡ଼ାର ଯେ ଚଉଯାମା ଅଟଇ ଶରୀରେ । ସେ ଚଉଯାମା ରହିଲା କାହାର ଦେହରେ ॥
ସଦଗୁରୁ ସେବିଥିଲେ ଏହା କହିଦେବୁ । ନୋହିଲେ ତରଣ ଦନ୍ତେ ଶରଣ ପଶିବୁ ॥
ମୋର ବୋଲ କରଣ ତୁ ଶବଦ ଉଚ୍ଚାର । ଅଣିମା ବାଶେଲୀ ମାଙ୍କୁ କୋଟିନମସ୍କାର ।୧୧।

ଉତ୍ତର ।

ଶୁଣ ଶୁଣ ଭାଇମାନେ ଶୁଣ ତୁ ସିଂହାଣ । ଭୁହି ମୋତେ ପଚାରିଲୁ ଘୋଡ଼ା ବ୍ରହ୍ମଜ୍ଞାନ ॥
ମନଚଇତନ ଦେଇ ଶୁଣ ତୁ ରେ ଭାଇ । ପ୍ରଶ୍ନର ଉତ୍ତର ଏବେ କହିବଇଁ ମୁହିଁ ।୨।
ଠୂଳରୁ ଆସିଣ ବ୍ରହ୍ମ ଆପ ଦେହେଁ ପଶି । ଠୂଳଶୂନ୍ୟ ଶୂନ୍ୟ ପରେ ଏ ଦେହ ପ୍ରକାଶି ॥
ମାତା ଋତୁକାଳେ ହେଲା ପିତାର ସଙ୍ଗମ । ଶୂନ୍ୟରୁ ଖସିଲା ସେ ଯେ ବିନ୍ଦୁ ଏକ ଜାଣ ॥
ଶୂନ୍ୟରୁ ଖସିଣ ସେହୁ ଠୂଳରେ ପ୍ରବେଶ । ସେ ଠୂଳ ଶବଦ କର କଲ୍ପକ ଦ୍ୱାଦଶ ।୬।
ଶବଦ ଶୁଭନ୍ତେ ଯେ ପବନ ବଳେ ମିଳ । ଖୋଲ ଡ଼ମ୍ବରୁ ଦେଇ ସେ ଗଲାକ ବାହାର ॥
ମାତାର ଗର୍ଭ ମଧ୍ୟରେ ପଦ୍ମ ଫୁଟିଥିଲା । ତହିଁରେ ପାଣି ପବନ ଯାଇଣ ମିଶିଲା ॥
ବୀଜକୁ ଆବୋର ତହିଁ ରଜଟି ରହିଲା । ପଦ୍ମର ମଧ୍ୟରେ ସେହୁ ବଦ୍ଧ୍ୟମାନ ହେଲା ॥
ଖୋଲ ଡ଼ମ୍ବରୁ ଯେ ତହିଁ ହୋଇଲାକ ବାଡ଼ । ତହିଁରେ ଲାଗି ରହିଲା ବାଆସ୍ତର ନାଡ଼ ॥
ଶତେ ଅଣଗୃଶ ଶନ୍ଧ ତହିଁଟି ରହିଲା । ଆଠଶ ଅଠାଇଶ ଯେ ଗଣ୍ଠି ବୋଲାଇଲା ॥
କାଉଁରପାଟଣା ସେ ଯେ ପଶ୍ଚିମେ ତା ଦ୍ୱାର । ତହିଁ ଖେଳୁଥାଇ ସେ ପୁରୁଷ ନିରାକାର ॥
ଭେଦାଇ କହିଲୁଁ ତୋତେ ସାବଧାନେ ଶୁଣ । ନାଶି ଦେହକୁ ପୁରୁଷ ନ ଛୁଅଁଇ ପୁଣ ॥
ସେହି ଦ୍ୱାର ବାଟେ ଆତ୍ମା ଶୂନ୍ୟେ ଚଳିଗଲା । ମୃତଶବ ଗୋଟି ତହିଁ ପଡ଼ି ରହିଥିଲା ॥
ଶିରଗୋଟି ମହାପ୍ରଭୁ ଦାସଙ୍କେ ଦେଲେ । ମହେଶଙ୍କୁ ଷଣ୍ଡି ଡେଲିକାରେ ସମର୍ପିଲେ ॥
ପଚ୍ଛର ଚଉଁଆ ଷଣ୍ଡ ଗୁଡିଆ ଯେ ନେଲା । ଚଇତ୍ରପୂର୍ଣ୍ଣିମା ଦିନ ପୁଚ୍ଛ ପୂଜା କଲା ॥
ନଇଲକାଶି ସେ ମହେଶଙ୍କ ଷଣ୍ଡ ନେଇ । ଅତି ଯତ୍ନେ ପୂଜା କଲା କହିଲଇଁ ମୁହିଁ ॥
ଏହିମତି ଶୁଣ ଭୁହି ଅଶ୍ୱର ବିଚାର । ପୂର୍ବାପୂର୍ବ ଇଷ୍ଟ ତେଣୁ ଅଟେ ଯେ ଯାହାର ॥
ଧର୍ମଙ୍କୁ ଉତ୍ତର ପ୍ରଭୁ ମୋଚକୁ ସେ ଦେଲେ । କାଳକାର ଶଙ୍ଖ ରଖି ଧର୍ମ ପୂଜା କଲେ ॥
ମହେଶିଙ୍କି ଡ଼ମ୍ବରୁ ଯେ ରହିଗଲା ପୁଣ । ପ୍ରସନ୍ନେ ଈଶ୍ୱରଙ୍କୁ ତା ଦେଲେ ନାରାୟଣ ॥
ସେହି ଡ଼ମ୍ବରୁକୁ ତୋଷେ ଈଶ୍ୱର ଘେନଲେ । ତନଶ ବାସ୍ତର ନାଡ଼ି ତହିଁରେ କଷିଲେ ॥
ତହିଁରୁ ଆବର ଶେଷ ଥିଲା ଯେଉଁ ନାଡ଼ । ପାର୍ବତୀଙ୍କ ହସ୍ତେ ତାହା ଦେଲେ ତ୍ରିପୁରାର ॥
ପାର୍ବତୀ ନେଇଣ ତାକୁ ମୃଦଙ୍ଗ ଭିଡ଼ିଲେ । ଡିବିଡିବି ଡ଼ମ୍ବରୁ ଈଶ୍ୱର ବଜାଇଲେ ।୨୨।
ସେ ଡ଼ମ୍ବରୁ ଈଶ୍ୱର ଯେ କରନ୍ତେଣ ନାଦ । ଭୂତ ପ୍ରେତ ପିଶାଚଙ୍କୁ ପଡ଼ିଲା ପ୍ରମାଦ ॥
ଆବର ସେତେକ ତାର ଅସ୍ଥି ଚର୍ମ ଥିଲା । ଧରଣୀରେ ସେମାନ ଯେ ସମ୍ପାଦିତ ହେଲା ॥

ଏଣୁକରି ଏ ଘୋଡାର ଯାଦ ପାଣି ନାହିଁ । ଅଙ୍ଗମାନ ଯେନ ମୁହିଁ ଭ୍ରମଣ କରଇ ।୨୮।
ଏହି ଘୋଡ଼ାର ଯେବଣ ଚଉଯାମା ଥିଲା । ନାଃଟରେ ବୈଷ୍ଣବ ତାଙ୍କୁ ଖୋଲି କନ୍ଥା କଲା ॥
ଏହି ଅଶ୍ୱଗୋଟି ମୋର ଇଷ୍ଟ ଯେ ବୋଲାଇ । ଆଦ୍ୟ ପ୍ରାନ୍ତ କରି ତୋତେ କହିଦେଲି ଯେଇ
ମୋଇ ବୋଲ କରଣ ଭୁ ଶବଦ ଉଚ୍ଚାର । ସଦଗୁରୁ ସେବଥିଲେ ଆଉ କ ପଗୃର ॥
ଏତେ ବୋଲଣ ରହିଚ ବାଶେଲୀ ଚରଣ । କଇବର୍ତ୍ତ ଦାସରାଜା ପଶିଲା ଶରଣ । ୨୯ ।

ଶ୍ରୀ ଭଗବାନ ଉବାଚ ।

ଶୁଣିଲୁ କ ଅର୍ଜ୍ଜୁନ ହେ ଅଶ୍ୱଯାହା ବଧି । ଏସନ ପ୍ରକାରେ ଅଶ୍ୱଯାହା ହେଲା ସିଦ୍ଧି ॥
ଶାଢ଼ୀ ଘୁନାବଲା ରାଜା ପାହଠାରୁ ଦାଇ । ଏହିମତ ଅଷ୍ଟାଦନ ଯାହା ସେ କରଇ ॥
ଅର୍ଜ୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । କାଷ୍ଠ ଅଶ୍ୱଗୋଟିକ ଯେ କାହିଁରେ ରହଇ ॥
ଶ୍ରୀହରି ବୋଇଲେ ତାହା ଶୁଣ ଭୁ ଅର୍ଜ୍ଜୁନ । ସେ ଅଶ୍ୱର ଯାହା ଶେଷ ଅଷ୍ଟାଦନେ ଜାଣ ॥
ତାହାର ମଣ୍ଡରେ ତାଙ୍କୁ ନଇବେଦ୍ୟ ଦ୍ୟନ୍ତି । ଶିରଗୋଟି ଉତ୍ତର ଘରେ ନେଇ ଥୁଅନ୍ତି ॥
ଅଥବା ଜଲରେ ତାଙ୍କୁ ଉଭେଲଣ ଦେବ । ବରଷକେ ପୁଣି ନୂଆ ମୁଣ୍ଡ ଗଢ଼ାଇବ । ୬ ।
ତଷ୍ଟରେ ପଞ୍ଜଶି ଖୋଲି ଜଲରେ ପକାଇ । ଏହି ବଧିମତ ଯେ ଯତନେ କରୁଥାଇ ॥
ନସ୍ତ୍ରକାର ଅଙ୍ଗୁ ଏ ବାଶେଲୀ ଅଟେ ଜାଣ । ଏହାଙ୍କୁ ପୂଜିଲେ ପାଇ ବଇକୁଣ୍ଠେ ସ୍ଥାନ ॥
ନିଜ ରୂପ ଲୁଗ୍ନଇ ସେ କାଷ୍ଠେ ଅଛୁ ରହି । ଭକ୍ତି କରି ପୂଜିଲେ ଦେଖିବ ମହାମାୟୀ ॥
ମାନସିକ କରି ଯେହୁ ବାଶେଲୀ ପୂଜିବ । ଅପୁତ୍ରିକ ହୋଇଥିଲେ ପୁତ୍ର ସେ ଲଭିବ ॥
ଛନି ଲକ୍ଷ ଛନି ମାସ ଛନି ବରଷରେ । ଅପୂର୍ବ ନନ୍ଦନ ତାର ମିଳିବ କୋଳରେ ॥
ଧନ ଜନ ସମ୍ପତ୍ତି ତା ବଢ଼ଇ ଅବଶ୍ୟ । ବନ୍ଧ୍ୟାସ୍ତ୍ରିଶି ହୋଇଥିଲେ ହୁଏ ଗର୍ଭବାସ ॥
କୁଳଭୂଆଶୁଣୀ ଯେବେ ମଡ଼ିଛୁ ଅଟଇ । ସୂର୍ଯ୍ୟଘରେ ମଙ୍ଗଳ ତାହାର ହୋଇଥାଇ ॥
ଋତୁକାଳେ ସ୍ନାନ ସେହୁ ସାରଣ ଅବଳା । ଭକତି କରିବ ଦେଇ ଗନ୍ଧ ଯେ ଅର୍ପିଲା ॥
ବାଶେଲୀମାତାଙ୍କଠାରେ ମନାସ ସେ କରି । ଯତନରେ ସ୍ନାନ ତାଙ୍କୁ କରାଇ ସେ ନାରୀ ॥
ସେହି ଜଲରୁ ଟୋପିଏ ଯରଣ ପିଇବ । ପୁଣି ସେହି ଜଲ ଯେନ ସ୍ନାନ ସେ କରିବ ॥
ଛନମାସେ ମଡଛୁର ଦୋଷ କ୍ଷୟ ପାଇ । ମୋହର ବଚନ ଶୁଣ ଯୁଧିଷ୍ଠିର ଭାଇ ।୧୭।
ଗର୍ବପଣ କରି ଯେହୁ ଇଷ୍ଟ ନ ମାନିବ । ଶ୍ରୀକୃଷ୍ଣଙ୍କ ପଦ୍ମପାଦେ ଦୋରେହା ହୋଇବ ॥
ଦୁଃଖିହିଁ ଦୁଃଖୀ ହୁଏ ସେ ନ ମିଳଇ ଅନ୍ନ । ଅନ୍ଧକୂପେ ପଡ଼େ ପୁଣି ନରକେ ପତନ ॥
ଆଉ ଦୁଃଖମାନ ତାର କସ ଅବା ଲେଖି । ସେ ଲୋକମାନଙ୍କୁ ପାଥ ନୟନେ ନ ଦେଖି ॥
ଅଭାଗ୍ୟରୁ ଯାହା ଭୁ ଏ ଶାସ୍ତ୍ର ନ ମିଳଇ । ଇଷ୍ଟ ଗୋହ ନ ପୂଜେ ସେ ଅନ୍ଧ ପ୍ରାୟ ହୋଇ
କୁଳଧର୍ମ ଆଚରଣ ଏ ଶାସ୍ତ୍ର ଅଟଇ । କୁଳଗୋହ ପୂଜିଲେ ସେ ପାପୁଁ ନିସ୍ତରଇ ॥
କୁଳଧର୍ମ ଅର୍ଥେ ବ୍ରହ୍ମା ଋଗ୍‌ବେଦ କଲା । ବେଦବାକ୍ୟ ପ୍ରମାଣ ସେ ସଂସାରକୁ ଦେଲା ॥

ଶ୍ରୁତିବେଦୁଁ ଏହୁ ହେଲା ଗୀତ ବାକ୍ୟସାର । ଭଣଇ ଅଚ୍ୟୁତ ଦାସ ପ୍ରଭୁ ରକ୍ଷା କର ॥

ଇତି ଶ୍ରୀ କୈବର୍ତ୍ତଗୀତାସୂ୍ୟ ବୈୟୂସିକ୍ୟାଂ ପାରମହଂସସଂହିତାୟାଂ ଅଧ୍ୟାତ୍ମ-
ତତ୍ତ୍ୱ କଥନେ ଶ୍ରୀ ହରିଅର୍ଜ୍ଜୁନସମ୍ବାଦେ ନାମ ପଞ୍ଚବିଂଶୋଽଧ୍ୟାୟଃ ।

---

## ପଞ୍ଚବିଂଶ ଅଧ୍ୟାୟ ।

### ଅର୍ଜ୍ଜୁନ ଉବାଚ ।

ଅର୍ଜ୍ଜୁନ ବୋଇଲେ ପ୍ରଭୋ ଶୁଣିମା ଗୋସାଇଁ । ସବୁଦିନେ ସମତୁଲ ହେବ ଅବା କାହିଁ ॥
ଦାସରାଜା ଜାତି ହୋଇ ତୁମ୍ଭଠାରୁ ପୁଣ । ରାଜାଘରେ ବଢ଼ ସେହୁ କଲାକ ଏମାନ ॥
ଗୋତ୍ର ବଧି ପୂଜଣ ସେ ଯାହା ଉଥାଇଲା । ତେଣୁକରି ବଇକୁଣ୍ଠ ଭୁବନ ପାଇଲା ॥
କେମନ୍ତ ପ୍ରକାରେ ସେହୁ ଇଷ୍ଟ ଶାନ୍ତ ହୋଇ । ଏଥିର ବିଧାନ ମୋତେ କହିବ ବୁଝାଇ ॥

### ଶ୍ରୀ ଭଗବାନ ଉବାଚ ।

ଶ୍ରୀହରି ବୋଇଲେ ବାବୁ ଶୁଣ ତୁ ଅର୍ଜ୍ଜୁନ । ପୂଜାର ବିଧାନ ଯାହା ପଚାରିଲୁ ପୁଣ । ୫ ।
ଚକ୍ରିର ମୁଣ୍ଡରେ ଅଣ୍ଡ ମୁଣ୍ଡକୁ ସ୍ଥାପିବ । ଅଶ୍ୱିନୀ ବାସେଲୀ ପୂଜା ତହିଁ ସେ କରିବ ॥
ଏକା ସେ ପୂର୍ଣ୍ଣିମୀଦିନ ପୂଜିବନ୍ତି ଯେବେ । ଅଶ୍ୱିନୀ ବାସେଲୀ ଶାନ୍ତ ହୋଇବେ ତେବେ
ଅର୍ଜ୍ଜୁନ ବୋଇଲେ ପ୍ରଭୁ ଶୁଣିମା ଗୋସାଇଁ । ଗର୍ବପଣ କରି ଯେହୁ ଇଷ୍ଟ ନ ମାନଇ ॥
ସେ ଲୋକମାନଙ୍କୁ ଦଣ୍ଡ କପରି ହୁଅଇ । ପ୍ରସନ୍ନ ହୋଇଣ ଏହା ଦୟା ମୋତେ କହ ॥
ଶ୍ରୀହରି ବୋଇଲେ ଶୁଣ ପଣ୍ଡୁର ନନ୍ଦନ । ଇଷ୍ଟ ଗୋତ୍ର ନ ମାନଇ ଯେଉଁ ଜନ ପୁଣ ॥
ସାତଜନ୍ମ ଯାଏ ତାର ପାଦ ବ୍ୟାଧି ହୋଇ । ତହୁଁ ସେ ସଂସାରୁ ଯାଇ ନର୍କରେ ପଡ଼ଇ ॥
ଯେଉଁ ମୁଖେ ନିନ୍ଦଇ ସେ ମୁଖ ନ ଫିଟଇ । ଏମନ୍ତ ନୋହିଲେ ତାର ଚକ୍ଷୁ ଫୁଟି ଯାଇ ॥
ଅର୍ଜ୍ଜୁନ ବୋଇଲେ ପ୍ରଭୁ କରୁଛି ବିନୟ । କେଉଁ କର୍ମ କଲେ ସେ ପତିତ ହୋଇ ପୁଣ
ଶ୍ରୀହରି ବୋଇଲେ ତୁମ୍ଭେ ସାବଧାନେ ଶୁଣ । ଅଗମ୍ୟରେ ଯେଉଁ ଲୋକ କରଇ ଭ୍ରମଣ ॥
ଅଭିଳାଷ କର୍ମରେ ଯା ଥିବ ତା ହୋଇବ । ସାତ ପାଞ୍ଚ ଭାଇ ମେଳେ ଚଣ୍ଡାଳ ହୋଇବ ॥
ଅଥବା ଅଚ୍ଛବ ସଙ୍ଗେ କରିବ ବେଭାର । ନାଶ ସେ ଅନାଶ ସବୁ ଏହାର ମଧ୍ୟେ ॥
ଅସ୍ପୃଶ୍ୟ ଜନେ ଯେହୁ ସ୍ପର୍ଶ କରନ୍ତି । ଏମନ୍ତେଣ ଜାତି କୁଳେ ଚଣ୍ଡାଳ ହୁଅଇ ॥
ଜାତି କୁଳ ତହୁଁ ଆଉ ନାହିଁ ଉଦ୍ଧାରଣ । ମନୁଷ୍ୟ ଜନ୍ମର ବିଧି ବିଧାତା ଭିଆଣ ॥
ଅର୍ଜ୍ଜୁନ ବୋଇଲେ ପ୍ରଭୁ ଶୁଣ ଭଗବାନ । ସେ ଲୋକ କେମନ୍ତେ ପୁଣି ହେବ ପରିତ୍ରାଣ
ଏହାର ଉଦ୍ଧାର ପଥ କହ ହେ ବୁଝାଇ । ଶ୍ରୀମୁଖ ବଚନ ଶୁଣି ପ୍ରତେ ଯିବ ମୁହିଁ ।୧୦।
ଜାତି ଭାଇ ମେଳେ ଯେହୁ ଅଚ୍ଛବ ହୋଇଲା । ତାହା ଘରେ ଅନ୍ନ ପାଣି କେହି ନ ଭକ୍ଷିଲା ॥

କେମନ୍ତେ ସେ ଜାତି ମେଳେ ବସିବ ଗୋସାଇଁ । ଏହାର ଯେ ଆଦ୍ୟ ପ୍ରାନ୍ତ କହନ୍ତୁ ବୁଝାଇ ॥
ଶ୍ରୀହରି ବୋଲନ୍ତି ଶୁଣ ଯୁଧିଷ୍ଠିର ଭାଇ । ଦାସରାଜା ବଂଶ କଥା ତୋ ଆଗେ କହଇ
ଦାସରାଜା ବଂଶ ଯେ ବଢିଲେ ଅପ୍ରମିତ । ସପ୍ତଦ୍ୱୀପା ପୃଥିବୀରେ ହୋଇଲେ ବିଖ୍ୟାତ ॥
ଜ୍ୟେଷ୍ଠପୁତ୍ର ନରେନ୍ଦ୍ର ତା ରାଜପଣ କଲା । ତାହାର କନିଷ୍ଠଭାଇ ଧୀବର ଥିଲା ।୪୫।
କୈବର୍ତ୍ତ ବୈଷ୍ଣବ ନାମ ସର୍ବେ ଉଚ୍ଚାରିଲେ । ଗୁରୁସମ୍ପ୍ରଦା ମିଳଣ ହରିଧ୍ୱନି କଲେ ॥
ଧୀବର ଦାସ ବୋଲି ନାମ ଭଣାଇଲେ । ଏହିମତେ ତହିଁ ଦାନ ଧର୍ମ ବହୁ କଲେ ॥
ଜାତିଷ୍ଠ କଇବର୍ତ୍ତ ବଇଷ୍ଣବଟି ସେହି । ଏହି ଶାସ୍ତ୍ର ଗୋତ୍ର ବିଧି ବିଖ୍ୟାତ କରଇ ॥
ସବୁବେଳେ ମୋହଠାରେ ସେହୁ ଚିତ୍ତ ଦେଇ । ଅମୋକ୍ଷଜନମାନଙ୍କୁ ମୋକ୍ଷ ସେ କରାଇ
ଏହିମତେ କେତେକ ବରଷ ତହିଁ ଗଲା । ରାଜାର ବଂଶରେ ଆସି କଳଙ୍କ ଲାଗିଲା ॥
ଅନ୍ୟ ଅନ୍ୟ ଜନେ ତହିଁ ହେଲେ ଦୁରାଗ୍ରହୀ । ଅଚ୍ଛବ ସ୍ତ୍ରୀଙ୍କ ସଙ୍ଗ ଅଭିଳାଷ କରି ।୪୬।
ଜ୍ୟେଷ୍ଠଭାଇ କନିଷ୍ଠ ଭ୍ରାତାର ସ୍ତ୍ରୀ ସଙ୍ଗ । ଅତ୍ୟାସ୍ତରେ ମାତିଲେ ଯେ କରି ବିଧିଭଙ୍ଗ
ଏହି ପରକାରେ ଜନେ ଅନେକ ହୋଇଲେ । ବିଟାଳିଆ ହୋଇଣ ସେ ଅମୋକ୍ଷେ ରହିଲେ
ସେମାନଙ୍କ ଉଦ୍ଧାର କରିବା କଥା ଶୁଣ । ଯେମନ୍ତ ପ୍ରକାରେ ସେ ଯେ ଲଭିଲେ କାରଣ
ଧୀବର ବଇଷ୍ଣବେ ମୁଁ ଯେ ଶାଢ଼ୀ ଦେଇ । ଆଡ଼ିତିଆପଣେ ତହିଁ ଜଣଙ୍କୁ ବସାଇ ॥
ଶାଢ଼ୀ ବାନ୍ଧିଲା ବୈଷ୍ଣବ ତାହାର ଶିରରେ । ଆଡ଼ିତିଆ ବୋଲି କରି ବୋଇଲେ ଜାତିରେ
ସେ ଆଡ଼ିତିଆ ପଢିତେ କରଇ କାରଣ । ପୂର୍ବେ ଯେଉଁ ସାକ୍ଷୀ ମୁହିଁ ଦେଇଥିଲି ପୁଣ ॥
ପଢିତ ଅଟଇ ଯେହୁ ତୀର୍ଥମାର୍ଗେ ଯାଇ । ସ୍ନାନ ତର୍ପଣ ସାରି ସେ ଶୁଦ୍ଧମନ୍ତ ହୋଇ ॥
ଆଡ଼ିତିଆ ସନ୍ନିଧରେ ତାହାଙ୍କୁ ବସାଇ । ଅତି ଅଗମ୍ୟରେ ସେହୁ ଯେବେ ଯାଇଥାଇ
ଶୁଣ ହୋ ଅର୍ଜୁନ ଆଡ଼ିତିଆ ଯାହା କରେ । ବେଦ ଗୋଟିଏକ ସ୍ଥାପି କଳଶ ତହିଁରେ ॥
ପଞ୍ଚମୁରୁଜେ କଳଶ ସ୍ଥାପିଲା ବିଧିରେ । ତଣ୍ଡୁଳର ଆଣ ତହିଁ ସିନ୍ଦୂର ବିନ୍ଦୁରେ ॥
କଜ୍ଜଳର ବିନ୍ଦୁ ତହିଁ ପାଶରେ ଦେଇଣି । ଅଗ୍ରୁଠର ଜଳ ଭରି କଳଶ ଗର୍ଭେଣ ।୪୭।
ତୁଳସୀର ପତ୍ର ରଖେ କଳଶ ଭିତରେ । ସୁପାରି ଗୋଟିଏ ପୁଣି ତହିଁ ସଙ୍ଗତରେ ॥
ଉପରେ ରସାଳଡାଳ ଗୋଟିଏ ରଖଇ । ପିପଳପଇଡ଼ ଗୋଟି ତଥି ପରେ ଥୋଇ ॥
ପଞ୍ଚମୁଖେ ପଞ୍ଚଗୋଟି ଭଣ୍ଡୀ ଯେ ରଖିଣ । ଜବାପୁଷ୍ପ ହାର ତହିଁ ଦେଇ ଆଭରଣ ॥
ଚନ୍ଦନ କର୍ପୂର ଝୁଣା ଗୁଗୁଳ ମିଶାଇ । ଏହି ଦ୍ରବ୍ୟମାନନ୍ତ ଯେ ତହିଁ ଧୂପ ଦେଇ ॥
କଳଶକୁ ଦେବତାଙ୍କୁ ଅର୍ଚ୍ଚନା କରାଇ । ସ୍ତବ ସ୍ତୁତି ପଢିଣ ଯେ ତାହାଙ୍କୁ ଆଣଇ ॥
ପୂରୁବ ପଶ୍ଚିମ ପୁଣି ଉତ୍ତର ଦକ୍ଷିଣ । ଗୃହଦେବ ଗୃହଦଗଲୁ ଆଦିଣ ପୁଣ । ୪୮ ।
କଳଶରେ ଆସି ସେହୁ ବିଶ୍ରାମ କରିବେ । ଦେବତାମାନେ ତହିଁରେ ପୂଜା ଯେ ପାଇବେ
ସେ କଳଶ ପାଣି ତହୁଁ ଦେବାଳ ହୁଅଇ । ସେହି ଜଳେ ସ୍ନାନ କଲେ ସର୍ବ ପାପ ଯାଇ ॥

## ଦେବତାଙ୍କ ଅର୍ଚ୍ଚନା ଶବ୍ଦ ।

ପୂର୍ବେ ବନ୍ଦେ କର ମାଗୋ ଦୁର୍ଗା ମହାମାୟି । ଉତ୍ତର ଭଣ୍ଡାରେ ଭଗବତୀ ବନ୍ଦେ ହୋଇ ॥
ପଶ୍ଚିମ ଭଣ୍ଡାରରେ ଯେ ଦେବୀ ଜାଗୁଲାଇ । ଦକ୍ଷିଣରେ ଚଣ୍ଡିକା କାଳିକା ମହାମାୟୀ ॥
ମଧ୍ୟ ଭଣ୍ଡାରରେ ବନ୍ଦେ କର ଗୋ ପାର୍ବତି । ପଞ୍ଚମ ଭଣ୍ଡାରେ ବସ ପଞ୍ଚମ ମୂରତି । ୫୩ ।
ଚଣ୍ଡୀ ଗ୍ରାମଣ୍ଡୀମାନଙ୍କୁ ଘେନିଣ ସଙ୍ଗରେ । ଆସି ବନ୍ଦେ କର ମା ଗୋ କଳଶ ଭଣ୍ଡାରେ ॥

ନମୋ ନମୋ ନମସ୍ତେ—ଏହା ପଢ଼ି ଦେବତାଙ୍କୁ ସ୍ଥାପନ କରିବ । ସେ କଳଶଙ୍କୁ ନୈବେଦ୍ୟ ଦେବ । ଛେନାପଣା, ପାଚିଲାକଦଳୀ, ପାଞ୍ଚ ଗୋଟି ଆରିଷାପିଠା, ପାଞ୍ଚ ଗୋଟି ଚକୁଳିପିଠା, ପାଞ୍ଚଠେଇ ବସାଦହି, ଘୃତ, ମଧୁ ଏକତ୍ର କରିବ । ପୁଷ୍ପ ପାଣି ଘେନି ଠିଆ ହେବ । ଦକ୍ଷିଣ ହସ୍ତରେ ଜଳ ଧରିବ, ବାମହସ୍ତ ଘୋଡ଼ାଇ ହୃଦୟଠାରେ ଧରିବ । ଦଶାକ୍ଷର ମନ୍ତ୍ର ଜପି ନୈବେଦ୍ୟ ଦେବ । ଓଁ କ୍ଲୀଁ ଶ୍ରୀଁ ହ୍ରୀଁ ମନ୍ତ୍ରରେ ପାଣି ଛଡ଼ାଇଦେବ ।

ତହିଁ ଉତ୍ତାରେ ମହାକାଳ, ନାଗମଣି, ଶ୍ୱେତଦୂବ, ଶ୍ୱେତକୋଇଲଖିଆ, ଶ୍ୱେତହୁହୁରା, ଶ୍ୱେତମନ୍ଦାର, ହଳଦୀ ଏ ସମସ୍ତ ବାଟିଲ ଅସରା ବାଛୁରୀ ଗୋବର ସଙ୍ଗେ ମିଶାଇ ଦେହରେ ଲଗାଇବ । ସେହି କଳଶପାଣିରେ ପତିପତ୍ନୀ ଦୁହେଁ ଅଭୁଠରେ ସ୍ନାନ କରିବେ । ସେଠାରୁ ଆସି ସେ ଦୁହେଁ ବେଦୀଠାରେ ବସିବେ । ଶୁଷ୍କକାଷ୍ଠରେ ଘୃତ ଦେଇ ହୋମ ମନ୍ତ୍ର ଉଚ୍ଚାରଣ କରି ବେଦୀ ପାଖରେ ହୋମ କରିବ ।

ଶ୍ରୀ ଅଣାକାର ବ୍ରହ୍ମଅଗ୍ନି ସହସ୍ରାଂଶୁ ତେଜସ୍ୱିଶୋ ଜଗତ୍ପତେ ଅନୁକମ୍ପାୟ ମାଂ ଭକ୍ତ୍ୟା ଶ୍ରୀ ବ୍ରହ୍ମଅଗ୍ନି ଘୃତାୟ ସ୍ୱାହା । ଏ ମନ୍ତ୍ର ପଢ଼ି ହୋମ କରିବ । ଯେ ଶେଷଘୃତ ରହିବ ତାହା ତୁଳସୀପତ୍ର ସଙ୍ଗେ ଖାଇବାକୁ ପତିପତ୍ନୀଙ୍କୁ ଦେବ । ତେବେ ସେ ପାପରୁ ମୋକ୍ଷ ହୋଇଯାଏ ।

କଳଶରେ ନୂତନବସ୍ତ୍ର ଦେଇ ପୂଜା କରିବ ଓ ନୂତନ ବସ୍ତ୍ର ପିନ୍ଧି ହୋମ କରିବ । ସନ୍ଧ୍ୟାସମୟରେ ପୁଷ୍ପ କଳଶ ନେଇ ଜଳରେ ଉତେଇ ଦେବ ।

## ଗୀତ ।

ବନ୍ଧୁ କୁଟୁମ୍ବ ଭାଇଙ୍କୁ ଭୋଜନ ସେ ଦେଇ । ଦୋଷ କ୍ଷୟ ପାଇ ତାର ସଭାରେ ବସଇ ॥
ଶୁଣିଲୁ କି ଅର୍ଜୁନ ହୋ ଦାସରାଜା କଥା । ଆଜନ୍ମକାଳରୁ ତାର ଯେତେକ ବ୍ୟବସ୍ଥା ॥
ଏହିମତି ପତିତ ଯେ ଉଦ୍ଧାର ହୁଅଇ । ତେବେ ସେହି ରାଜବଂଶେ ଆତଯାତ ହୋଇ । ୫୭ ।
ମଣ୍ଡଳର ବୀରବର ଦାସଙ୍କୁ ପୂଜନ୍ତି । ବୀରବର ବୋଲି ତାଙ୍କୁ ସଭାରେ ବୋଲନ୍ତି ॥
ଏହିମତି ଜନ୍ମେ ଜନ୍ମେ ହୋଇ ଆତଯାତ । କଇବର୍ତ୍ତ ନାମ ବୋଲି ସଂସାରେ ବିଖ୍ୟାତ ॥
ଏହିରୂପେ ଜନ୍ମେ ଜନ୍ମେ ତାର ବଂଶେ ଅଛୁ । ପତିତର ଉଦ୍ଧାର କହିଲୁଁ ପଣ୍ଡୁବଂଶି । ୬୦ ।

ଶୁଣିଣ ସନ୍ତୋଷ ଲଭି ପଣ୍ଡୁର ଦୁଲାଲ । କୋଟି ପ୍ରଣମି ଶ୍ରୀକୃଷ୍ଣ ଚରଣ-କମଳ ॥
ଅର୍ଜୁନ ବୋଇଲେ ପ୍ରଭୋ ପାଇଲି କାରଣ । ଅଚ୍ୟୁତାନନ୍ଦ ଶରଣ ଶ୍ରୀକୃଷ୍ଣଚରଣ ।୬୨।

ଇତି ଶ୍ରୀ କୈବର୍ତ୍ତଗୀତାୟାଂ ବୈୟାସିକ୍ୟାଂ ପାରମହଂସସଂହିତାୟାଂ
ଦାସଗ୍ରାଜାଚରିତେ ପତିତଜନନିସ୍ତାରଣକଥନେ ଶ୍ରୀହରି-
ଅର୍ଜୁନସମ୍ବାଦେ ନାମ ଷଡ୍‌ବିଂଶୋଽଧ୍ୟାୟଃ ।

ସମାପ୍ତ

Printed by V. Kar, The U. S. Press, Cuttack.

National Library,

# ବିଜ୍ଞାପନ ।

(୧) କର୍ମବିପାକ ମୂଲ୍ୟ ଟ ୧ ।

ଭୃଗୁମହର୍ଷିଙ୍କ ପ୍ରଣୀତ ।

କେଉଁ ପାପରୁ କେଉଁ ରୋଗ ଜାତ ହୁଏ ଏବଂ କି ପ୍ରାୟଶ୍ଚିତ୍ତ କଲେ ସେହି ରୋଗ ଭ ହୁଏ ଇତ୍ୟାଦି ବିଷୟମାନ ଉକ୍ତ ପୁସ୍ତକରେ ବିଶଦରୂପେ ବର୍ଣ୍ଣିତ ଅଛି ।

(୨) ରସରାମାୟଣମଞ୍ଜରୀ ମୂଲ୍ୟ ଟ ୧ ଙ୍କା

ଛାନ୍ଦବନ୍ଦୀରେ ରାମଚରିତ ସୁନ୍ଦରରୂପେ ବର୍ଣ୍ଣିତ ଅଛି । ଏଥିରେ ଯାହା ହୋଇ ପାରେ

(୩) ଶାରଙ୍ଗଧର ମୂଲ୍ୟ ଟ ୧ ଙ୍କା

ଏହା ଗୋଟିଏ ଉତ୍ତମ ଚିକିତ୍ସାଗ୍ରନ୍ଥ । ପ୍ରତ୍ୟେକ ଗୃହସ୍ଥ ଖଣ୍ଡେ ଖଣ୍ଡେ ପୁସ୍ତ ରଖିବା ଉଚିତ ।

(୪) ଇତିହାସ ସମୁଚ୍ଚୟ ମୂଲ୍ୟ ଟ ୦ ୷

ଅପୂର୍ବ ଆଖ୍ୟାନମାନ ସୁଲଳିତ ସଂସ୍କୃତଭାଷାରେ ବର୍ଣ୍ଣିତ ଅଛି ଏଥିରେ ଉତ୍ତମରୂ ନୀତିଶିକ୍ଷା ହୋଇ ପାରିବ । ସଂସ୍କୃତ ବିଦ୍ୟାଳୟମାନଙ୍କରେ ପାଠଯୋଗ୍ୟ ପୁସ୍ତକ ଅଟେ ।

(୫) କାଣ୍ୱସଂହିତା (୪୧ ଶା ମନ୍ତ୍ର) ତଳକୋଡ଼ୀ ଓ ଉପରକୋଡ଼ୀ ମୂଲ୍ୟ ଟ ୦ ୳

(୬) ବେଦାନ୍ତସାର ଗୁପ୍ତଗୀତା ମୂଲ୍ୟ ଟ ୦ ୳

ଧର୍ମଭାବଉଦ୍ଦୀପକ ଗ୍ରନ୍ଥ । ଏଥିରେ ସ୍ୱର୍ଗପୁରର ବର୍ଣ୍ଣନା ପଢ଼ିଲେ ମୋହିତ ହେବ ।

(୭) ପ୍ରାଚୀମାହାତ୍ମ୍ୟ ମୂଲ୍ୟ ଟ ୦ ୳

ପ୍ରାଚୀନଦୀ ଓଡ଼ିଶାରେ ତୀର୍ଥରୂପେ ମାନନୀୟା ଏହି ଗ୍ରନ୍ଥ ପାଠ କଲେ ହୃଦୟରେ ଆନନ୍ଦ ଓ ଭକ୍ତିରସ ଉଚ୍ଛୁଳ ପଡ଼ିବ । ବିଶେଷତଃ ତ୍ରିବେଣୀଶ୍ୱର, ଶୋଭନେଶ୍ୱର, ରାମେଶ୍ୱର, ନୀଳମାଧବ, ମଙ୍ଗଳା ଓ କୋଣାର୍କର ବିବରଣ ଏବଂ ପୁରୁରବା ତୀର୍ଥର ମହିମାବର୍ଣ୍ଣନ ଓ ଦଶରଥଙ୍କର ପିଣ୍ଡଗ୍ରହଣ ପ୍ରଭୃତି ବିଷୟମାନ ମନୋମୁଗ୍ଧକର ।

ପ୍ରାପ୍ତିସ୍ଥାନ—କଟକ ଅରୁଣୋଦୟ ପ୍ରେସ ପୁସ୍ତକାଳୟ, ବାଲୁବଜାର, କଟକ ।

ମହାଲକ୍ଷ୍ମୀ ଭଣ୍ଡାର
ପ୍ରୋପ୍ରାଇଟର:-ଶ୍ରୀ ଗୌରଚନ୍ଦ୍ର ଦାସ
ଅଭିନ୍ନ ନିବାସ